ISSN-0971-8397

# ଯୋଜନା

ଅକ୍ଟୋବର ୨୦୧୭ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା






## ନବ ଭାରତ

**ଫୋକସ୍**

### ଏକ ସ୍ୱଚ୍ଛ ଭାରତ ସୃଷ୍ଟି ଦିଗରେ
ପରମେଶ୍ୱର ଆୟର

### ଜାତିବାଦ ମୁକ୍ତ ଭାରତ ଗଠନ
ଅମରଜିତ୍ ଏସ୍ ନାରଙ୍ଗ

### ନୂଆ ଭାରତ ପାଇଁ ନୂଆ କୃଷି
ଜଗଦୀପ୍ ସକ୍ସେନା

### ପରିବର୍ତ୍ତନର ବାହାକ ହୁଅ
ଅନନ୍ତ ପଣ୍ଡିତ୍

**ବିଶେଷ ପ୍ରସଙ୍ଗ**

### ତିନି ତଲାକ ରାୟ: ମୁସଲମାନ ମହିଳାଙ୍କ ବିଜୟ
ଆର୍.କେ. ସିହ୍ନା





### ବିକାଶର ରୋଡ୍‌ମ୍ୟାପ୍

# ଭାରତରେ ବୁଲେଟ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଜାପାନ ପ୍ରତିପକ୍ଷ ଶିଞ୍ଜୋ ଆବେ ସେପ୍ଟେମ୍ବର ୧୪ ତାରିଖରେ ଅହମଦାବାଦଠାରେ ଭାରତର ଅତି ଦ୍ରୁତଗାମୀ ଅହମଦାବାଦ-ମୁମ୍ବଇ ରେଳ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀ 'ନ୍ୟୁ ଇଣ୍ଡିଆ'ର ଉଚ୍ଚାକାଂକ୍ଷୀ ଓ ଦୃଢ଼ ଇଚ୍ଛା ଶକ୍ତି  ସମ୍ପର୍କରେ କହିଥିଲେ। ସେ ଏହି ଅବସରରେ ଭାରତବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବୁଲେଟ ଟ୍ରେନ୍ ପ୍ରକଳ୍ପ ଉଭୟ ବେଗ ଓ ପ୍ରଗତି ଯୋଗାଇବ ଏବଂ ଖୁବ୍ ଶୀଘ୍ର ଫଳ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଏହି ମୁମ୍ବଇ-ଅହମଦାବାଦ ହାଇସ୍ପିଡ୍ ରେଳ ପ୍ରକଳ୍ପ (ଏମ୍‌ଏଏଚ୍‌ଏସ୍‌ଆର) ଯାହା ଅହମଦାବାଦ-ମୁମ୍ବଇ ବୁଲେଟ ଟ୍ରେନ୍ ନାମରେ ଲୋକପ୍ରିୟ ଓ ଏକ ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ। ଏହା ଲୋକଙ୍କୁ ନିରାପତ୍ତା, ବେଗ ଓ ସେବା ଯୋଗାଣରେ ଏକ ନୂଆ ଯୁଗ ସୃଷ୍ଟି କରିବା ସହ ଭାରତୀୟ ରେଳବାଇକୁ ପରିମାପକ, ଗତି ଓ ଦକ୍ଷତାରେ ଆନ୍ତର୍ଜାତିକ ସ୍ତରର ଏକ ପରିଚୟ ପ୍ରଦାନ କରିବ।

**ପ୍ରକଳ୍ପର ସ୍ୱଳ୍ପ ମୂଲ୍ୟ:**

ଏହି ପ୍ରକଳ୍ପର ଅଧିକାଂଶ ନିର୍ମାଣ କାର୍ଯ୍ୟ ପାଇଁ ଋଣରେ ଅର୍ଥ ଆସିବ। ଏହି ଋଣ, ପ୍ରକଳ୍ପର ମୋଟ୍ ମୂଲ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଜାପାନ ଓ ଭାରତ ମଧ୍ୟରେ ହୋଇଥିବା ସହଯୋଗ ଚୁକ୍ତି ଅନୁସାରେ ପ୍ରକଳ୍ପ ପାଇଁ ଜାପାନ ସରକାର ୮୮ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରିବେ।  ଏହି ଋଣ ଉପରେ ଭାରତକୁ ମାତ୍ର ୦.୧ ଶତାଂଶ ହାରରେ ସୁଧ ଦେବାକୁ ପଡ଼ିବ। ଋଣ ପରିଶୋଧର ମିଆଦ ୫୦ ବର୍ଷ ଧାର୍ଯ୍ୟ ହୋଇଛି। ଋଣ ଗ୍ରହଣର ୧୫ବର୍ଷ ପରେ ପରିଶୋଧ ପ୍ରକ୍ରିୟା ଆରମ୍ଭ ହେବ। ମାସିକ ଏବାବଦରେ ୭ ରୁ ୮ କୋଟି ଟଙ୍କା ସୁଧ ପଡ଼ିବ ବୋଲି ହିସାବ କରାଯାଇଛି।

ସାଧାରଣତଃ ବିଶ୍ୱବ୍ୟାଙ୍କ ବା ଅନ୍ୟାନ୍ୟ ସଂସ୍ଥାରୁ ଯୋଗାଇ ଦିଆଯାଉଥିବା ଏଭଳି ଋଣ ଉପରେ ୫ ରୁ ୭ ଶତାଂଶ ସୁଧ ଦେବାକୁ ପଡ଼ିଥାଏ ଓ ଋଣ ପରିଶୋଧର ସମୟ ୨୫ ରୁ ୩୫ ବର୍ଷ ଧାର୍ଯ୍ୟ ହୁଏ। ସେ ଦୃଷ୍ଟିରୁ ବିଚାର କଲେ ବୁଲେଟ ଟ୍ରେନ୍ ପ୍ରକଳ୍ପ ପାଇଁ ଭାରତ ଯେଉଁ ଋଣ ପାଇବ ତା' ଉପରେ ମାମୁଲି ସୁଧ ଦେବାକୁ ହେବ। ଜାପାନ ସରକାର ଏହି ପ୍ରକଳ୍ପ ପାଇଁ ୮୦ ଶତାଂଶ ଅର୍ଥ ଯୋଗାଇ ଦେଉଥିବାରୁ ଭାରତର ଅର୍ଥ ବ୍ୟବସ୍ଥା ଉପରେ ଏହା କୌଣସି ଚାପ ପକାଇବ ନାହିଁ। ଦେଶର ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଏକ ବିରାଟ ଭିତ୍ତିଭୂମି ବିକାଶ ପ୍ରକଳ୍ପ ନିମନ୍ତେ ଏତେ କୋହଳ ସୁଧରେ ଏହି ବିପୁଳ ବିଦେଶୀ ଋଣ ମିଳୁଛି।

**ମେକ୍ ଇନ୍ ଇଣ୍ଡିଆ:**

ବୁଲେଟ ଟ୍ରେନ୍‌ର ପ୍ରଥମ ଲକ୍ଷ୍ୟ ହେଲା ମେକ୍ ଇନ୍ ଇଣ୍ଡିଆ, ଯାହା ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପୂର୍ବରୁ ହାସଲ ହେବ। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତି ଅନୁସାରେ ଏହି ପ୍ରକଳ୍ପଟି 'ମେକ୍ ଇନ୍ ଇଣ୍ଡିଆ' ଓ ଜ୍ଞାନକୌଶଳ ବଦଳ ସର୍ତ୍ତରେ କାର୍ଯ୍ୟକାରୀ ହେବ। ଏକ ଟାସ୍କଫୋର୍ସର ନିର୍ଦ୍ଦେଶାବଳୀ ଅନୁସାରେ ଏଥିପାଇଁ ଚାରିଟି ଉପଗୋଷ୍ଠୀ ଗଠିତ ହେବ। ଏହି ଉପଗୋଷ୍ଠୀରେ ଭାରତୀୟ ଶିଳ୍ପ ଓ ଜାପାନୀ ଶିଳ୍ପ ସଂସ୍ଥାର ପ୍ରତିନିଧି ରହିବେ। ଏହାଛଡ଼ା ଡିଆଇପିପି, ଏନ୍‌ଏଚ୍‌ଏସ୍‌ଆରସିଏଲ୍ ଓ ଜେଟ୍ରୋ ମିଳିତ ଭାବେ ସମ୍ଭାବ୍ୟ ଇଲାକା  ଚିହ୍ନଟ କରି ତାହାକୁ ମେକ୍ ଇନ୍ ଇଣ୍ଡିଆର ଅନ୍ତର୍ଭୁକ୍ତ କରିବେ। ଏ କ୍ଷେତ୍ରରେ ଭାରତ ଓ ଜାପାନ ଶିଳ୍ପୋଦ୍ୟୋଗ ଗୋଷ୍ଠୀ ପକ୍ଷରୁ ସକ୍ରିୟ ସହଯୋଗ ଆରମ୍ଭ ହେଲାଣି। ରୋଲିଂ ଷ୍ଟକ ବା ଟ୍ରେନ୍ ଇଞ୍ଜିନ ଓ ଡବା ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ଭିତ୍ତିରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ ପାଇଁ ଦୁଇ ପକ୍ଷ ରାଜି ହୋଇ କାର୍ଯ୍ୟ ଆରମ୍ଭ କଲେଣି। ଏହାଦ୍ୱାରା ଭାରତୀୟ ଶିଳ୍ପ ଉଦ୍ୟୋଗ କେବଳ ଲାଭବାନ ହେବ ନାହିଁ ଏହା ଦେଶରେ ଅଧିକ ନିଯୁକ୍ତି ସୁବିଧା ସୁଯୋଗ ସୃଷ୍ଟି କରିବ। ଭାରତୀୟ ଶିଳ୍ପୋଦ୍ୟୋଗ ମଧ୍ୟ ଆଧୁନିକ ଟେକ୍‌ନୋଲୋଜି ବ୍ୟବହାର ପାଇଁ ପର୍ଯ୍ୟାପ୍ତ ସୁଯୋଗ ପାଇବ। ଏହା ମଧ୍ୟ ମେକ୍ ଇନ୍ ଇଣ୍ଡିଆ କାଯ୍ୟକ୍ରମକୁ ପ୍ରୋତ୍ସାହିତ କରିବ।

ଏହାଦ୍ୱାରା ଭାରତର ନିର୍ମାଣ କ୍ଷେତ୍ର ମଧ୍ୟ ବିଶେଷ ଉପକୃତ ହେବ। ଏହି କ୍ଷେତ୍ର ପାଇଁ ନୂଆ ଜ୍ଞାନକୌଶଳ, ପୁଞ୍ଜି ଓ ନୂଆ କର୍ମ ସଂସ୍କୃତି ମିଳିବ। ଏହି ରେଳ ପ୍ରକଳ୍ପର ନିର୍ମାଣ କାଳରେ ୨୦ ହଜାର ଶ୍ରମିକଙ୍କୁ କାମ ମିଳିବ। ଏଭଳି ପ୍ରକଳ୍ପ ନିର୍ମାଣ ପାଇଁ ସେମାନଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯିବ। ବର୍ତ୍ତମାନର ପଥର ଗେଟି ବିଛା ଟ୍ରାକ ପରିବର୍ତ୍ତେ ଭିନ୍ନ ପ୍ରକାର ଟ୍ରାକ ପ୍ରସ୍ତୁତି, ସମୁଦ୍ର ତଳେ ଟନେଲ ନିର୍ମାଣ ସହିତ ଅନ୍ୟାନ୍ୟ ନୂଆ ନୂଆ ନିର୍ମାଣ କୌଶଳ ଭାରତୀୟ ଶ୍ରମିକ ଶିଖିବେ। ବଦୋଦରାଠାରେ ଏକ ସମର୍ପିତ ହାଇସ୍ପିଡ୍ ରେଳ ଟ୍ରେନିଂ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଉଛି। ଜାପାନରୁ ତାଲିମ ପାଇ ଆସିଥିବା କର୍ମଚାରୀ ଓ ଜାପାନୀ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ଏଠାରେ ନୂଆ ଓ ଅତ୍ୟାଧୁନିକ ହାଇସ୍ପିଡ୍ ଟ୍ରାକ୍ ନିର୍ମାଣ ସଂକ୍ରାନ୍ତ ଜ୍ଞାନକୌଶଳ ଓ ବିଦ୍ୟା ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ଏଥିରେ ମଧ୍ୟ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ରହିବ ଯାହାର ଉପଯୋଗ ବିଷୟରେ ତାଲିମ ଦିଆଯିବ। ୨୦୧୦ରେ ଏହି ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ହେବ ଏବଂ ତିନିବର୍ଷ ମଧ୍ୟରେ ଚାରି ହଜାର କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିବ। ବିଦେଶୀ ଲୋକଙ୍କ ପରିବର୍ତ୍ତେ ତାଲିମପ୍ରାପ୍ତ ଭାରତୀୟଙ୍କଦ୍ୱାରା ଏହି ବୁଲେଟ ଟ୍ରେନ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ସେମାନେ ମଧ୍ୟ ଦେଶର ଭବିଷ୍ୟତର ଅନ୍ୟାନ୍ୟ ହାଇସ୍ପିଡି କରିଡର ନିର୍ମାଣ ପାଇଁ ସମ୍ବଳ ହେବେ। ଏହା ବ୍ୟତୀତ ଭାରତୀୟ ରେଳ ସେବାର ୩୦୦ ଯୁବ ଅଧିକାରୀଙ୍କୁ ଏବେ ଜାପାନରେ ତାଲିମ ଦିଆଯାଉଛି। ହାଇସ୍ପିଡ୍ ରେଳ ଟେକ୍‌ନୋଲୋଜି ସହିତ ସେମାନଙ୍କୁ ପରିଚିତ କରାଇବା ଏହି ତାଲିମର ଲକ୍ଷ୍ୟ। ଭାରତୀୟ ରେଳସେବାର ଅଧିକାରୀଙ୍କୁ ଉପାଧ୍ୟୁତ୍ତୋର ପାଠ୍ୟକ୍ରମ ପାଇଁ ଜାପାନର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରତିବର୍ଷ ୨୦ଟି ଆସନ ସଂରକ୍ଷିତ ରଖାଯାଇଛି। ଦୀର୍ଘ ମିଆଦି ଯୋଜନାରେ ଦକ୍ଷ ଓ ଯୋଗ୍ୟ ମାନବସମ୍ବଳ ସୃଷ୍ଟି ଉଦ୍ଦେଶ୍ୟରେ ଏହା କରାଯାଇଛି ଏବଂ ଉଚ୍ଚତର ଅଧ୍ୟୟନ ପାଇଁ ଭାରତୀୟଙ୍କୁ ଜାପାନ ସରକାର ଅର୍ଥ ଯୋଗାଇ ଦେଉଛନ୍ତି।

**କଟିଙ୍ଗ ଏଜ୍ ଟେକ୍‌ନୋଲୋଜି:**

ଅନ୍ୟାନ୍ୟ କ୍ଷେତ୍ର ତୁଳନାରେ ହାଇସ୍ପିଡ୍ ଟ୍ରେନ୍ ପ୍ରକଳ୍ପରେ ସମ୍ପୂର୍ଣ୍ଣ ସର୍ବାଧୁନିକ ବା କଟିଙ୍ଗ ଏଜ୍ ଟେକ୍‌ନୋଲୋଜି ବ୍ୟବହାର କରାଯିବ। ଏହି ଟେକ୍‌ନୋଲୋଜି ଏହାର ବିଶ୍ୱସନୀୟତା ଓ ନିରାପତ୍ତା ପାଇଁ ପରିଚିତ। ଏ କ୍ଷେତ୍ରରେ ଶିଙ୍କନସେନ୍ ଟେକ୍‌ନୋଲୋଜି ୫୦ବର୍ଷ ଧରି ତାହାର ନିରାପତ୍ତା ଓ ବିଶ୍ୱସନୀୟତା ପାଇଁ ସୁନାମ ଅର୍ଜନ କରିଛି। ଏହି ଜ୍ଞାନକୌଶଳରେ ଟ୍ରେନ୍‌ର ବିଳମ୍ବ ସମୟ ଏକ ମିନିଟରୁ କମ୍ ଏବଂ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ଶୂନ।

ଅକ୍ଟୋବର ୨୦୧୭

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ଚତୁର୍ବିଂଶ ବର୍ଷ / ଦ୍ୱାଦଶ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ /ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୦୪ |
| ଜାତିବାଦ ମୁକ୍ତ ଭାରତ ଗଠନ<br>*ଅମରଜିତ୍ ଏସ୍. ନାରଙ୍ଗ* | ୧୧ |
| ନୂଆ ଭାରତ ପାଇଁ ନୂଆ କୃଷି<br>*ଡକ୍ଟର ଜଗଦୀପ ସକ୍ସେନା* | ୧୭ |
| ପରିବର୍ତ୍ତନର ବାହାକ ହୁଅ<br>*ଡକ୍ଟର ଉନ୍ନତ ପଣ୍ଡିତ* | ୨୧ |
| ଦାରିଦ୍ର୍ୟମୁକ୍ତ ଭାରତ ନିର୍ମାଣ<br>*ଅମରଜିତ୍ ସିହ୍ନା* | ୩୧ |
| ଦୁର୍ନୀତି ବିରୋଧରେ ଭାରତର ଲଢ଼େଇ<br>*ଭି. ଶ୍ରୀନିବାସ* | ୩୯ |
| ନ୍ୟୁ ଇଣ୍ଡିଆରେ ଦକ୍ଷତା ଓ ଉଦ୍ୟୋଗ ବିକାଶ<br>*ଡକ୍ଟର ଅମିତ୍ କୁମାର ଦ୍ୱିବେଦୀ ଓ*<br>ସରବାନନ ବେଲୁସ୍ୱାମୀ | ୪୫ |
| ସାମ୍ପ୍ରତିକୀ | ୫୨ |

**ଫୋକସ୍**
ଏକ ସ୍ୱଚ୍ଛ ଭାରତ ସୃଷ୍ଟି ଦିଗରେ
ପରମେଶ୍ୱର ଆୟାର *ପୃଷ୍ଠା: ୫*

**ବିଶେଷ ପ୍ରବନ୍ଧ**
ତିନି ତଲାକ ରାୟ: ମୁସଲମାନ ମହିଳାଙ୍କ ବିଜୟ
ଆର୍.କେ. ସିହ୍ନା *ପୃଷ୍ଠା: ୨୭*

*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

# ସମ୍ପାଦକୀୟ...

# ନବଦିଗନ୍ତ

ହଜାରେ ମାଇଲର ଯାତ୍ରା ଆରମ୍ଭ ହୁଏ ଗୋଟିଏ ପାଦ ଚାଲିରୁ। ୨୦୨୨ ସୁଦ୍ଧା ଏକ ନ୍ୟୁ-ଇଣ୍ଡିଆ ଗଠନ କରିବାର ଆହ୍ୱାନ ପ୍ରଧାନମନ୍ତ୍ରୀ ଯେତେବେଳେ ଦେଲେ, ତାହା ନୂଆ ଦିଗନ୍ତ ଆଡ଼କୁ ଯାତ୍ରା କରିବାର ଅତ୍ୟାବଶ୍ୟକ ପ୍ରଥମ ପଦକ୍ଷେପ ନେବାକୁ ସାରା ଦେଶକୁ ଉତ୍ସାହିତ କଲା। ଭାରତଛାଡ଼ ଆନ୍ଦୋଳନର ୭୫ତମ ପୂର୍ତ୍ତି ଉତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ଏହି ଆହ୍ୱାନ ଦେଇଥିଲେ। ୧୯୪୨ର ଏହି ଭାରତଛାଡ଼ ଆହ୍ୱାନ ବ୍ରିଟିଶ ଶାସନ ବିରୋଧରେ ସାରା ଦେଶକୁ ଲଢ଼ିବାକୁ ଉତ୍ସାହିତ କରିଥିଲା। ଏବେ ଏଭଳି ଏକ ଆହ୍ୱାନ ଦେବାର ଉଦ୍ଦେଶ୍ୟ ହେଲା ଦେଶରେ ଦୁର୍ନୀତି, ଦାରିଦ୍ର୍ୟ, ସଂପ୍ରଦାୟବାଦ, ଜାତିବାଦ ଆଦି ଯେଉଁସବୁ ସମସ୍ୟା ଓ ଜଟିଳତା ରହିଛି ତାହା ବିରୋଧରେ ସମ୍ମିଳିତ ସଂଗ୍ରାମ କରି ସେସବୁକୁ ଭାରତରୁ ବିତାଡ଼ିତ କରିବାକୁ ଦେଶବାସୀଙ୍କୁ ପୁନଃ ଉତ୍ସାହିତ କରିବା। ୨୦୨୨ ସୁଦ୍ଧା ଦେଶକୁ ଆବର୍ଜନା, ଦାରିଦ୍ର୍ୟ, ଦୁର୍ନୀତି, ଆତଙ୍କବାଦ, ସଂପ୍ରଦାୟବାଦ ଓ ଜାତିବାଦରୁ ମୁକ୍ତ କରି ଏକ 'ନ୍ୟୁ-ଇଣ୍ଡିଆ' ଗଠନ କରିବାକୁ ସମଗ୍ର ଦେଶ ଏକ ସ୍ୱରରେ ଶପଥ ନେଇଛି।

ନ୍ୟୁ ଇଣ୍ଡିଆ ବା ନୂଆ ଭାରତ ସିଦ୍ଧାନ୍ତର ଅନେକ ଦିଗ ରହିଛି। ତେଣୁ ଉଭୟ ସରକାର ଓ ଜନସାଧାରଣ ଏଥି ପାଇଁ ମିଳିତ ଭାବେ ଉଦ୍ୟମ କରି ଭାରତରୁ ବିଭିନ୍ନ ଦୁରାଚାର, ପାପ ଓ ଖରାପ କଥାକୁ ଦୂର କରିବାକୁ ହେବ। ଆମ ସମାଜରେ ଥିବା ମନ୍ଦ କଥା ଓ ଭ୍ରାନ୍ତିଗୁଡ଼ିକୁ ଯଦି ଆମେ ଗୋଟିଏ ପରେ ଗୋଟିଏ ବିଚାର କରିବା ସେଥିରୁ ଜାଣିହେବ ଯେ ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଆମ ସହିତ ବର୍ଷ ବର୍ଷ ଧରି ଏପରିକି ଶତାବ୍ଦୀ ଶତାବ୍ଦୀ ଧରି ରହିଛି। ଉଦାହରଣ ସ୍ୱରୂପ, ଆମ ସଂସ୍କୃତି କହେ ସ୍ୱଚ୍ଛତା ଭକ୍ତିଠାରୁ ମଧ୍ୟ ବଡ଼। ଆମେ ଆମ ଘରେ ଉତ୍ତମ ସ୍ୱଚ୍ଛ ବାତାବରଣ ଓ ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେଉଥିବାବେଳେ ବାହାରେ ସେପରି କରି ନ ଥାଉ। ସର୍ବସାଧାରଣରେ ଅପରିଷ୍କାର ଅଭ୍ୟାସ ପାଇଁ ଏକ ରାଷ୍ଟ୍ର ହିସାବରେ ଆମେ କୁଖ୍ୟାତ। ଆମେ ଘରୁ ରାସ୍ତାକୁ ବାହାରିଯିବା ମାତ୍ରେ ଆମ ଆଚରଣ ଓ ଅଭ୍ୟାସ ଆପଣାଛାଏଁ ବଦଳିଯାଏ। ଖୋଲାରେ ମଳମୂତ୍ର ତ୍ୟାଗ କରିବା, ଘରର ଅଳିଆ ଆବର୍ଜନାକୁ ରାସ୍ତାରେ ପକାଇବା ଆଦି ଦେଶରେ ଏକ ସାଧାରଣ ଦୃଶ୍ୟ ପାଲଟିଛି। ଏକ ଅପରିଚ୍ଛନ୍ନ ଦେଶ ବାହାର ଦୁନିଆକୁ ଖରାପ ସନ୍ଦେଶ ଦିଏ। ଯେଉଁମାନଙ୍କର ସହଯୋଗ, ନିବେଶ ଆମେ ଚାହୁଁଛୁ ସେମାନେ ଆମର ଏପରି ଅଭ୍ୟାସ ଓ ଆଚରଣ ଦେଖି ନାକ ଟେକନ୍ତି। ଏହି ଅପରିଷ୍କାର ପରିବେଶ ଦେଶରେ ନାନା ପ୍ରକାର ବ୍ୟାଧି ସୃଷ୍ଟି କରିବା ସହିତ ଆମ ଆର୍ଥିକ ସମୃଦ୍ଧିରେ ଅନ୍ତରାୟ ସୃଷ୍ଟି କରେ। ତେଣୁ ସ୍ୱଚ୍ଛ ଭାରତ ଗଠନ ଏକ ଅପରିହାର୍ଯ୍ୟ ଆବଶ୍ୟକତା।

ଆମ ଜନସଂଖ୍ୟାର ଏକ ବଡ଼ ଭାଗ, ବିଶେଷତଃ ଗ୍ରାମାଞ୍ଚଳର ଜନସମୂହ ଦାରିଦ୍ର୍ୟ ପ୍ରପୀଡ଼ିତ। ଏହା ଆମ ପ୍ରଗତିରେ ବାଧକ ସୃଷ୍ଟି କରିଛି। ଦୁର୍ନୀତି ସମଗ୍ର ଦେଶରେ ତାହାର କାୟା ମେଲାଇ ବସିଛି ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଖାଇଚାଲିଛି। ବିମୁଦ୍ରାୟନ, ପ୍ରତ୍ୟକ୍ଷ ସରକାରୀ ଲାଭ ହସ୍ତାନ୍ତରଣ କାର୍ଯ୍ୟକ୍ରମ, ଆଧାର, ଭିମ୍ ଓ ଆପ୍ ଆଦି ବ୍ୟବସ୍ଥା କରିବାର ଲକ୍ଷ୍ୟ ହେଉଛି ପ୍ରକୃତ ହିତାଧିକାରୀଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବା ଏବଂ ଏକ୍ଷେତ୍ରରେ ଚାଲିଥିବା ଦୁର୍ନୀତି ଓ ବାଟମାରଣାକୁ ବନ୍ଦ କରିବା। ଏ କ୍ଷେତ୍ରରେ ଆହୁରି ବେଶ୍ କିଛି କରିବାର ଆବଶ୍ୟକତା ରହିଚି। ତେଣୁ ଦାରିଦ୍ର୍ୟମୁକ୍ତ ଓ ଦୁର୍ନୀତି ମୁକ୍ତ ଭାରତ ଗଠନର ଆବଶ୍ୟକତା ପଡ଼ିଛି।

ଆତଙ୍କବାଦ ଏକ ଆନ୍ତର୍ଜାତିକ ସମସ୍ୟା ପାଲଟିଛି। ଏହା ଦ୍ୱାରା ବିଶ୍ୱବ୍ୟାପୀ ଧନଜୀବନ ହାନି ଘଟୁଛି। ଏହା ଏକ ବିପଜ୍ଜନକ ବ୍ୟାଧିର ରୂପ ନେଇ ଲୋକଙ୍କୁ ଶାରୀରିକ ଓ ମାନସିକ ଭାବେ ଆକ୍ରାନ୍ତ କରୁଛି। ଅତଏବ, ଏକ ଆତଙ୍କମୁକ୍ତ ନୂଆ ଭାରତ ଗଠନ ଏବେ ସମୟର ଆବଶ୍ୟକତା ପାଲଟିଛି ଓ ସେ ଦିଗରେ କାମ କରିବା ଅପରିହାର୍ଯ୍ୟ ହୋଇଛି। ଐତିହାସିକ କାଳରୁ ଜାତିବାଦ ଭାରତୀୟ ସଂସ୍କୃତିର ଏକ ଅଂଶ ପାଲଟିଯାଇଛି। ଅସ୍ପୃଶ୍ୟତା, ତଥାକଥିତ ନୀଚ ଜାତିର ଲୋକଙ୍କୁ ଜାତୀୟ ମୁଖ୍ୟ ଧାରାରୁ ଦୂରେଇ ରଖି ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ସେବା ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ କରୁଛି। ଏହା ଫଳରେ ଭାରତୀୟ ଲୋକସଂଖ୍ୟାର ଏକ ବଡ଼ ଭାଗର ଅଭିବୃଦ୍ଧି ବ୍ୟାହତ ହେଉଛି। ଏହି ସବୁ ସାମାଜିକ ଦୁର୍ନୀତି ଓ ଅପସଂସ୍କାରର ଦୂରୀକରଣ କରି ତଥାକଥିତ ନୀଚ ବର୍ଗର ଲୋକଙ୍କୁ ବିକାଶର ଲାଭ ପ୍ରଦାନପୂର୍ବକ ଦେଶର ପ୍ରଗତିକୁ ନିଶ୍ଚିତ କରିବାକୁ ପଡ଼ିବ। ତେଣୁ ଜାତିବାଦମୁକ୍ତ ଭାରତ ଗଠନର ଆବଶ୍ୟକତା ରହିଛି। ସେହିଭଳି ଦେଶର ପ୍ରଗତି କ୍ଷେତ୍ରରେ ସଂପ୍ରଦାୟବାଦ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିଛି। ଭାରତ ଏକ ବହୁଧର୍ମ, ବହୁଭାଷା ଓ ବହୁ ସଂପ୍ରଦାୟର ଦେଶ। ବିବିଧତା ମଧ୍ୟରେ ଏକତା ଭାରତର ଗର୍ବ ବୋଲି ଚର୍ଚ୍ଚାହୁଏ। ଏହି ଉଚ୍ଚ ପରମ୍ପରା ସତ୍ତ୍ୱେ ମଝିରେ ମଝିରେ ସଂପ୍ରଦାୟବାଦର କୁତ୍ସିତ ରୂପ ଆତ୍ମପ୍ରକାଶ କରେ ଏବଂ ଏଥିରେ ଧନଜୀବନ ନଷ୍ଟ ହୁଏ। ଏକ ଦେଶର ବିକାଶରେ ତାହାର ଜନସାଧାରଣଙ୍କ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହବସ୍ଥାନର ଭୂମିକା ଅପରିହାର୍ଯ୍ୟ। ତେଣୁ ସଂପ୍ରଦାୟବାଦମୁକ୍ତ ଭାରତ ଗଠନ ଜରୁରୀ।

ନୂଆ ଭାରତର ଏ ସବୁ ଲକ୍ଷ୍ୟ ଉପରେ ଭାରତ ସରକାର ମୁସଲମାନ ମହିଳାଙ୍କୁ ସଶକ୍ତ କରିବାକୁ ତିନି ତଲାକ ରଦ୍ଦ ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ଅଧିକୃତ ହୋଇଛନ୍ତି। ମୁସଲମାନ ସଂପ୍ରଦାୟରେ ପ୍ରଚଳିତ ଏହି ଅଲିଖିତ ନିୟମ ଅନୁସାରେ ଜଣେ ପୁରୁଷ ତିନିଥର କ୍ରମାଗତ ତଲାକ ଉଚ୍ଚାରଣ କରି ନିଜ ପତ୍ନୀକୁ ଛାଡ଼ପତ୍ର ଦେବାର ଅଧିକାର ପାଉଥିଲା। ଏହା ଫଳରେ ଅନେକ ମୁସଲମାନ ମହିଳାଙ୍କର ଜୀବନ ନଷ୍ଟ ଭ୍ରଷ୍ଟ ହୋଇଯାଉଥିଲା। ମୁସଲମାନ ମହିଳାମାନେ ଏହି ନିଷ୍ଠୁର ଓ ଅମାନବୀୟ ପ୍ରଥାର ଅବସାନ ପାଇଁ ଦୀର୍ଘ କାଳ ଧରି ଆନ୍ଦୋଳନ ଚଳାଇଥିଲେ। ଶେଷରେ ସର୍ବୋଚ୍ଚ ଅଦାଲତ ସେମାନଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି।

ସେହିଭଳି 'ଚମ୍ପିଅନ ଅଫ୍ ଦି ଚମ୍ପିଅନ' ଆଉ ଏକ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଯାହା ଯୁବବର୍ଗ ମଧ୍ୟରେ ଅଭିନବତା ଓ ନୂଆ କିଛି କରିବାର ପ୍ରେରଣା ଯୋଗାଇବାକୁ ଉଦ୍ଦିଷ୍ଟ। ସେହିଭଳି ୨୦୨୨ ସୁଦ୍ଧା ନୂଆ ଭାରତ ଗଠନ ଲକ୍ଷ୍ୟରେ ଯେଉଁ ଅଭିଯାନ ଚାଲିଛି ସେଥିରେ ଯୁବ ଶିଳ୍ପୋଦ୍ୟୋଗୀ ଓ ଉଦ୍‌ଯୋଗୀମାନଙ୍କୁ ଧନ୍ଦା ଓ ଷ୍ଟାର୍ଟଅପ୍ ଆରମ୍ଭ କରି ସବଳ, ସଫଳ ହେବା ଲକ୍ଷ୍ୟରେ ସରକାର ଓ ଉଦ୍ୟୋଗୀଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା, ଯୋଗସୂତ୍ର ଭିତ୍ତିରେ କାର୍ଯ୍ୟ ହାତକୁ ନିଆଯାଇଛି।

ଏ କ୍ଷେତ୍ରରେ ପ୍ରଥମ ପଦକ୍ଷେପ ହେଲା ଆମକୁ ଆଗକୁ ବଢ଼ିବାର ଶପଥ ନେବାକୁ ପଡ଼ିବ। ଏବେ ଯେଉଁଠି ଅଛୁ ତା'ଠାରୁ ଯଥେଷ୍ଟ ଆଗରେ ପହଞ୍ଚିବାକୁ ହେବ। ଏହି ନିଷ୍ପତ୍ତି ଇତିମଧ୍ୟରେ ନିଆ ସରିଛି। ୨୦୨୨ ସୁଦ୍ଧା ଭାରତକୁ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ କରିବା ପାଇଁ ଏକ ନୂଆ ପଦକ୍ଷେପ ଆରମ୍ଭ ହୋଇଯାଇଛି।

ଫୋକସ୍

# ଏକ ସ୍ୱଚ୍ଛଭାରତ ସୃଷ୍ଟି ଦିଗରେ

● ପରମେଶ୍ୱର ଆୟାର

୨୦୧୪ ଅଗଷ୍ଟ ୧୫ରେ ଲାଲକିଲ୍ଲାର ପ୍ରାଚୀର ଉପରୁ ସ୍ୱାଧୀନତା ଦିବସର ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ ଆବର୍ଜନା ଓ ଖୋଲାରେ ମଳତ୍ୟାଗ ବିରୋଧରେ ଯୁଦ୍ଧ ଘୋଷଣା ସହ ୨୦୧୯ ଅକ୍ଟୋବର ୨ ତାରିଖ ସୁଦ୍ଧା ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସ୍ୱଚ୍ଛ ଓ ଖୋଲାରେ ମଳତ୍ୟାଗ ମୁକ୍ତ ଭାରତ ଗଠନ କରି ଜାତିର ପିତାଙ୍କ ସ୍ୱପ୍ନ ସାକାର କରିବାକୁ ଆହ୍ୱାନ ଦେଇଥିଲେ।

ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବିରୋଧରେ ଜଣେ ସରକାରୀ ମୁଖ୍ୟଙ୍କ ଏଭଳି ମହତାକାଂକ୍ଷୀ ଘୋଷଣା ବିଶ୍ୱରେ ବିରଳ। ଏହା ଫଳରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ପ୍ରସଙ୍ଗ ବ୍ୟକ୍ତିଗତ ସ୍ତରରୁ ଉଠି ଜାତୀୟ ନୀତି ଓ ବିକାଶର ଅଗ୍ରଭାଗକୁ ଉନ୍ନୀତ ହେବା ନିଶ୍ଚିତ ଏକ ଉଲ୍ଲେଖନୀୟ ଘଟଣା। ଖୋଲାରେ ମଳମୂତ୍ର ତ୍ୟାଗ ଯୋଗୁଁ ପରିବେଶ ଓ ପାନୀୟଜଳ ଉତ୍ସ ଦୂଷିତ ହୋଇ ଭାରତରେ ଡାଇରିଆ ବ୍ୟାପେ ଏବଂ ଏଥିରେ ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ ଶିଶୁଙ୍କର ମୃତ୍ୟୁ ଘଟିଥାଏ। ଅପରିଚ୍ଛନ୍ନତା କାରଣରୁ ଘଟୁଥିବା ଏହି ମୃତ୍ୟୁକୁ ପରିଚ୍ଛନ୍ନତା ଦ୍ୱାରା ଏଡ଼ାଇ ଦେଇହେବ।

ବିଶ୍ୱବ୍ୟାଙ୍କର ଏକ ଅନୁଧ୍ୟାନ ଅନୁସାରେ ଆବଶ୍ୟକ ସ୍ୱଚ୍ଛ ଓ ପରିଷ୍କାର ପରିବେଶ ଅଭାବରୁ ଭାରତରେ ୪୦ ଶତାଂଶ ଶିଶୁଙ୍କର ଶାରୀରିକ ଅଭିବୃଦ୍ଧି ଉପଯୁକ୍ତ ଭାବେ ହୋଇ ନ ଥାଏ। ଏହାର କୁପରିଣାମ ଯୋଗୁଁ ଆର୍ଥିକ କ୍ଷମତା ଓ ଦକ୍ଷତା ପ୍ରଭାବିତ ହୁଏ ଯାହା ଫଳରେ ଦେଶର ଜିଡିପିର ଛ' ଶତାଂଶ ପରିମାଣର ଆୟ ନଷ୍ଟ ହୁଏ। ମୁକ୍ତ ମଳତ୍ୟାଗ ଯୋଗୁଁ ମହିଳାଙ୍କ ସ୍ୱାସ୍ଥ୍ୟ ଓ ମର୍ଯ୍ୟାଦା ସହ ସାଲିସ କରିବାକୁ ପଡ଼ିଥାଏ। ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ କିଛି କରିବାର ଯେଉଁ ଆବଶ୍ୟକତା ଅନୁଭବ କରିଛନ୍ତି ତାହା ଯଥେଷ୍ଟ ଆଗରୁ ହେବାର ଥିଲା ଏବଂ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ମୁକାବିଲା ପାଇଁ ସମୟବଦ୍ଧ ଭାବେ ଲକ୍ଷ୍ୟରେ ପହଞ୍ଚିବାକୁ ଯଥାର୍ଥରେ 'ମିଶନ ମୋଡ୍'ରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଶ୍ୱର ଏକ ଅର୍ଥନୈତିକ ଶକ୍ତି ହେବାକୁ ଯାଉଥିବା ଏକବିଂଶ ଶତାବ୍ଦୀର ଭାରତରେ ଖୋଲାରେ ଶୌଚ ଅଭ୍ୟାସ, ମଇଳା ଓ ଅପରିଚ୍ଛନ୍ନତାର ସ୍ଥାନ ନାହିଁ। ତେଣୁ



ପ୍ରଧାନମନ୍ତ୍ରୀ ସ୍ୱଚ୍ଛତା ଓ ପରିଚ୍ଛନ୍ନତାକୁ ଏକ ଜାତୀୟ ଅଗ୍ରାଧିକାର ଭାବେ ଗ୍ରହଣ କରି ଏହାକୁ ସଫଳ କରିବାକୁ ଯଥାର୍ଥରେ ଏହା ପଛରେ ନିଜର ରାଜନୈତିକ ପୁଞ୍ଜି ବିନିଯୋଗ କରିଛନ୍ତି।

**ସ୍ୱଚ୍ଛଭାରତ ମିଶନର ପ୍ରଗତି :**

ସ୍ୱଚ୍ଛଭାରତ ମିଶନ ବା ଅଭିଯାନ ଇତି ମଧ୍ୟରେ ତିନିବର୍ଷ ସମ୍ପୂର୍ଣ୍ଣ କରିଛି। ଏହାର ମୋଟା ମୋଟି ପ୍ରଗତି ବେଶ୍ ଭଲ। କେତେକ ରାଜ୍ୟ ଏ କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ହାସଲ କରିଛନ୍ତି। ଅଭିଯାନ ଆରମ୍ଭରେ ଗ୍ରାମାଞ୍ଚଳରେ ସ୍ୱଚ୍ଛତା ହାର ୩୯ ଶତାଂଶ ଥିବାବେଳେ ଏବେ ୬୮ ଶତାଂଶରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ୨୩୦ ନିୟୁତ ଲୋକ ଆଉ ଖୋଲାରେ ମଳତ୍ୟାଗ କରୁନାହାନ୍ତି। ଦେଶର ୧୯୩ ଜିଲ୍ଲା ଏବଂ ୨୩୫,୦୦୦ ଗାଁକୁ ଖୋଲା ମଳତ୍ୟାଗ ମୁକ୍ତ ଘୋଷଣା କରାଯାଇଛି। ସିକ୍କିମ୍, ହିମାଚଳ ପ୍ରଦେଶ, କେରଳ, ହରିୟାଣା ଓ ଉତ୍ତରପ୍ରଦେଶ- ଏହି ପାଞ୍ଚଟି ରାଜ୍ୟ ଏବେ ଖୋଲା ମଳମୁକ୍ତ ପ୍ରଦେଶର ମାନ୍ୟତା ହାସଲ କରିଛି। ଏହି ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହେଲା – ପବିତ୍ର ଗଙ୍ଗା କୂଳରେ ଥିବା ୪୦୦୦ ରୁ ଅଧିକ ଗାଁର ଲୋକେ ଖୋଲାରେ ଆଉ ମଳତ୍ୟାଗ କରୁନାହାନ୍ତି।

**ସ୍ୱଚ୍ଛ ଭାରତ ଅଭିଯାନର ବିଶେଷତ୍ୱ:**

ସ୍ୱଚ୍ଛତା ଓ ସଫେଇ କ୍ଷେତ୍ରରେ ସ୍ୱଚ୍ଛଭାରତ ମିଶନ ସମଗ୍ର ବିଶ୍ୱରେ ଏକ ଅତୁଳନୀୟ କାର୍ଯ୍ୟକ୍ରମ। ଏହା ବିଶ୍ୱର ସର୍ବବୃହତ୍ ପରିଚ୍ଛନ୍ନତା ଅଭିଯାନ ଏବଂ ଏହାର ପରିସର ମଧ୍ୟ ଅତି ବ୍ୟାପକ। ୫୫୦ ନିୟୁତ ଗ୍ରାମାଞ୍ଚଳ ଭାରତୀୟଙ୍କୁ ମୁକ୍ତ ମଳତ୍ୟାଗ ଅଭ୍ୟାସରୁ ଶୌଚାଳୟ ପ୍ରତି ଆକୃଷ୍ଟ ଓ ଅଭ୍ୟସ୍ତ କରିବା ଏକ ବିରାଟ ଆହ୍ୱାନ। ଏଥିରେ ଅନେକ ସମସ୍ୟା ରହିଛି। ଶହଶହ ବର୍ଷର ଅଭ୍ୟାସ ବଦଳାଇ ଲୋକଙ୍କୁ ଏକ ନୂଆ ବାଟରେ ଅଭ୍ୟସ୍ତ କରିବା ଏବଂ ସେଥିପାଇଁ ଭିତ୍ତିଭୂମି ଯୋଗାଇବା ଏକ ସହଜ କାମ ନୁହେଁ। ଲୋକଙ୍କୁ ଏହି ଅଭିଯାନରେ ସ୍ୱେଚ୍ଛାକୃତ ଭାବେ ସାମିଲ କରି ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ବାସ୍ତବିକ ଏକ ବିରାଟ ଆହ୍ୱାନ। ଏ ସବୁ ସତ୍ତ୍ୱେ ଭାରତରେ ଏହି ଅଭିଯାନ ଇପ୍ସିତ ପଥରେ ଚାଲିବା ଏବଂ ଲୋକେ ଏହାକୁ ଆଦରି ନେବା ଏକ ବଡ଼ ସଫଳତା।

ଏ କ୍ଷେତ୍ରରେ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ କରିବା ପ୍ରଥମ କର୍ଯ୍ୟ ହୋଇଥିବାରୁ ସୂଚନା, ଶିକ୍ଷା ଓ ଯୋଗାଯୋଗକୁ ଆବଶ୍ୟକ ଗୁରୁତ୍ୱ ଏ କ୍ଷେତ୍ରରେ ପ୍ରଦାନ କରାଯାଇଛି। ସେହିଭଳି କେତେ ପାଇଖାନା ନିର୍ମିତ ହୋଇଛି ତାହାକୁ ବିଶେଷ ଗୁରୁତ୍ୱ ନ'ଦେଇ କେତେଲୋକ କ୍ରମଶଃ ଶୌଚାଳୟ ବ୍ୟବହାର କରୁଛନ୍ତି ଏବଂ କେତେ ଗାଁ ଏବେ ଖୋଲା ମଳତ୍ୟାଗ ମୁକ୍ତ ହେଉଛି ତାହାକୁ ଅଗ୍ରାଧିକାର ଦେଇ କାମ କରାଯାଇଛି। ଏହି ପ୍ରକ୍ରିୟାରେ ଗୋଷ୍ଠୀ ବା ସମୁଦାୟକୁ କେନ୍ଦ୍ରରେ ରଖାଯାଇଛି। ସେହିମାନେ ହିଁ ସ୍ୱଚ୍ଛତା ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ସେହି ଗୋଷ୍ଠୀ ବା ସମୁଦାୟ ନିଜ ନିଜ ଭିତରେ ଶୌଚାଳୟ ବ୍ୟବହାରର ଉପକାରିତା ସଂକ୍ରାନ୍ତ ବାର୍ତ୍ତା ବାଣ୍ଟୁଛନ୍ତି ଏବଂ ସଚେତନ ହେଉଛନ୍ତି। ଏହି ଆନ୍ଦୋଳନରେ ଶିଶୁ, ମହିଳା, ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନେ ନେତୃତ୍ୱ ନେଇଛନ୍ତି ଏବଂ ସ୍ୱଚ୍ଛତାର ସବୁଠୁ ବଡ଼ ଚମ୍ପିଆନ୍ ସାଜିଛନ୍ତି। ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ୬୦୦୦ମହିଳା ସରପଞ୍ଚଙ୍କ ଏକ ସମାବେଶରେ ୧୦ ଜଣଙ୍କୁ ସ୍ୱଚ୍ଛତା ଓ ୧୦ଜଣଙ୍କୁ ପରିଚ୍ଛନ୍ନତା ପାଇଁ ପ୍ରେରଣାମୂଳକ ପୁରସ୍କାର ପ୍ରଦାନ କରିଥିଲେ।

ଗୋଷ୍ଠୀଗତ ପରିଚ୍ଛନ୍ନତା ପାଇଁ ସ୍ୱଚ୍ଛାଗ୍ରହୀମାନଙ୍କୁ



ତାଲିମ ପ୍ରଦାନ କରାଯାଉଛି। ପାନୀୟଜଳ ଓ ପରିଚ୍ଛନ୍ନତା ମନ୍ତ୍ରଣାଳୟ ପକ୍ଷରୁ ଅପ୍ରତ୍ୟକ୍ଷ (ଭର୍ଚୁଆଲ) ଶ୍ରେଣୀଗୃହ ଜରିଆରେ ତାଲିମଦାତାଙ୍କ ଦ୍ୱାରା ଆବଶ୍ୟକ ତାଲିମ ପ୍ରଦାନ କରାଯାଉଛି। ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ତାଲିମଦାତାମାନେ ଏହି ତାଲିମ ପ୍ରଦାନ କରୁଛନ୍ତି। ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ତଥା ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ ପାଇଁ କ'ଣ କରାଯିବ ସେ ବିଷୟରେ ସେମାନଙ୍କୁ ମାର୍ଗଦର୍ଶନ ଦିଆଯାଉଛି। ଏବେ ଭାରତରେ ପ୍ରାୟ ଦେଢ଼ ଲକ୍ଷ ସ୍ୱଚ୍ଛାଗ୍ରହୀ ଏ କ୍ଷେତ୍ରରେ କାର୍ଯ୍ୟକରୁଛନ୍ତି ଏବଂ କ୍ରମଶଃ ସେମାନଙ୍କ ସଂଖ୍ୟା ବଢ଼ୁଛି। ପ୍ରତି ଗାଁରେ ଅତିକମ୍‌ରେ ଜଣେ ସ୍ୱଚ୍ଛାଗ୍ରହୀ ରଖିବାକୁ ସ୍ୱଚ୍ଛଭାରତ ଅଭିଯାନ ପକ୍ଷରୁ ପ୍ରୟାସ କରାଯାଉଛି।

ଏହି ଅଭିଯାନରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି, ତୃଣମୂଳ ସ୍ତରର ସଂଗଠନ, ସ୍ୱେଚ୍ଛାସେବୀ ସଂସ୍ଥା, ଯୁବ ସଂଗଠନ, ସ୍କୁଲର ଛାତ୍ରଛାତ୍ରୀ, ଉଦ୍ୟୋଗ ଜଗତ ଓ ନାଗରିକ ସମାଜକୁ ମଧ୍ୟ ସାମିଲ କରାଯାଇ ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ଉଦ୍ୟମ ଚାଲିଛି। ଇଲେକଟ୍ରୋନିକ୍ ଓ ଛାପା ଗଣମାଧ୍ୟମକୁ ମଧ୍ୟ ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ପ୍ରସାର କରିବାରେ ବ୍ୟବହାର କରାଯାଉଛି। ସିନେମା ଜଗତର ଲୋକପ୍ରିୟ କଳାକାର, କ୍ରିକେଟ ଖେଳାଳିମାନେ ମଧ୍ୟ ଏଥିରେ ସଂପୃକ୍ତ। ମହାନ ଅଭିନେତା ଅମିତାଭ ବଚ୍ଚନ ଟିଭି ଓ ରେଡିଓରେ 'ଦରୱାଜା ବନ୍ଦ' (ଖୋଲାରେ ମଳତ୍ୟାଗ ମନା ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମ)ର ନେତୃତ୍ୱ ନେଉଛନ୍ତି। ଏହି ବିଷୟରେ ବଲିଉଡ୍ ତାରକା ଅକ୍ଷୟ କୁମାର ମଧ୍ୟ ଏକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। 'ଟଏଲେଟ୍- ଏକ ପ୍ରେମ କଥା' ନାମକ ଏହି ଚଳଚ୍ଚିତ୍ର ଏବର୍ଷ ବେଶ୍ ଲୋକପ୍ରିୟ ହୋଇଛି।

ଗୋଟିଏ ଗ୍ରାମ ଖୋଲା ମଳତ୍ୟାଗ ମୁକ୍ତ ହୋଇଛି ବୋଲି ସେ ଗ୍ରାମସଭା ଘୋଷଣା କରିବା ପରେ ଏହାର ସତ୍ୟତାକୁ ପରଖିବାର ବ୍ୟବସ୍ଥା କରାଯାଇଛି। ଏ ପର୍ଯ୍ୟନ୍ତ ଏଭଳି ଘୋଷିତ ଗାଁ ମଧ୍ୟରୁ ୬୦ଭାଗ ଗ୍ରାମର ବାସ୍ତବସ୍ଥିତି ପରୀକ୍ଷା କରାଯାଇ ଏହା ସତ୍ୟ



ବୋଲି ଜଣାପଡ଼ିଛି। ସ୍ୱେଚ୍ଛାକୃତ ଭାବେ ଗୋଟିଏ ଗାଁ ଖୋଲା ମଳତ୍ୟାଗ ମୁକ୍ତ ଘୋଷିତ ହେଲେ ୯୦ ଦିନ ଭିତରେ ତାହାର ସତ୍ୟତା ପରଖିବାର ବ୍ୟବସ୍ଥା ଅଛି। ଏକ ତୃତୀୟ ପକ୍ଷ ଏହାର ସତ୍ୟାସତ୍ୟ ପରୀକ୍ଷା କରିଥାଏ। ଯାଞ୍ଚବେଳେ ଯଦି କିଛି ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ ତାହାକୁ ତୁରନ୍ତ ସଂଶୋଧନ କରିବାକୁ ପଡ଼ିଥାଏ। ଗ୍ରାମବାସୀ ତାହା କରିଥାନ୍ତି।

ଏହି ଯାଞ୍ଚ ପ୍ରକ୍ରିୟା ଏକ ବିରାଟ ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରିତ। ଏହା ଜିଲ୍ଲା, ପ୍ରଦେଶ ଓ ଜାତୀୟ ସ୍ତରରେ ତୃତୀୟ ପକ୍ଷ ଦ୍ୱାରା କରାଯାଏ। ସ୍ୱାଧୀନ ସଂସ୍ଥା ଏହି କାର୍ଯ୍ୟ କରିଥାନ୍ତି। ୨୦୧୭ ମଇ-ଜୁନ୍‌ରେ ଭାରତୀୟ ମାନ ପରିଷଦ (କ୍ୱାଲିଟି କାଉନସିଲ୍) ପକ୍ଷରୁ ୧୪୦,୦୦୦ଟି ଘରର ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଯାଞ୍ଚ କରାଯାଇଥିଲା। ଏସବୁ ପରିବାର ମଧ୍ୟରୁ ୯୧ ଶତାଂଶ ଶୌଚାଳୟ ବ୍ୟବହାର କରୁଥିବା ପରିଷଦ ଜାଣିବାକୁ ପାଇଛି।

ପୁରୁଣା ଅଭ୍ୟାସ ସହଜରେ ଯାଏନା। କେତେକେ କ୍ଷେତ୍ରରେ ଦେଖାଯାଉଛି ଯେ ଗୋଟିଏ ଗାଁ ଖୋଲା ମଳତ୍ୟାଗ ମୁକ୍ତ ଘୋଷଣା ହେବାର ଅଳ୍ପ କେତେ ଦିନ ପରେ ସେଥିରେ ବ୍ୟତିକ୍ରମ ଘଟୁଛି। ପୁରୁଣା ଅଭ୍ୟାସ ଯୋଗୁଁ କେତେକ ଲୋକ ଶୌଚାଳୟ ଛାଡ଼ି ଖୋଲା ସ୍ଥାନକୁ ପୁଣି ପସନ୍ଦ କରୁଛନ୍ତି। ଏହାକୁ ତଦାରଖ କରିବା ସହ ସେହି ଲୋକଙ୍କୁ ପୁଣି ଶୌଚାଳୟକୁ ଫେରାଇଆଣିବାକୁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଖୋଲା ମଳତ୍ୟାଗ ମୁକ୍ତ ଗାଁକୁ ପାଇପଜଳ ଯୋଗାଣର ବ୍ୟବସ୍ଥା ମଧ୍ୟ ହେଉଛି।



କେନ୍ଦ୍ର ସରକାରଙ୍କ ଯୋଜନାରେ ଏହି ଜଳଯୋଗାଣ ବ୍ୟବସ୍ଥା କରାଯାଉଛି। ଯେଉଁ ଗାଁଗୁଡ଼ିକରେ ମୁକ୍ତ ମଳତ୍ୟାଗ ପ୍ରଥାର ଉଚ୍ଛେଦ ଘଟିଛି ଏବଂ ଲୋକେ ଏଥିରେ ବ୍ୟତିକ୍ରମ କରୁନାହାନ୍ତି ସେସବୁ ଗାଁର ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ପ୍ରୋତ୍ସାହିତ କରିବାର ବ୍ୟବସ୍ଥା ରହିଛି। ଏହାଛଡ଼ା ସ୍ୱଚ୍ଛଦର୍ପଣ କାର୍ଯ୍ୟକ୍ରମରେ ଏ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଜିଲ୍ଲାଗୁଡ଼ିକର ନାମ ସଫଳତାର କ୍ରମ ଅନୁସାରେ ପ୍ରକାଶ କରାଯାଉଛି।

ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ତରଳ ଓ କଠିନ ବର୍ଜ୍ୟର ପରିଚାଳନା ମଧ୍ୟ ଯଥାଯଥ ଗୁରୁତ୍ୱ ପାଇଛି। ଏହି କାର୍ଯ୍ୟକୁ ଏବେ ବର୍ଜ୍ୟ ପଦାର୍ଥ ଭାବେ ନ ଦେଖି ସଂପଦ ଭାବେ ଦେଖାଯାଉଛି ଓ ଏହାର ସୁପରିଚାଳନା ଗୁରୁତ୍ୱ ପାଇଛି। ଏବେ ଏହା କଠିନ ଓ ତରଳ ସମ୍ପଦ ପରିଚାଳନା ଭାବେ ପୁନଃ ନାମିତ ହୋଇଛି। ସ୍ୱଚ୍ଛତା ସୂଚୀରେ ଗାଁ ସବୁ ନିଜ ନିଜର ସ୍ଥିତି ଅନୁସାରେ ସ୍ଥାନ ହାସଲ କରିଛନ୍ତି। ଏଥିପାଇଁ ସବୁ ଗାଁରେ ସ୍ୱଚ୍ଛତାର ଏକ ମାପକ (ବେଞ୍ଚମାର୍କ) ନିର୍ଦ୍ଧାରିତ ହୋଇଛି। ଏହାର ମାନ ତଳକୁ ଖସିଲେ ସଂପୃକ୍ତ ଗାଁର ନାଁ ତାଲିକାରୁ ବାଦ ପଡ଼ିବାର ବ୍ୟବସ୍ଥା ଅଛି।

**ସମସ୍ତଙ୍କର କାର୍ଯ୍ୟ:**

ପ୍ରଧାନମନ୍ତ୍ରୀ ବାରମ୍ବାର କହିଆସୁଛନ୍ତି ଯେ ସ୍ୱଚ୍ଛତା କେବଳ ସରକାର ବା ସଂପୃକ୍ତ ମନ୍ତ୍ରଣାଳୟର କାମ ନୁହେଁ, ଏହା ସମସ୍ତଙ୍କର କାମ। ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ଆଉ ଦୁଇଟି ବିଷୟ ଯୋଡ଼ା ଯାଇଛି। ଦେଶର କେତେକ ପ୍ରତିଷ୍ଠିତ ଓ ଖ୍ୟାତ ସ୍ଥାନର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ରକ୍ଷା ଏହାର ଉଦ୍ଦେଶ୍ୟ। ସେଥିପାଇଁ ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିରୁ ପ୍ରସିଦ୍ଧ ୨୦ଟି ସ୍ଥାନକୁ ବଛାଯାଇଛି। ଏହାକୁ ସ୍ୱଚ୍ଛତାର ଉତ୍କୃଷ୍ଟ ସ୍ଥଳରେ ପରିଣତ କରାଯିବ। ଏହି ଢାଞ୍ଚାର ସ୍ୱଚ୍ଛତା ଓ ପରିଚ୍ଛନ୍ନତା ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୮୦ଟି ସ୍ଥାନକୁ ବଛାଯିବ। ସ୍ୱଚ୍ଛତା କ୍ରିୟାନୁଷ୍ଠାନ ଯୋଜନା ଏବେ ଭାରତ ସରକାରଙ୍କ ସବୁ ମନ୍ତ୍ରଣାଳୟ ଓ ବିଭାଗରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ଏହି ସମସ୍ତ ମନ୍ତ୍ରଣାଳୟ ଓ ବିଭାଗ ନିଜନିଜର ସବୁ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରିବାର ଶପଥ ନେଇଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ଏଥିପାଇଁ କେନ୍ଦ୍ରୀୟ ବଜେଟରେ ୧୨,୦୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ ବୋଧହୁଏ ଏକମାତ୍ର ସରକାରୀ କାର୍ଯ୍ୟକ୍ରମ ଯାହା ସମଗ୍ର ସରକାରୀ କଳ ସହିତ ସମନ୍ୱିତ ହୋଇଛି।

ସ୍ୱଚ୍ଛଭାରତ ଅଭିଯାନ ପାଇଁ ଅର୍ଥଦାନ କରିବାକୁ ବେସରକାରୀ କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି। କର୍ପୋରେଟ୍ ସାମାଜିକ ଦାୟିତ୍ୱ ବା ସିଏସ୍ଆର୍ ପାଣ୍ଠିରୁ



ଏଥିପାଇଁ ଅର୍ଥ ଯୋଗାଇବା ସହ ନିଜର ଲୋକଶକ୍ତି ଓ ପରିଚାଳନାଗତ ସମ୍ବଳର ଉପଯୋଗ ଏ କ୍ଷେତ୍ରରେ କରିବାକୁ ଘରୋଇ ସଂସ୍ଥାଗୁଡ଼ିକୁ ଅନୁରୋଧ କରାଯିବା ପରେ ସେମାନେ ଆଗେଇ ଆସିଛନ୍ତି। ଟାଟା ଟ୍ରଷ୍ଟ ପକ୍ଷରୁ ଏ ଦିଗରେ ସବୁଠୁ ଅଧିକ ସହଯୋଗ ଯୋଗାଇ ଦିଆଯାଇଛି। ଟ୍ରଷ୍ଟ ପକ୍ଷରୁ ୬୦୦ ଯୁବ ପେସାଦାରଙ୍କୁ ଏଥିପାଇଁ ଦେଶର ପ୍ରାୟ ସବୁ ଜିଲ୍ଲାରେ ମୁତୟନ କରାଯାଇ ସମ୍ପୃକ୍ତ ଜିଲ୍ଲାକୁ ଖୋଲାରେ ମଳତ୍ୟାଗ ସ୍ଥିତିରୁ ମୁକ୍ତ କରିବାକୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି। ସେମାନେ ସମ୍ପୃକ୍ତ ଜିଲ୍ଲା ପ୍ରଶାସନର ସହଯୋଗରେ କାମ କରୁଛନ୍ତି। ସେମାନଙ୍କୁ ଜିଲ୍ଲା ସ୍ୱଚ୍ଛ ଭାରତ ପ୍ରେରକ କୁହାଯାଉଛି। ସେମାନେ ଯୁବକ ଓ ସଚେତନ ନାଗରିକଙ୍କୁ ଏ ଦିଗରେ କାମ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ଏହି ସ୍ୱଚ୍ଛଭାରତ ପ୍ରେରକଙ୍କ କାର୍ଯ୍ୟକୁ ବିଭିନ୍ନ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଉଛି।

**ସ୍ୱଚ୍ଛଭାରତ ଏବେ ଏକ ଜନଆନ୍ଦୋଳନ:**

ସ୍ୱଚ୍ଛ ଭାରତ ଅଭିଯାନ ତୃତୀୟ ବର୍ଷ ପୂରଣ କରିବାକୁ ଯାଉଛି। ଏବେ ଏହି ଆନ୍ଦୋଳନ ଏକ ଚରମ ସୀମାରେ ପହଞ୍ଚିଛି। ଏବେ ଆମକୁ ବିଚାର କରିବାକୁ ହେବ ଏହାକୁ ଆଉ କେଉଁ କ୍ଷେତ୍ରକୁ ପ୍ରସାରିତ କରି ଏହି ବିରାଟ ଜନଆନ୍ଦୋଳନରେ ପରିଣତ କରିବା ସହ ଇପ୍‌ସିତ ଲକ୍ଷ୍ୟ ହାସଲ କରାଯାଇପାରିବ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଓ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏକ ନୂଆ ଭାରତ ଗଢ଼ିବା ଲକ୍ଷ୍ୟରେ ଆଉ କେତେକ କାର୍ଯ୍ୟକ୍ରମକୁ ଏଥିରେ ସାମିଲ କରିଛି। ସେଥିରେ ସ୍ୱଚ୍ଛଧନ ଓ ସ୍ୱଚ୍ଛ ଭାରତ ହାକାଥନ ଅନ୍ୟତମ। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ନୂଆ ଟେକ୍‌ନୋଲୋଜିର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ସେଥିରେ ବିଭିନ୍ନ ଅଞ୍ଚଳରେ ପାରିପାର୍ଶ୍ୱିକ ଓ ଭୌଗୋଳିକ ସ୍ଥିତିକୁ ଦେଖି ନୂଆ ପ୍ରକାର ଶୌଚାଳୟ ନିର୍ମାଣ ଓ ଏହାର ବ୍ୟବହାର, ସ୍କୁଲରେ ଶୌଚାଳୟର ରକ୍ଷଣାବେକ୍ଷଣ, ଲୋକଙ୍କ ମଧ୍ୟରେ ଶୌଚାଳୟ ବ୍ୟବହାର ପ୍ରତି ସଚେତନତା ସୃଷ୍ଟି, ଶୌଚାଳୟ ପାଇଁ ପାଣି ସଂଯୋଗ ବ୍ୟବସ୍ଥା, ମଇଳା ପରିଚାଳନା ଓ ତାହାକୁ ପରିହାର ବ୍ୟବସ୍ଥା ଆଦି କରାଯାଉଛି। ସ୍ୱଚ୍ଛଧନ ଏଯାବତ ଦେଶର ବିଭିନ୍ନ ପ୍ରାନ୍ତରୁ ୩୦୦୦ ପ୍ରସ୍ତାବ ପାଇଛି ଏବଂ ତଦନୁସାରେ ସ୍ୱଚ୍ଛଭାରତ ଅଭିଯାନକୁ ଅଧିକ ସଫଳ ଓ ବ୍ୟାପକ କରିବାକୁ ପଦକ୍ଷେପ ଗ୍ରହଣ କରୁଛି।

ପ୍ରଧାନମନ୍ତ୍ରୀଙ୍କ 'ସଂକଳ୍ପରୁ ସିଦ୍ଧି' ପ୍ରୟାସରେ ଅନୁପ୍ରାଣିତ ହୋଇ ଗ୍ରାମୀଣ ସ୍ୱଚ୍ଛଭାରତ ଅଭିଯାନ ପକ୍ଷରୁ 'ସ୍ୱଚ୍ଛ ସଂକଳ୍ପରୁ ସ୍ୱଚ୍ଛ ସିଦ୍ଧି' ନାମରେ ପାଇଖାନା ନିର୍ମାଣ କରାଯାଇଛି। ଏହାଛଡ଼ା ସ୍ୱଚ୍ଛଭାରତ ସମ୍ପର୍କରେ ଦେଶବ୍ୟାପୀ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ଏହାକୁ ଏକ ଜନଆନ୍ଦୋଳନର ରୂପ ଦେବାକୁ ପ୍ରୟାସ ଚାଲିଛି। ସ୍ୱଚ୍ଛ ଭାରତ ସମ୍ପର୍କରେ ସ୍କୁଲ ପିଲା, ସଶସ୍ତ୍ର ବାହିନୀ, ଯୁବ ସଂଗଠନ ଓ ସାଧାରଣ ଜନତାଙ୍କ ପ୍ରବନ୍ଧ ଓ ମତାମତ ନିଆଯାଇ ଭିଡିଓ ଓ ଫିଲ୍ମ ତିଆରି କରାଯାଇ ତାହାକୁ ପ୍ରଦର୍ଶିତ କରାଯାଉଛି। ଆଶା କରାଯାଉଛି ଯେ ସ୍ୱଚ୍ଛଭାରତ ସମ୍ପର୍କରେ ଏକ କୋଟି ପ୍ରବନ୍ଧ ଓ ୫୦ ହଜାର ଫିଲ୍ମ ମିଳିଯିବ। ଏହା ସ୍ୱଚ୍ଛଭାରତ ଅଭିଯାନକୁ ପ୍ରୋତ୍ସାହିତ କରିବାରେ ବିଶେଷ ସହାୟକ ହେବ।

୨୦୧୭ ଅଗଷ୍ଟ ୨୭ ତାରିଖରେ ପ୍ରଧାନମନ୍ତ୍ରୀ ତାଙ୍କ 'ମନ୍ କି ବାତ୍' ରେଡିଓ କାର୍ଯ୍ୟକ୍ରମରେ ସ୍ୱଚ୍ଛଭାରତ ସଂକ୍ରାନ୍ତ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

ପ୍ରଧାନମନ୍ତ୍ରୀ ଏହି ଅଭିଯାନକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରି ଭାରତକୁ ସ୍ୱଚ୍ଛ ଓ ପରିଚ୍ଛନ୍ନ କରିବାର ଆହ୍ୱାନ ଦେଇଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନରେ ଟ୍ୱାଇନ-ପିଟ୍ ଟଏଲେଟ ନିର୍ମାଣ, ସାଧାରଣ ସ୍ଥାନକୁ ପରିଷ୍କାର ରଖିବା ଏବଂ ସ୍ୱଚ୍ଛ ଭାରତ ପାଇଁ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨ ମଧ୍ୟରେ ଶ୍ରମଦାନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହି ପ୍ରୟାସକୁ ସେ 'ସ୍ୱଚ୍ଛତା ହିଁ ସେବା' ନାମରେ ନାମିତ କରିଛନ୍ତି। ଏମ୍‌ଡିଡବ୍ଲ୍ୟୁଏସ୍ କାର୍ଯ୍ୟକ୍ରମରେ ସରକାରୀ ନେତା, ପଞ୍ଚାୟତ ପ୍ରତିନିଧି, ଗୋଷ୍ଠୀଗତ ଅନୁଷ୍ଠାନ, ଯୁବ ସଂଗଠନ, ସେନା, କମ୍ପାନୀ ଓ ନାଗରିକଙ୍କୁ ସାମିଲ କରାଯାଉଛି। ରାଷ୍ଟ୍ରପତି ଅଗଷ୍ଟ ୧୫ରେ ଏହି ସ୍ୱଚ୍ଛତା ପକ୍ଷର ଶୁଭାରମ୍ଭ ଉତ୍ତରପ୍ରଦେଶରେ କରିଥିବାବେଳେ ଅକ୍ଟୋବର ୨, ଗାନ୍ଧିଜୟନ୍ତୀରେ ପ୍ରଧାନମନ୍ତ୍ରୀ ଏହାର ଉଦ୍‌ଯାପନ କରିଛନ୍ତି। ଏଥିରେ ସ୍ୱଚ୍ଛଭାରତ ଜାତୀୟ ପୁରସ୍କାର ଓ ସ୍ୱଚ୍ଛ ସଂକଳ୍ପରୁ ସ୍ୱଚ୍ଛ ସିଦ୍ଧି ପୁରସ୍କାର ପ୍ରଦାନ କରାଯାଇଛି।

ଏସବୁ ପ୍ରୟାସ ବଳଶାଳୀ ହେଲେ ସ୍ୱଚ୍ଛଭାରତ ଅଭିଯାନ ସଫଳ ହେବା ସହ ଭାରତର ପରିବର୍ତ୍ତନ ପ୍ରୟାସ ଲକ୍ଷ୍ୟ ହାସଲ ହୋଇପାରିବ। ଏହି ଅଭିଯାନ ଲୋକଙ୍କ ଚିନ୍ତାକୁ ପ୍ରଭାବିତ କରିଛି ଏବଂ ଲୋକେ ଏହାର ମର୍ମ ବୁଝି ପାରିଛନ୍ତି। ସ୍ୱାଧୀନତା ପରେ ଦୀର୍ଘ ୭୦ବର୍ଷ କାଳ ସ୍ୱଚ୍ଛତା କ୍ଷେତ୍ରରେ ନିସ୍ତେଜ ଥିବା ଭାରତ ପରିଶେଷରେ ଗାନ୍ଧିଜୀଙ୍କ କଳ୍ପନା ଓ ସ୍ୱପ୍ନକୁ ସାକାର କରିବାକୁ ଆଗେଇ ଚାଲିଛି। ପାଞ୍ଚବର୍ଷ ମଧ୍ୟରେ ଭାରତକୁ ସ୍ୱଚ୍ଛ ଓ ଖୋଲା ମଳ ତ୍ୟାଗ ଅଭ୍ୟାସରୁ ମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ନିଷ୍ପତ୍ତି ନେଇଛନ୍ତି ସେଥିରେ ଉଭୟ ସାହସ ଓ ବିଚାର ନିହିତ। ଯେଉଁ ଲକ୍ଷ୍ୟ ହାସଲ ଏକଦା ଅସମ୍ଭବ ମନେ ହେଉଥିଲା ଏବେ ତାହା ସମ୍ଭବ ଲାଗୁଛି। ତଥାପି ଏ କ୍ଷେତ୍ରରେ ଅନେକ ପଥ ଅତିକ୍ରମ କରିବାର ଅଛି। ଏ ପର୍ଯ୍ୟନ୍ତ ଏ କ୍ଷେତ୍ରରେ ଯେଉଁ ପ୍ରଗତି ହୋଇଛି ତାହାକୁ ଦେଖିଲେ ମନେହୁଏ ଯେ ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୧୨-୧୫ ମାସ ମଧ୍ୟରେ ଭାରତ ତାହାର ଲକ୍ଷ୍ୟ ପଥରେ ପହଞ୍ଚି ପାରିବ।



ଲେଖକ ଭାରତ ସରକାରଙ୍କ ପାନୀୟଜଳ ଓ ପରିଚ୍ଛନ୍ନତା ମନ୍ତ୍ରଣାଳୟର ସଚିବ।

# ଜାତିବାଦ ମୁକ୍ତ ଭାରତ ଗଠନ

● ଅମରଜିତ ଏସ୍ ନାରଙ୍ଗ

ଜାତିବାଦ ଭାରତର ସବୁଠୁ ବଡ଼ ସାମାଜିକ ସମସ୍ୟା। ଏହା ଦେଶର ସାମାଜିକ-ଆର୍ଥିକ ବିକାଶ ଓ ଏକତା ପାଇଁ ଏକ ବିପଦ। ଆମେ ଯେତେବେଳେ ଏକ ସଂଯୁକ୍ତ, ମର୍ଯ୍ୟାଦାପୂର୍ଣ୍ଣ ଓ ବିକଶିତ ଭାରତ ଗଠନ ପାଇଁ ଚେଷ୍ଟିତ ସେତେବେଳେ ଶକ୍ତିଶାଳୀ ଜାତିବାଦୀ ଓ ରାଜନୈତିକ ବିଭେଦକାରୀ ଶକ୍ତି ସାମାଜିକ ବିଭେଦ ସୃଷ୍ଟି କରୁଛନ୍ତି। ସେମାନେ ସାମାଜିକ ବିବାଦ ଭିଆଇ ଦେଶର ସ୍ଥିରତା, ଶାନ୍ତି ଓ ସଦ୍‌ଭାବନାକୁ ବିଘ୍ନିତ କରିବା ସହ ନିର୍ବାଚନ ଫଳାଫଳକୁ ଚତୁରତାର ସହ ଏପଟସେପଟ କରି ସୁସ୍ଥ ସଂସଦୀୟ ଓ କାର୍ଯ୍ୟନିର୍ବାହୀ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପ୍ରଭାବିତ କରିଥାନ୍ତି। ଏହି ସମସ୍ୟା ଏତେ ଉତ୍କଟ ଯେ ଜାତିବାଦରେ ପାରମ୍ପରିକ ଭାବେ ବିଶ୍ୱାସୀ କେବଳ ହିନ୍ଦୁ ନୁହଁନ୍ତି, ମୁସଲମାନ, ଶିଖ, ଜୈନ, ବୌଦ୍ଧ ଓ ଖ୍ରୀଷ୍ଟିଆନମାନେ ମଧ୍ୟ ଜାତିବାଦର ମାର୍ଗ ମଧ୍ୟ ଅନୁସରଣ କରିଥାନ୍ତି। ରାଷ୍ଟ୍ରନୀତିଜ୍ଞ, ନୀତି ନିର୍ଦ୍ଧାରକ, ପର୍ଯ୍ୟବେକ୍ଷକ ଏବଂ ରାଜନେତାଗଣ ଏଥିରେ ଯଥାର୍ଥରେ ଏକମତ ଯେ ଭାରତକୁ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ, ଦାରିଦ୍ର୍ୟମୁକ୍ତ ଓ ବ୍ୟାଧିମୁକ୍ତ କରି ବିଶ୍ୱ ଦରବାରରେ ଏକ ସମ୍ମାନଜନକ ସ୍ଥାନରେ ଛିଡ଼ା କରାଇବାକୁ ହେଲେ ଜାତିବାଦର ବିଲୋପ ଲୋଡ଼ା। ଏହା ସମୟର ଆବଶ୍ୟକତା ବୋଲି ସେମାନେ ମତ ଦିଅନ୍ତି। ସେଥିପାଇଁ ଆମକୁ ପ୍ରଥମେ ଜାତିବାଦ ସମ୍ପର୍କିତ କିଛି ଭ୍ରମଧାରଣା ଓ ଏହାର ପରିପ୍ରକାଶ ପଛରେ ଥିବା କାରଣ ତଥା ସାଂପ୍ରତିକ ପରିସ୍ଥିତିରେ ଏହାର ପ୍ରସାର ସମ୍ପର୍କରେ ବୁଝିବାକୁ ହେବ।

**ଜାତିବାଦ:**

ଜାତିବାଦର ପ୍ରକୃତ ସଂଜ୍ଞା, ଏହାର ଉତ୍ପତ୍ତି ଓ ବିଭିନ୍ନ କାଳରେ ଏହାର ଭୂମିକା ନେଇ ପର୍ଯ୍ୟବେକ୍ଷକ ଓ ବିଦ୍ୱାନମାନେ ନାନା ମତ ଦିଅନ୍ତି। ତେବେ ସାଧାରଣ ଦୃଷ୍ଟିରୁ ଦେଖିଲେ ମୂଳତଃ ଏହା ଏକ ବର୍ଗକ୍ରମିକ ଦର୍ଯ୍ୟା ବା ସାମାଜିକ ମର୍ଯ୍ୟାଦା। ବୃତ୍ତିକୁ ଭିତ୍ତି କରି ଗଢ଼ିଉଠିଥିବା ବିଭିନ୍ନ ବର୍ଗ ଏବଂ ସେମାନଙ୍କ ମଧ୍ୟରେ ଉଚ୍ଚ ଓ ନୀଚ୍ଚ କାର୍ଯ୍ୟର ବିଚାର ତଥା ବୃତ୍ତିରେ ପବିତ୍ର ଓ ଅପବିତ୍ର କାର୍ଯ୍ୟର ଭାବନାକୁ ନେଇ ବିଭିନ୍ନ ଜାତି ସୃଷ୍ଟି ହୋଇଛି। ବେଳେବେଳେ ଜାତିବାଦ, ବର୍ଣ୍ଣ ବ୍ୟବସ୍ଥା ସହ ସଂଯୁକ୍ତ ହୋଇଥାଏ ଯାହାର ଭିତ୍ତି ଧର୍ମଶାସ୍ତ୍ରରେ ମଧ୍ୟ ନାହିଁ। ୨୦୦୦ବର୍ଷ ତଳେ ଆର୍ଥିକ, ରାଜନୈତିକ ଓ ବସ୍ତୁଗତ ଅଧିକାରକୁ ନେଇ ଏକ ବିବର୍ତ୍ତନ ପ୍ରକ୍ରିୟାରେ ଜାତିବାଦ ସୃଷ୍ଟି ହୋଇଛି ବୋଲି ଗବେଷକମାନେ ମତ ଦିଅନ୍ତି। ତେବେ ଏହା ଭାରତୀୟ ଜୀବନରେ ଏକ ଧରାବନ୍ଧା ବାସ୍ତବତା ନ ଥିଲା। ପ୍ରବର୍ତ୍ତିତ ସାମାଜିକ, ରାଜନୈତିକ ଓ ଐତିହାସିକ ବାତାବରଣରେ ଏହା ବିବର୍ତ୍ତନକ୍ରମେ ଉଦ୍ଭବ ହୋଇଛି। ବ୍ରିଟିଶ ଶାସନ ପୂର୍ବରୁ ଜାତିବାଦ କୋହଳ ଓ ନମନୀୟ ଥିଲା।

**ଉପନିବେଶକାଳର ଜାତିବାଦ:**

ଜାତିବାଦ ସାମାଜିକ ବାସ୍ତବତା ଭାବେ ବେଶ କିଛି କାଳ ରହିଥିଲେ ହେଁ ବ୍ରିଟିଶ ଶାସନକାଳରେ ଶାସକବର୍ଗ ଜାତିକୁ ଭାରତୀୟ ସମାଜର ଏକ ଆନୁଷ୍ଠାନିକ ମୂଳଭିତ୍ତି ଭାବେ ବିବେଚନା କରୁଥିଲେ। ୧୮୭୧ରେ ହୋଇଥିବା ପ୍ରଥମ ଜନଗଣନାରେ ମୁଖ୍ୟତଃ ଜାତିଭିତ୍ତିକ ତଥ୍ୟ ସଂଗ୍ରହ କରାଯାଇ ଏହାକୁ ଶ୍ରେଣୀଭୁକ୍ତ କରାଯାଇଥିଲା। ନୀରଜ ଦୟାଲଙ୍କ ମତରେ ଜନଗଣନାରୁ ସଂଗୃହୀତ ତଥ୍ୟକୁ ଆଧାର କରି ଜାତି ଓ ଉପଜାତିଙ୍କ ସଂଖ୍ୟା ମାପି ସେମାନଙ୍କୁ ଜାତି ପରିଚୟ ମିଳିଥିଲା। ପୂର୍ବରୁ ଏ ବ୍ୟବସ୍ଥାଟି ନ ଥିଲା। ୧୯୦୧ ଓ ୧୯୧୧ ଜନଗଣନାରେ ତଥ୍ୟକୁ ଭିତ୍ତି କରି ଜାତିକୁ ଜଟିଳ

> ବ୍ରିଟିଶ ଶାସକମାନେ ଜାତି ବ୍ୟବସ୍ଥାକୁ ବ୍ୟବହାର କରି ଭାରତରେ ଭେଦନୀତି ସୃଷ୍ଟି କରି ଶାସନ ଚଳାଇଥିଲେ। ସେ ବିଭିନ୍ନ ବର୍ଗଙ୍କ ଉପରେ କଠୋର ଭାବେ ଜାତି ପରିଚୟ ଲଦି ଦେଇଥିଲେ। ସରକାରୀ ଚାକିରି ପାଇଁ ସେମାନେ ଜାତିକୁ ଅନୁଷ୍ଠାନିକ ମାନ୍ୟତା ଦେଇଥିଲେ। ବିଭିନ୍ନ କାମ ପାଇଁ ବିଭିନ୍ନ ଜାତିର ଲୋକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବଛାଯାଉଥିଲା। ପୁଲିସ ଓ ସେନା ଚାକିରି ପାଇଁ ନିର୍ଦ୍ଦିଷ୍ଟ କେତେକ ଜାତିକୁ ସୁଯୋଗ ମିଳୁଥିବାବେଳେ ଆଉ କେତେକ ଜାତିକୁ ଅପରାଧୀ ବୋଲି ଚିହ୍ନଟ କରାଯାଇଥିଲା। ଜାତି ଭିତ୍ତିରେ ଆଇନ ପ୍ରଣୟନ କରି କେତେକ ଜାତିର ଲୋକଙ୍କୁ ସୁବିଧାସୁଯୋଗ ପ୍ରଦାନ ସହ ସେମାନଙ୍କୁ ବ୍ରିଟିଶ ଶାସକ ନିଜର ମିତ୍ର ଭାବେ ରଖିବାକୁ ଚାହିଁଥିଲେ। ଶ୍ରୀନିବାସଙ୍କ ମତରେ ବ୍ରିଟିଶ ଶାସକଙ୍କ ଏହି ନୀତି ଫଳରେ ଲୋକଙ୍କ ମଧ୍ୟରେ ଜାତିଆଣ ସଚେତନତା ବଢ଼ିଲା ଏବଂ ଏହା ଫଳରେ ଆନ୍ତଃ-ଜାତି ପ୍ରତିଯୋଗିତା ବଢ଼ିଲା। ଏହାଦ୍ୱାରା ଗୋଟିଏ ଜାତି ଅନ୍ୟ ଜାତିକୁ ପଛରେ ପକାଇ ଆଗକୁ ବଢ଼ିବାର ପ୍ରବୃତ୍ତି ସୃଷ୍ଟି ହେଲା।




ଶ୍ରେଣୀଭୁକ୍ତ କରାଗଲା । ଏହା ଫଳରେ ଜାତି ପରିଚୟ ଅଧିକ କଠୋର ହେଲା ।

ବ୍ରିଟିଶ ଶାସକମାନେ ଜାତି ବ୍ୟବସ୍ଥାକୁ ବ୍ୟବହାର କରି ଭାରତରେ ଭେଦନୀତି ସୃଷ୍ଟି କରି ଶାସନ ଚଳାଇଥିଲେ । ସେ ବିଭିନ୍ନ ବର୍ଗଙ୍କ ଉପରେ କଠୋର ଭାବେ ଜାତି ପରିଚୟ ଲଦି ଦେଇଥିଲେ । ସରକାରୀ ଚାକିରି ପାଇଁ ସେମାନେ ଜାତିକୁ ଅନୁଷ୍ଠାନିକ ମାନ୍ୟତା ଦେଇଥିଲେ । ବିଭିନ୍ନ କାମ ପାଇଁ ବିଭିନ୍ନ ଜାତିର ଲୋକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବଛାଯାଉଥିଲା । ପୁଲିସ ଓ ସେନା ଚାକିରି ପାଇଁ ନିର୍ଦ୍ଦିଷ୍ଟ କେତେକ ଜାତିକୁ ସୁଯୋଗ ମିଳୁଥିବାବେଳେ ଆଉ କେତେକ ଜାତିକୁ ଅପରାଧୀ ବୋଲି ଚିହ୍ନଟ କରାଯାଇଥିଲା । ଜାତି ଭିତ୍ତିରେ ଆଇନ ପ୍ରଣୟନ କରି କେତେକ ଜାତିର ଲୋକଙ୍କୁ ସୁବିଧାସୁଯୋଗ ପ୍ରଦାନ ସହ ସେମାନଙ୍କୁ ବ୍ରିଟିଶ ଶାସକ ନିଜର ମିତ୍ର ଭାବେ ରଖିବାକୁ ଚାହିଁଥିଲେ । ଶ୍ରୀନିବାସଙ୍କ ମତରେ ବ୍ରିଟିଶ ଶାସକଙ୍କ ଏହି ନୀତି ଫଳରେ ଲୋକଙ୍କ ମଧ୍ୟରେ ଜାତିଆଣ ସଚେତନତା ବଢ଼ିଲା ଏବଂ ଏହା ଫଳରେ ଆନ୍ତଃ-ଜାତି ପ୍ରତିଯୋଗିତା ବଢ଼ିଲା । ଏହାଦ୍ୱାରା ଗୋଟିଏ ଜାତି ଅନ୍ୟ ଜାତିକୁ ପଛରେ ପକାଇ ଆଗକୁ ବଢ଼ିବାର ପ୍ରବୃତ୍ତି ସୃଷ୍ଟି ହେଲା । ଏହା ଜାତିଆଣ ଅନୁଷ୍ଠାନ, ସଂଘ, ମହାସଂଘ ଆଦି ଗଠନକୁ ପ୍ରୋତ୍ସାହିତ କରି ଆଞ୍ଚଳିକ ସ୍ତରରେ ବ୍ରିଟିଶ ସରକାରଙ୍କଠାରୁ କିଛି ସୁବିଧା ସୁଯୋଗ ନେବାକୁ ମୂଳଚାଲ କରିବାର କ୍ଷମତା ଦେଲା । ତେଣୁ ଦୟାଲଙ୍କ ମତରେ ଜାତିବାଦ ଆଉ ରୀତିନୀତି ଶୃଙ୍ଖଳା ଭିତ୍ତିକ ନ'ହୋଇ ରାଜନୀତି ଓ ଜାତୀୟ ଆନ୍ଦୋଳନରେ ଏକ ଭିନ୍ନ ଶକ୍ତି ଭାବେ ଆତ୍ମପ୍ରକାଶ କଲା । ଜାତୀୟ ସ୍ତରର ନେତାମାନେ ଏହି ବିଭେଦକୁ ହ୍ରାସ କରିବା ପାଇଁ ଉଦ୍ୟମ କରିଥିଲେ ଏବଂ ଜାତୀୟ ସଂଗ୍ରାମରେ ସାମାଜିକ ନ୍ୟାୟ ପ୍ରସଙ୍ଗକୁ ମିଶାଇଦେବାକୁ ଚେଷ୍ଟା କରିଥିଲେ; କିନ୍ତୁ ସେଥିରେ ସେମାନେ ବିଶେଷ ସଫଳ ହୋଇପାରି ନ ଥିଲେ ।

**ସ୍ୱାଧୀନ ଭାରତରେ ଜାତି:**

ପୂର୍ବରୁ କୁହାଯାଇଛି ଯେ ବ୍ରିଟିଶ ଶାସନ କାଳରେ ଜାତିବାଦୀ ଗୋଷ୍ଠୀ ପରିଚୟ ସଚେତନ ଓ ସଂଗଠିତ ହୋଇଥିଲେ । ସ୍ୱାଧୀନତା କାଳରେ ସେହିସବୁ ଗୋଷ୍ଠୀ ମଧ୍ୟରୁ କେତେକ ନିଜର ସ୍ୱାର୍ଥ ଓ ଦାବି ହାସଲ ପାଇଁ ବେଶ୍ ସ୍ୱର ଉତ୍ତୋଳନ କଲେ । ସମ୍ବିଧାନ ପ୍ରଣେତାମାନେ ଏକ ସମୁଚିତ, ଭ୍ରାତୃବାଦୀ, ନ୍ୟାୟୋଚିତ, ସମବାଦୀ ଏବଂ ଭେଦଭାବମୁକ୍ତ ସମାଜ ଗଠନ ପାଇଁ ଅଙ୍ଗୀକୃତ ଥିଲେ । ଅତଏବ

୧୯୫୦ର ସମ୍ବିଧାନ ଜାତିବ୍ୟବସ୍ଥାର ଅବସାନ ଘଟାଇଲା। ଜାତି ଭେଦଭାବ, ପାତର ଅନ୍ତର, ଅସ୍ପୃଶ୍ୟତା ଆଦିର ଆୟୁଧ ହୋଇଥିବାରୁ ତାହାକୁ ସମ୍ବିଧାନ ମାନ୍ୟତା ଦେଲାନାହିଁ। ସେଥିପାଇଁ ନାଗରିକଙ୍କୁ ସମାନତା, ସ୍ୱାଧୀନତା ଓ ମୁକ୍ତିର ମୌଳିକ ଅଧିକାର ପ୍ରଦାନ କରାଗଲା। ଏଥିସହିତ ପୁରୁଣା ପାତରଅନ୍ତର ବ୍ୟବସ୍ଥାର ଅବସାନ ଘଟାଇ ନାଗରିକଙ୍କ ମଧ୍ୟରେ ସମତା ଆଣିବାକୁ ତଫସିଲଭୁକ୍ତ ଜାତି, ଉପଜାତି, ପଛୁଆ ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମ୍ବିଧାନରେ କେତେକ ଗଠନମୂଳକ ସଂରକ୍ଷଣ ବ୍ୟବସ୍ଥା କରାଗଲା। ସେତେବେଳେ ଆଶା କରାଯାଇଥିଲା ଯେ ଏଭଳି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା କାଳକ୍ରମେ ସାମାଜିକ-ଆର୍ଥିକ ବିକାଶ ଓ ସମାଜର ପରିବର୍ତ୍ତନ ସହିତ ସବୁଜାତି ଓ ବର୍ଗର ଲୋକେ ପରସ୍ପର ସହିତ ସମନ୍ୱିତ ହୋଇଯିବେ।

ସ୍ୱାଧୀନତାର ସାତ ଦଶନ୍ଧି ମଧ୍ୟରେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଜାତିର ପ୍ରଭାବ ହ୍ରାସ ପାଇଥିଲେ ହେଁ ରାଜନୀତିରେ ଏହା ଅଧିକରୁ ଅଧିକ ଦୃଢ଼ ହୋଇଛି। ଏହା ନୂଆ ଜାତିଭିତ୍ତିକ ସଂଗଠନ ନିର୍ମାଣ, ଜାତିଭିତ୍ତିକ ଧ୍ରୁବୀକରଣ, ହିଂସାକାଣ୍ଡ ଓ ସଂରକ୍ଷଣ ବିବାଦ ଆଦିକୁ ସୃଷ୍ଟି କରିଛି। ଦେଶର ସାମାଜିକ-ଆର୍ଥିକ ବ୍ୟବସ୍ଥାରେ ଜାତି ଆସ୍ଥାନ ଜମାଇଛି। ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳନ ପରେ ଦେଶରେ ସାବାଳକ ଭୋଟ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହା ମାଧ୍ୟମରେ ନିରକ୍ଷର ଏବଂ ରାଜନୀତି ବୁଝୁଥିବା ଅଥଚ ଏଥିପ୍ରତି ସଚେତନ ନ ଥିବା ଲୋକଙ୍କୁ ଏକତ୍ର କରି ଅର୍ଥନୈତିକ କାର୍ଯ୍ୟକ୍ରମ ଓ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ଜାତି-ଜାତି ଓ ସଂପ୍ରଦାୟ-ସଂପ୍ରଦାୟ ମଧ୍ୟରେ ସୁସମ୍ପର୍କ ରକ୍ଷା ଜରୁରୀ। ବିଭିନ୍ନ କାର୍ଯ୍ୟକ୍ରମ ପ୍ରତି ଜାତିବାଦୀ, ସମ୍ପ୍ରଦାୟବାଦୀ ଓ ଧର୍ମବାଦୀ ଆଭିମୁଖ୍ୟ ତଥା ବିଚାର ଭିନ୍ନ। ରାଷ୍ଟ୍ରୀୟ ଆବଶ୍ୟକତା ଏହି ବଚାର ଆଗରେ ଅନେକ ସମୟରେ ଗୌଣ ହୋଇପଡ଼େ। ତେଣୁ ଏସବୁର ତଥ୍ୟାବଳୀ ସଂଗ୍ରହ କରିବା ଆବଶ୍ୟକ ହୁଏ। ଅତଏବ ଗଣତନ୍ତ୍ର ଭିତରେ ଜାତିବାଦ ରାଜନୈତିକ, ସାମାଜିକ ଓ ଗତିଶୀଳତା ଓ ଆନୁଷ୍ଠାନିକତାର ବିଷୟବସ୍ତୁକୁ ନିର୍ଦ୍ଧାରଣ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସିଛି। ଏହା ଫଳରେ ଜାତିବାଦ ସୃଷ୍ଟି ହୋଇଛି।

> ଆମ ସମାଜର ରାଜନୈତିକ, ସାମାଜିକ ଓ ଆର୍ଥିକ ଢାଞ୍ଚାକୁ ଜାତିବାଦ କିପରି ନଷ୍ଟ କରୁଛି ତାହା ଉପରେ ଆଲୋଚିତ ହୋଇଛି। ଏକଥା ଅବଶ୍ୟ ସତ୍ୟ ଯେ ସାମାଜିକ ସ୍ତରରେ ଜାତିବାଦର କ୍ରମଶଃ ମୃତ୍ୟୁ ଘଟୁଛି। ଜୀବନ ଓ ଜୀବିକା ସହ ସମ୍ପୃକ୍ତ ଆଧୁନିକ ସ୍ଥିତି ଅନେକ ଜଟିଳ ରୀତିନୀତି, ବିଶ୍ୱାସ ଓ ପ୍ରଥାକୁ ଅନାବଶ୍ୟକ ଓ ପରିତ୍ୟକ୍ତ କରିଦେଇଛି। ସହରାଞ୍ଚଳରେ ଆନ୍ତଃ-ଭୋଜନ ଓ ବିଜାତିକ ବିବାହ ଆଉ ଦୋଷାବହ ହୋଇ ରହିନାହିଁ। ସଚେତନ ଓ ଶିକ୍ଷିତ ବର୍ଗରେ, ଶିକ୍ଷାନୁଷ୍ଠାନରେ, ନର୍ଦ୍ଦିଷ୍ଟ ଭାବେ ମହାନଗରୀଗୁଡ଼ିକରେ ଜାତିଆଣ ରୀତିନୀତି ଓ ଜାତିଗତ ପ୍ରଥାକୁ ତାଚ୍ଛଲ୍ୟ କରାଯାଇ ଏହାକୁ ପରିହାର କରାଯାଇଛି। ଆଉଏକ ଗଠନମୂଳକ ଘଟଣା ହେଲା ଗତ କେତେ ବର୍ଷ ମଧ୍ୟରେ ନିର୍ବାଚନରେ, ନିର୍ଦ୍ଦିଷ୍ଟ ଭାବେ ଲୋକସଭା ନିର୍ବାଚନରେ ଜାତି ଓ ଜାତିବାଦ ଗୌଣ ହୋଇଛି। ବିଭିନ୍ନ ରାଜନୈତିକ ଦଳ ବିକାଶ, ଦୁର୍ନୀତି, ପ୍ରଦର୍ଶନ, କାର୍ଯ୍ୟ ଓ ଶାସନ ଆଦିକୁ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ କରୁଛନ୍ତି।

**ଜାତିବାଦ:**

ଜାତିବାଦ ଶବ୍ଦ ସାଧାରଣ ଅର୍ଥରେ ସମାଜର ଅନ୍ୟ ବର୍ଗଙ୍କ ଅପକ୍ଷା ଆର୍ଥିକ, ସାମାଜିକ ଓ ରାଜନୈତିକ ସୁଯୋଗ ସର୍ବାଧିକ ଉଠାଇବା ପାଇଁ ଜାତି ଓ ଉପଜାତି ଗୋଷ୍ଠୀର ସଦସ୍ୟଙ୍କ ଏକ ପ୍ରବଣତା ବା ବିଶେଷତ୍ୱ। ଏହା ମଧ୍ୟ ଜାତିଗତ ଶକ୍ତି ଓ ନିଷ୍ପତ୍ତି ଗ୍ରହଣର ଅଧିକାର ଜାହିର କରିବାର ଏକ ରାଜନୈତିକ ଦର୍ଶନ ଜାହା ଗୋଟିଏ ଜାତିକୁ ନେତୃତ୍ୱ ନେବାରେ ଓ ନେତା ତିଆରିରେ ଏକାଠି କରିବାରେ ସହାୟକ ହୋଇଥାଏ। ଏଥିରେ ଏକ ନିର୍ଦ୍ଦିଷ୍ଟ ଜାତି ବା ବର୍ଗର ଲୋକେ ଜାତିଗତ, ଅର୍ଥନୈତିକ ଓ ରାଜନୈତିକ ସ୍ୱାର୍ଥ ରକ୍ଷା ଆଶାରେ ନିଜ ଜାତି ପ୍ରତି ଆଖିବୁଜା ସମର୍ଥନ ଜଣାଇଥାନ୍ତି। ବେଳେବେଳେ ଏହି ବିଚାର ଅନ୍ୟ ଜାତି ପ୍ରତି ଘୃଣା ଓ ଦ୍ୱେଷ ଭାବ ସୃଷ୍ଟି କରିଥାଏ। ଫଳରେ ସାମାଜିକ ସଂଘାତର ସୂତ୍ରପାତ ହୁଏ। ପୂର୍ବରୁ କୁହାଯାଇଛି ଯେ ଗୌଣ ବା ପ୍ରାଧାନ୍ୟ ନ ଥିବା ଗୋଷ୍ଠୀର ଏକ ସୁବିକଶିତ ରାଜନୈତିକ ଭିତ୍ତିଭୂମିର ଅଭାବରୁ ମୂଳ ଜାତିବାଦୀ ଗୋଷ୍ଠୀ କ୍ଷମତା ହାତେଇବା ପାଇଁ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେବା ସହ ବିଭାଜନ ରାଜନୀତିକୁ ପ୍ରୋତ୍ସାହିତ କରିଥାଏ। ଜାତିବାଦୀ ରାଜନୀତି କରୁଥିବା ଏସବୁ ଗୋଷ୍ଠୀ ଦେଶ ବା ରାଜ୍ୟର ବିକାଶ ତଥା ଲୋକଙ୍କ କଲ୍ୟାଣ ପ୍ରତି ବିଶେଷ ଆଗ୍ରହୀ ନରହି, ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିଲେ। ସେମାନଙ୍କ ପାଇଁ ଗଣତନ୍ତ୍ର ଓ ନିର୍ବାଚନ ହେଉଛି କେବଳ କ୍ଷମତା ହାସଲ ଏବଂ ରାଷ୍ଟ୍ରର ନିୟନ୍ତ୍ରଣର ମାଧ୍ୟମ।

ଜାତି ଭିତ୍ତିରେ ନିର୍ବାଚନରେ ଭାଗ ନେଇ ଏହାର ଫଳାଫଳକୁ ପ୍ରଭାବିତ କରିବା ବ୍ୟତୀତ ଜାତିକୁ ମଧ୍ୟ ଚାପସୃଷ୍ଟିକାରୀ ଗୋଷ୍ଠୀଭାବେ ବ୍ୟବହାର କରାଯାଉଛି। ଏହାକୁ ଆୟୁଧ କରି ଉଚିତ ଓ ଅନୁଚିତ ସୁବିଧା ସୁଯୋଗ ହାତେଇବାର ପ୍ରୟାସ ହୋଇଆସୁଛି। ସ୍ଥାନ ସଂରକ୍ଷଣ ବା କୋଟା ସପକ୍ଷ ଓ ବିପକ୍ଷରେ ଯେଉଁ ଚାପ ସୃଷ୍ଟି କରାଯାଉଛି ଏହା ସେହି ମଧ୍ୟରୁ

ଗୋଟିଏ। ଏହାକୁ କେନ୍ଦ୍ର କରି ଅନେକ ଥର ହିଂସାତ୍ମକ ପ୍ରତିବାଦ, ବିକ୍ଷୋଭ ଦ୍ୱାରା ସରକାରୀ ସମ୍ପତ୍ତି ନଷ୍ଟ କରାଯାଇଛି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ସରକାରଙ୍କୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଛି। ଫଳରେ ଦେଶର ମୂଲ୍ୟବାନ ସମ୍ବଳ ଲୋକକଲ୍ୟାଣ ଦିଗରେ ବିନିଯୋଗ ହୋଇପାରୁନାହିଁ। ଏହି ବିଚାରରେ ଜାତିର ରାଜନୀତିକରଣ ଏକ ନୂଆ ସମୀକରଣ ସୃଷ୍ଟିକରୁଛି। ଏହି ସମୀକରଣରେ ଜାତିର ଭୂମିକା ବଦଳି ଏହା ଧର୍ମ ବା ଜାତି ନିରପେକ୍ଷତା ବିରୋଧୀ ଭୂମିକା ନିର୍ବାହ କରୁଛି ଯାହା ନୂଆ।

ମାଇରନ୍ ଓ୍ୱେନରଙ୍କ ମତ ଅନୁସାରେ "ବିରୋଧାଭାଷ ହେଉଛି, ବ୍ୟକ୍ତିର ଜୀବନସ୍ଥିତ



ନିର୍ଦ୍ଧାରଣରେ ଜାତି ଯାହା ଏକପ୍ରକାର ସ୍ୱଳ୍ପ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହା ବ୍ୟକ୍ତିର ରାଜନୈତିକ ପରିଚୟର ପ୍ରମୁଖ ଅଂଶ ପାଲଟିବା ସହିତ ନାଗରିକ ସମାଜର ଏକ ଆନୁଷ୍ଠାନିକ ଉପାଦାନ ପାଲଟିଛି।" ଏବେ ଜାତିଭିତ୍ତିରେ ଅନେକ ଶିକ୍ଷାନୁଷ୍ଠାନ, ହଷ୍ଟେଲ, ହାଉସିଂ ସୋସାଇଟି ଗଢ଼ି ଉଠିଛି। ଏହା ସତ୍ୟ ଯେ ଏଭଳି ପ୍ରୟାସ ଦ୍ୱାରା ଦଳିତ ଓ ବଞ୍ଚିତ ବର୍ଗର କିଛି ଲୋକ ସମାଜର ମୁଖ୍ୟ ଧାରାରେ ସାମିଲ ହେବାର ସୁଯୋଗ ପାଇ ନିଜର ଆଶା ଆକାଂକ୍ଷା ପୂରଣ କରିପାରୁଛନ୍ତି। ତେବେ ସାମଗ୍ରିକ ଭାବେ ଦେଖିଲେ ଜାତିବାଦ ସାମାଜିକ ସଦ୍‌ଭାବକୁ ନଷ୍ଟ କରୁଛି ଏବଂ ସାମାଜିକ-ଆର୍ଥିକ ବିକାଶ ପ୍ରକ୍ରିୟାର ଧାରାକୁ ପ୍ରଭାବିତ କରି ନୂଆ ଆଧୁନିକ ଭାରତ ନିର୍ମାଣରେ ଅନ୍ତରାୟ ସୃଷ୍ଟି କରୁଛି।

**ଅବସାନ ଲୋଡ଼ା:**

ଆମ ସମାଜର ରାଜନୈତିକ, ସାମାଜିକ ଓ ଆର୍ଥିକ ଢାଞ୍ଚାକୁ ଜାତିବାଦ କିପରି ନଷ୍ଟ କରୁଛି ତାହା ଉପରେ ଆଲୋଚିତ ହୋଇଛି। ଏକଥା ଅବଶ୍ୟ ସତ୍ୟ ଯେ ସାମାଜିକ ସ୍ତରରେ ଜାତିବାଦର କ୍ରମଶଃ ମୃତ୍ୟୁ ଘଟୁଛି। ଜୀବନ ଓ ଜୀବିକା ସହ ସମ୍ପୃକ୍ତ ଆଧୁନିକ ସ୍ଥିତି ଅନେକ ଜଟିଳ ରୀତିନୀତି, ବିଶ୍ୱାସ ଓ ପ୍ରଥାକୁ ଅନାବଶ୍ୟକ ଓ ପରିତ୍ୟକ୍ତ କରିଦେଇଛି। ସହରାଞ୍ଚଳରେ ଆନ୍ତଃ-ଭୋଜନ ଓ ବିଜାତିକ ବିବାହ ଆଉ ଦୋଷାବହ ହୋଇ ରହିନାହିଁ। ସଚେତନ ଓ ଶିକ୍ଷିତ ବର୍ଗରେ, ଶିକ୍ଷାନୁଷ୍ଠାନରେ, ନିର୍ଦ୍ଦିଷ୍ଟ ଭାବେ ମହାନଗରୀଗୁଡ଼ିକରେ ଜାତିଆଣ ରୀତିନୀତି ଓ ଜାତିଗତ ପ୍ରଥାକୁ ତାଚ୍ଛଲ୍ୟ କରାଯାଇ ଏହାକୁ ପରିହାର କରାଯାଇଛି। ଆଉଏକ ଗଠନମୂଳକ ଘଟଣା ହେଲା ଗତ କେତେ ବର୍ଷ ମଧ୍ୟରେ ନିର୍ବାଚନରେ, ନିର୍ଦ୍ଦିଷ୍ଟ ଭାବେ ଲୋକସଭା ନିର୍ବାଚନରେ ଜାତି ଓ ଜାତିବାଦ ଗୌଣ ହୋଇଛି। ବିଭିନ୍ନ ରାଜନୈତିକ ଦଳ ବିକାଶ, ଦୁର୍ନୀତି, ପ୍ରଦର୍ଶନ, କାର୍ଯ୍ୟ ଓ ଶାସନ ଆଦିକୁ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ କରୁଛନ୍ତି। ଏହା ସତ୍ତ୍ୱେ କେତେକ ଦଳ ଓ ଗୋଷ୍ଠୀ ପାଇଁ ଜାତି ହିଁ ନିର୍ବାଚନ ଲଢ଼ିବାର ଓ ଜନସମର୍ଥନ ହାସଲ କରିବାର ମୁଖ୍ୟ



ଆଧାର ହୋଇରହିଛି। ସେମାନେ ଜାତିଭିତ୍ତିକ ସମର୍ଥନ ଓ ଭୋଟ ବ୍ୟାଙ୍କକୁ ସୁଦୃଢ଼ ଓ ସଂପ୍ରସାରିତ କରିବା ଲକ୍ଷ୍ୟରେ ଅଭିଯାନ ଜାରି ରଖିଛନ୍ତି। ନିର୍ବାଚନରେ ବିକାଶ ଓ ଶାସନ ଯେତେବେଳେ କ୍ରମଶଃ ମୁଖ୍ୟ ପ୍ରସଙ୍ଗରେ ପରିଣତ ହେଉଛି ସେତେବେଳେ ଜାତିର ଭୂମିକା ରାଜ୍ୟ ଓ ତଳସ୍ତରରେ ସୀମିତ ହେବା ସ୍ୱାଭାବିକ। ତେଣୁ ବର୍ତ୍ତମାନ ସମୟର ସବୁଠୁ ବଡ଼ ଆବଶ୍ୟକତା ହେଉଛି ଜାତିବାଦର ବିଲୋପ କିମ୍ବା ଏହାର ପ୍ରଭାବକୁ ପାରୁପର୍ଯ୍ୟନ୍ତ ହ୍ରାସ କରିବା।

ଜାତିବାଦର ପ୍ରଭାବ ହ୍ରାସ ପାଇଁ ପ୍ରଥମ ପଦକ୍ଷେପ ହେଲା ଶିକ୍ଷା। ଶିକ୍ଷାର ଅର୍ଥ କେବଳ ଆନୁଷ୍ଠାନିକ ସାକ୍ଷରତା କିମ୍ବା ବିଦ୍ୟାଳୟ ଶିକ୍ଷା ନୁହେଁ। ଏଥିରେ ଜାତି ବ୍ୟବସ୍ଥା ସହ ସମ୍ପୃକ୍ତ ଭ୍ରାନ୍ତି ଦୂର କରିବାକୁ ସଚେତନତା ସୃଷ୍ଟି ଓ ତାହାର ପ୍ରସାର ଅନ୍ତର୍ଭୁକ୍ତ। ଜାତି, ଧର୍ମର ଏକ ଅଂଶବିଶେଷ ବୋଲି ଯେଉଁ ବିଚାର ରହିଛି ତାହା ଠିକ୍ ନୁହେଁ। ଲୋକଙ୍କ ମଧ୍ୟରେ ଏହି ବାର୍ତ୍ତା ଅଧିକରୁ ଅଧିକ ପ୍ରଚାର କରିବାକୁ ହେବ। ଜାତି ଓ ସଂପ୍ରଦାୟ ନାମରେ ଯେଉଁ ନେତାମାନେ ଭୋଟରଙ୍କୁ ଶୋଷଣ କରୁଛନ୍ତି ସେମାନେ ସେହି ଜାତି, ସମାଜ ଓ ସଂପ୍ରଦାୟ ପାଇଁ କୌଣସି ବିକାଶମୂଳକ କାର୍ଯ୍ୟ ନ'କରି ନିଜର ଫାଇଦା କିପରି ଉଠାଉଛନ୍ତି ଏ ବିଷୟରେ ଭୋଟରଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି। ସବୁ ଜାତି ଓ ବର୍ଗର ପିଲାଏ ସ୍କୁଲରେ ଏକାଠି ଖାଇବା ଓ ଖେଳିବା ପାଇଁ ଶିକ୍ଷକମାନେ ପ୍ରୋତ୍ସାହିତ କରିବା ଉଚିତ।

ସମାଜକୁ ଆଦିମ ବନ୍ଧନରୁ ମୁକ୍ତ କରିବା ପାଇଁ ସାମାଜିକ-ସାଂସ୍କୃତିକ ଅସମତାର ଦୂରୀକରଣ ଲୋଡ଼ା। କୌଣସି ମଣିଷ ବା ଜାତିକୁ ଅପବିତ୍ର କିମ୍ବା ଛୋଟ ମଣିବା ଦ୍ୱାରା ସେମାନଙ୍କ ଭିତରେ ଭେଦଭାବ ଓ ନ୍ୟୂନତାର ଯେଉଁ ଭାବନା ସୃଷ୍ଟି ହୁଏ ତାହାକୁ ପୁଞ୍ଜିକରି ନେତାଏ ସେମାନଙ୍କୁ ଏକଜୁଟ କରିବାରେ ସଫଳ ହୁଅନ୍ତି ଏବଂ ସେଥିରୁ ରାଜନୈତିକ ଫାଇଦା ଉଠାନ୍ତି। କେତେକ କ୍ଷେତ୍ରରେ ସାମାଜିକ ଓ ଆର୍ଥିକ ଅସମତା ଯୁଗପତ୍ ଦୃଷ୍ଟିଗୋଚର ହୁଏ। ଉଦାହରଣ ସ୍ୱରୂପ ଅଧିକାଂଶ ତଫସିଲଭୁକ୍ତ ଜାତିର ଲୋକ ଉଭୟ ଦରିଦ୍ର ଓ

ବଞ୍ଚିତ। ଗଣତନ୍ତ୍ରରେ ଏହା ସେହିବର୍ଗଙ୍କୁ ଏକତ୍ର ହୋଇ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବାକୁ ନ୍ୟାୟୋଚିତ କାରଣ ଯୋଗାଏ। ଯେତେବେଳେ ଏକ ନିର୍ଦ୍ଦିଷ୍ଟ ବର୍ଗ ବା ଗୋଷ୍ଠୀ ପାତରଅନ୍ତରର ସମ୍ମୁଖୀନ ହୁଏ ଏହାର ସଦସ୍ୟମାନେ ସଂଗଠିତ ହେବାକୁ ଯୁକ୍ତିଯୁକ୍ତ କାରଣ ପାଇଥାନ୍ତି। ଅତଏବ ସେଥିରୁ କିଛି ନେତା ନିଜର ସ୍ୱାର୍ଥ ସାଧନ ପାଇଁ ଫାଇଦା ଉଠାଇବା ବିଚିତ୍ର ନୁହେଁ।

ସାମାଜିକ ଓ ରାଜନୈତିକ ସଂସ୍କାରରେ ନାଗରିକ ସମାଜର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ସେମାନେ ଭୋଟରଙ୍କ ମଧ୍ୟରେ ଅଣଜାତିବାଦୀ, ଅଣଧର୍ମବାଦୀ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ସେମାନେ ବିକାଶକୁ ସର୍ବଦା ଗୁରୁତ୍ୱ ଦେବା ଦରକାର। ଜାତିବାଦ ଓ ସଂପ୍ରଦାୟବାଦ କିପରି ସାମାଜିକ ସଂଘାତ ସୃଷ୍ଟି କରି ଜାତୀୟଜୀବନ ଓ ରାଷ୍ଟ୍ର ଗଠନକୁ କ୍ଷତିଗ୍ରସ୍ତ କରୁଛି ତାହା ଲୋକଙ୍କୁ ବୁଝାଇବାର ଆବଶ୍ୟକତା ରହିଛି। ଆନ୍ତଃଜାତି ବିବାହ, ଆନ୍ତଃ-ଭୋଜନ ଓ ଜାତିଗତ ସମ୍ପର୍କ ବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ନାଗରିକ ସମାଜର ବଡ଼ ଭୂମିକା ରହିଛି।

ଏ କ୍ଷେତ୍ରରେ ମଧ୍ୟ ନିର୍ବାଚନ ଆୟୋଗର ଏକ ବଡ଼ ଭୂମିକା ରହିଛି। ନିର୍ବାଚନରେ ଜାତିର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ କଥା ଉପରେ କୁହାଯାଇଛି। ତେଣୁ ନିର୍ବାଚନରେ ଜାତିର ପ୍ରଭାବକୁ ନିୟନ୍ତ୍ରିତ କରିବା ପାଇଁ ଆୟୋଗକୁ ଉପାୟ ବାହାର କରିବାକୁ ପଡ଼ିବ। ନିର୍ବାଚନ ଖର୍ଚ୍ଚ ରାଷ୍ଟ୍ର ବହନ କରିବା, ଆଚରଣ ବିଧିର କଠୋର ପରିପାଳନ ଓ ଭୋଟରଙ୍କୁ ଶିକ୍ଷିତ ତଥା ସଚେତନ କରିବା ଆଦି ପ୍ରସ୍ତାବକୁ ଆୟୋଗ ଗୁରୁତ୍ୱର ସହ ବଚାର କରିବା ଆବଶ୍ୟକ।

ଏ କ୍ଷେତ୍ରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାରଣ ହେଲା ରାଜନୈତିକ ଇଚ୍ଛାଶକ୍ତି ଓ ସଚେତନତା। ଅଧିକାଂଶ ରାଜନୈତିକ ଦଳ ନିର୍ବାଚନରେ ଜାତିଆଣ ପ୍ରସଙ୍ଗକୁ ସମାଲୋଚନା କରୁଥିବାବେଳେ ଟିକଟ ପ୍ରଦାନ ଓ ନିର୍ବାଚନ ପ୍ରଚାର ସମୟରେ ଜାତିବାଦୀ ନେତାଙ୍କ ସହ ଗୁପ୍ତ ମନ୍ତ୍ରଣା କରନ୍ତି ଓ ସେମାନଙ୍କ ସହଯୋଗ ଲୋଡ଼ିଥାନ୍ତି। ତେବେ ନିକଟରେ କେତେକ ନିର୍ବାଚନର ଧାରା କହୁଛି ଯେ ଭୋଟରମାନେ କ୍ରମଶଃ ଜାତି ଓ ସଂପ୍ରଦାୟବାଦରୁ ଉର୍ଦ୍ଧ୍ୱକୁ ଉଠି ସରକାରଙ୍କ ପ୍ରଦର୍ଶନ, ନେତୃତ୍ୱ ଏବଂ ବିକାଶ ଆଦି ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ଧାରାକୁ ସୁଦୃଢ଼ କରିବାକୁ ହେବ। ରାଜନୈତିକ ଦଳମାନେ ସ୍ୱଳ୍ପ ମିଆଦି ଲାଭ ଓ ସ୍ୱାର୍ଥର ଉପରକୁ ଉଠି ରାଷ୍ଟ୍ରଗଠନ ଭଳି ଦୀର୍ଘ ମିଆଦି ଲାଭକୁ ଗୁରୁତ୍ୱ ଦେବା ଆବଶ୍ୟକ। ଗଣତନ୍ତ୍ର କେବଳ ନିର୍ବାଚନ ଜିତିବା ହାରିବାର କଥା ନୁହେଁ, ଏହା ତା'ଠାରୁ ଆହୁରି ଅଧିକ ବଡ଼ ବ୍ୟାପାର।



ଗଣତନ୍ତ୍ରର ବାସ୍ତବ କାର୍ଯ୍ୟକାରିତା ପାଇଁ ପ୍ରଥମ ଆବଶ୍ୟକତା ହେଲା ଭୋଟର ବିଚାରବନ୍ତ ହେବା ଆବଶ୍ୟକ। ଭୋଟର ବିଚାରବନ୍ତ ଓ ବୁଦ୍ଧିମାନ ହେଲେ ସେ ନିଜର ନିଷ୍ପତ୍ତି ନିଜେ ନେଇ ପାରିବ ଏବଂ ଜାତି, ଧର୍ମ, ଗୋଷ୍ଠୀ ଓ ସଂପ୍ରଦାୟର ଚାପ ଏବଂ ବିଚାରରୁ ସ୍ୱତନ୍ତ୍ର ରହି ନିର୍ଣ୍ଣୟାତ୍ମକ ପଦକ୍ଷେପ ଗ୍ରହଣ କରିପାରିବ। ଭୋଟର କାହାରିଦ୍ୱାରା ପ୍ରଭାବିତ କିମ୍ବା ଚାପଗ୍ରସ୍ତ ନ'ହୋଇ ସ୍ୱାଧୀନଭାବେ ନିଜର ବିବେକ ଅନୁସାରେ ନିଜର ମତାଧିକାର ସାବ୍ୟସ୍ତ କରିବା ଉଚିତ। ଆଶା କରିବା ଆମେ ଭାରତୀୟ ଆମ ଦାୟିତ୍ୱ ନିର୍ବାହ ଯଥାର୍ଥ ଭାବେ କରିବା ଏବଂ ସ୍ୱାଧୀନତାର ମୂଲ୍ୟବୋଧ, ସମାନତା, ନ୍ୟାୟ, ସାମ୍ୟ, ଭ୍ରାତୃତ୍ୱର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏକ ନୂଆ ଭାରତ ଗଢ଼ିବା। ଆମେ ସେହି ଭାରତ ନିର୍ମାଣ କରିବା ଯାହା ଆମକୁ ଜୀବିକା, ସ୍ୱାସ୍ଥ୍ୟସେବା, ଶିକ୍ଷା ଆଦିର ସୁଯୋଗ ଦେଇ ଆମ ବ୍ୟକ୍ତିତ୍ୱର ବିକାଶ କରିପାରିବ।


ଆମ ସମ୍ବିଧାନର ପ୍ରଣେତା ସେହିଭଳି ଏକ ନ୍ୟାୟୋଚିତ, ସୁଷମ, ମୁକ୍ତ ଓ ଭେଦଭାବ ରହିତ ଭାରତ ଗଠନର ସ୍ୱପ୍ନ ଦେଖିଥିଲେ। ସ୍ୱାଧୀନତାର ୭୦ବର୍ଷ ପରେ ମଧ୍ୟ ଆମେ ସେହି ଭାରତର ଅପେକ୍ଷାରେ ଅଛନ୍ତି।

**ଲେଖକ ହେଉଛନ୍ତି ଇଗ୍ନୁର ଜଣେ ପୂର୍ବତନ ପ୍ରାଧ୍ୟାପକ।**

# ନୂଆ ଭାରତ ପାଇଁ ନୂଆ କୃଷି

● ଡ. ଜଗଦୀପ ସକ୍ସେନା

ନୂଆ ଭାରତ ନିର୍ମାଣ ଭାରତ ସରକାରଙ୍କର ଏକ ଭବ୍ୟ, ମହାତାକାଂକ୍ଷୀ ଲକ୍ଷ୍ୟ। ଦେଶକୁ ସମୃଦ୍ଧ, ସୁସ୍ଥ, ଶିକ୍ଷିତ, ସ୍ୱଚ୍ଛ ଓ ସବୁଜ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ଭାରତ ଭଳି ଏକ କୃଷି ପ୍ରଧାନ ଦେଶରେ ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଚାଷବାସ ଭଳି ମୌଳିକ ବିଷୟ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଭାରତରେ କୃଷି କ୍ଷେତ୍ରରେ ପ୍ରାୟ ୫୫ ଭାଗ ଶ୍ରମଶକ୍ତି ବିନିଯୋଗ ହୁଏ ଏବଂ ଜିଡିପିକୁ ଏହି କ୍ଷେତ୍ରର ଅବଦାନ ପ୍ରାୟ ୧୪ ଶତାଂଶ। କୃଷି-କ୍ଷେତ୍ରର ଗୁରୁତ୍ୱକୁ ଉପଲବ୍ଧି କରି ବର୍ତ୍ତମାନର କେନ୍ଦ୍ର ସରକାର ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। କୃଷି କ୍ଷେତ୍ରର ସଂସ୍କାର ପାଇଁ ଗତ ତିନିବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ସରକାର ଆଉ ଏକ ପ୍ରୟାସ ମଧ୍ୟ ଆରମ୍ଭ କରିଛନ୍ତି। ନୂଆ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଆବଶ୍ୟକ ସହାୟତା ଓ ପାଣ୍ଠି ଯୋଗାଣ ନିମନ୍ତେ ପଦକ୍ଷେପମାନ ମଧ୍ୟ ଗ୍ରହଣ କରାଯାଇଛି। ବଜେଟରେ କୃଷି ଓ ଗ୍ରାମାଞ୍ଚଳ ପାଇଁ କ୍ରମାଗତ ଅଧିକରୁ ଅଧିକ ଅର୍ଥ ବରାଦ ଗତ ତିନିବର୍ଷ ଧରି କରାଯାଉଛି। ୨୦୧୭-୧୮ ବଜେଟରେ ଏବାବଦରେ ୧.୮୭ ଟ୍ରିଲିୟନ (ଏକ ଟ୍ରିଲିୟନ = ୧୦୦୦୦,୦୦୦୦୦,୦୦୦କୋଟି) ଟଙ୍କାର ବ୍ୟୟ ବରାଦ କରାଯାଇଛି। ଗତବର୍ଷର ବ୍ୟୟ ବରାଦଠାରୁ ଏହା ୨୪ ଶତାଂଶ ଅଧିକ।



ଭାରତରେ ୨୦୧୬-୧୭ରେ ସର୍ବାଧିକ ଖାଦ୍ୟ ଶସ୍ୟ ଉତ୍ପାଦନ ହୋଇଥିଲା ଓ ଏହାର ପରିମାଣ ଥିଲା ୨୭୪ ନିୟୁତ ଟନ୍। କୃଷି କ୍ଷେତ୍ର ପାଇଁ ସରକାରଙ୍କ ସହାୟତା ତଥା ଆମ ଦେଶର ଚାଷୀଙ୍କ କଠୋର ପରିଶ୍ରମ, ବୈଜ୍ଞାନିକମାନଙ୍କ ଏକନିଷ୍ଠ ଉଦ୍ୟମ ତଥା ଅନ୍ୟାନ୍ୟ ସଂପୃକ୍ତ ସବୁ ପକ୍ଷଙ୍କ ସହଯୋଗରୁ ଏହା ସମ୍ଭବ ହୋଇପାରିଛି। ଆହୁରି ମଧ୍ୟ ମାଛ ଓ କ୍ଷୀର ଉତ୍ପାଦନ ଦେଶରେ ୨୦୧୧-୧୪ରୁ ୨୦୧୪-୧୭ ମଧ୍ୟରେ ଯଥାକ୍ରମେ ୨୦ ଓ ୧୭ ଶତାଂଶ ବଢ଼ିଛି। କୃଷିର ସାମଗ୍ରିକ ଅଭିବୃଦ୍ଧି ହାର ୨୦୧୬-୧୭ରେ ୪.୪ ଶତାଂଶ ରେକର୍ଡ କରାଯାଇଥିଲା। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାକୁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ତାହାକୁ ପୂରଣ କରିବା ପାଇଁ କୃଷି ଅଭିବୃଦ୍ଧି ହାରକୁ ୧୦.୪ରେ ପହଞ୍ଚାଇବାର ଆବଶ୍ୟକତା ରହିଛି।

**ନୂଆ ଯୋଜନା ଓ କୌଶଳାତ୍ମକ ପଦକ୍ଷେପ:**

ନୂଆ ଭାରତରେ ଏକ ସମୃଦ୍ଧ ଚାଷୀକୂଳ ସୃଷ୍ଟି କରିବା ପାଇଁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏକ ସାତ ଦଫା ରଣକୌଶଳ ପ୍ରସ୍ତୁତ କରିଛନ୍ତି। ଚାଷ ଓ ଚାଷୀଙ୍କ ଉନ୍ନତି କିପରି ଘଟିବ ଓ ସେମାନଙ୍କର ଆୟ କିପରି ଦ୍ୱିଗୁଣିତ ହୋଇପାରିବ ସେଥିପାଇଁ ବିଷୟବିତ୍ ଏବଂ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ଷ୍ଟ୍ରାଟେଜିକ ଟିମ୍ ଚାରି ଖଣ୍ଡରେ ବିଭକ୍ତ ଏକ ରିପୋର୍ଟ ସରକାରଙ୍କୁ ଦେଇଛନ୍ତି। ଏହି ଯୋଜନାରେ ଚାଷୀଙ୍କ ପରିବାରଙ୍କ


ହାରାହାରି ଆୟ ୨୦୧୫-୧୬ରେ ୯୬,୭୦୩ ଟଙ୍କା ଥିବାବେଳେ ୨୦୨୨-୨୩ରେ ତାହାକୁ ୧୯୩,୪୦୦ ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରହିଛି। ରିପୋର୍ଟ ଅନୁସାରେ ଭାରତ ୨୦୦୪-୦୫ ମୂଲ୍ୟରେ କୃଷି କ୍ଷେତ୍ରରେ ୧.୪୮୬ ଟ୍ରିଲିୟନ ଟଙ୍କାର ସରକାରୀ-ବେସରକାରୀ ମିଳିତ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି। ନୂଆ ଯୋଜନା ଓ ରଣନୀତିରେ ଚାଷ ଖର୍ଚ୍ଚ ହ୍ରାସ, ଅମଳ ପରବର୍ତ୍ତୀ ନଷ୍ଟକୁ ରୋକିବା, ଉତ୍ପାଦନ ବୃଦ୍ଧି ଏବଂ କୃଷି ବଜାରର ସଂସ୍କାର ଗୁରୁତ୍ୱ ପାଇଛି। ସେହିଭଳି କୃଷିଜାତ ଦ୍ରବ୍ୟର ମୂଲ୍ୟ ମିଶ୍ରଣ ପାଇଁ ପ୍ରକ୍ରିୟାକରଣ ବ୍ୟବସ୍ଥା, କୃଷି ବୀମା, କ୍ଷୟକ୍ଷତି ଜନିତ ସହାୟତା ଏବଂ ଉଦ୍ୟାନକୃଷି, ଗୋପାଳନ ଓ ଦୁଗ୍ଧଉତ୍ପାଦନ, କୁକୁଡ଼ାଚାଷ, ମାଛ ଚାଷ ଆଦି ଏହି ଯୋଜନାରେ ଅଗ୍ରାଧିକାର ଲାଭ କରିଛି।

ଜଳସେଚନ ଚାଷ ପାଇଁ ବିଶେଷ ଜରୁରୀ। ଏହାକୁ ଦୃଷ୍ଟିରେ ରଖି ସରକାର 'ପ୍ରତି ବୁନ୍ଦାରେ ଅଧିକ ଫସଲ' ଅଭିଯାନ ଆରମ୍ଭ କରିଛନ୍ତି। ଜଳ ବ୍ୟବହାରରେ ଦକ୍ଷତା ବୃଦ୍ଧି, ଅଧିକରୁ ଅଧିକ କ୍ଷେତକୁ ଜଳଯୋଗାଣ ଓ ଅଳ୍ପ ପାଣିରେ ଅଧିକ ଫସଲ ଉତ୍ପାଦନ ଏହି ଅଭିଯାନର ଲକ୍ଷ୍ୟ। ଏଥିପାଇଁ ଅତିକ୍ଷୁଦ୍ର ଜଳସେଚନ ଜ୍ଞାନ କୌଶଳ (ମାଇକ୍ରୋ ଇରିଗେସନ ଟେକ୍‌ନିକ୍‌କୁ ଉପଯୋଗ କରାଯାଉଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଅତି କ୍ଷୁଦ୍ର ସେଚ ବ୍ୟବସ୍ଥା ଥିବା ଇଲାକାର ପରିମାଣକୁ ୨୦୧୬-୧୭ ବର୍ଷରେ ୮.୩ ଲକ୍ଷ ହେକ୍ଟରକୁ ବୃଦ୍ଧି କରାଯାଇଛି। ୨୦୧୩-୧୪ରେ ଏହି ସେଚ ସୁବିଧା ଥିବା ଜମିର ପରିମାଣ ଥିଲା ୪.୩ ଲକ୍ଷ ହେକ୍ଟର। ପ୍ରଧାନମନ୍ତ୍ରୀ ତାଙ୍କର ୨୦୧୭ ଅଗଷ୍ଟ ପନ୍ଦର ଭାଷଣରେ ପିଏମ୍‌କେଏସ୍‌ୱାଇ ଯୋଜନାରେ ୭୦ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ବୋଲି କହିବା ସହ ଆଉ ୫୦ଟି ଏଭଳି ପ୍ରକଳ୍ପର ନିର୍ମାଣ ଚାଲିଛି ବୋଲି କହିଥିଲେ। ସରକାରଙ୍କ ଅଭିନବ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ଚାଷୀଙ୍କୁ ବିଶେଷ ସାହାଯ୍ୟ କରୁଛି। ସେମାନେ ମୃତ୍ତିକାର ଦୋଷ ଗୁଣ ଜାଣିବା ପରେ ଆବଶ୍ୟକତା ଅନୁସାରେ ସାର ପ୍ରୟୋଗ କରୁଛନ୍ତି। ଏହାଦ୍ୱାରା ଜମିର ଉତ୍ପାଦକତା ଓ ଚାଷୀଙ୍କ ଉତ୍ପାଦନ ବଢୁଛି। ଏହା ଫଳରେ ଚାଷୀଙ୍କ ଚାଷ ଖର୍ଚ୍ଚ ମଧ୍ୟ କମୁଛି। ସାରା ଦେଶରେ ଏଥି ପାଇଁ ପରୀକ୍ଷାଗାରମାନ ଖୋଲାଯାଇଛି ଏବଂ ଏ ପର୍ଯ୍ୟନ୍ତ ୭.୧କୋଟି ଚାଷୀ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପାଇଛନ୍ତି। ପରମ୍ପରାଗତ କୃଷି ବିକାଶ ଯୋଜନା (ପିକେଭିୱାଇ)ରେ ଜୈବଖତ ବ୍ୟବହାର କରି ଅଧିକ ଜମିରେ ଚାଷ କରିବାର ପ୍ରୟାସ ଆରମ୍ଭ ହୋଇଛି। ଏହି ଜୈବିକ ଖତ ସାର ବ୍ୟବହାର ଫଳରେ ଫସଲ ଅଧିକ ଉତ୍ପାଦିତ ହେଉଛି ଏବଂ ଜମିର ମାଟି ଭଲ ରହୁଛି। ଏହା ମଧ୍ୟ ଚାଷ ଖର୍ଚ୍ଚକୁ କମାଇବାରେ ସହାୟକ ହେଉଛି। ଫଳରେ ଚାଷୀ ଲାଭବାନ୍ ହେଉଛନ୍ତି। ବ୍ୟବସାୟିକ ଭିତ୍ତିରେ ଜୈବସାର ପ୍ରସ୍ତୁତ କରିବାକୁ ଚାଷୀମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦିଆଯାଉଛି। ଇତି ମଧ୍ୟରେ ସରକାରୀ ସହାୟତାରେ ଦେଶରେ ୯୧୦୦



ଜୈବସାର ପ୍ରସ୍ତୁତି କ୍ଲଷ୍ଟର ତିଆରି ହୋଇସାରିଛି। ଉତ୍ପାଦିତ ଜୈବସାରକୁ ବଜାରକୁ ପଠାଇବାର ବ୍ୟବସ୍ଥା ମଧ୍ୟ ସରକାର କରିଛନ୍ତି।

ଚାଷୀଙ୍କ ଜୀବିକା ନିଶ୍ଚିତ କରିବା ସହ ସେମାନଙ୍କୁ ନିରନ୍ତର ଆୟ ଯୋଗାଇଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନା ଆରମ୍ଭ ହୋଇଛି। ସରକାରଙ୍କର ଏହା ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ଏଥିରେ ସବୁ ଖାଦ୍ୟ ଶସ୍ୟ, ତୈଳବୀଜ ଏବଂ ଅନ୍ୟାନ୍ୟ ଋତୁକାଳୀନ ଫସଲ ପାଇଁ ବୀମା ବ୍ୟବସ୍ଥା କରାଯାଇଛି। ଫସଲର ଗୋଟିଏ ଋତୁ ପାଇଁ ଗୋଟିଏ ମୂଲ୍ୟ ହିସାବରେ ସ୍ୱଳ୍ପ ପ୍ରିମିୟମରେ ଚାଷୀ ବୀମାଭୁକ୍ତ ହେବାର ସୁଯୋଗ ପାଇଛନ୍ତି। ଫସଲ ବୁଣାଠାରୁ ଅମଳ ପରବର୍ତ୍ତୀ ସ୍ଥିତି ପର୍ଯ୍ୟନ୍ତ ଏହି ବୀମା ବ୍ୟବସ୍ଥା ପ୍ରଯୁଜ୍ୟ। ଏହି ଯୋଜନାରେ ଏପର୍ଯ୍ୟନ୍ତ ୭.୭୫ କୋଟିରୁ ଅଧିକ ଚାଷୀ ବୀମାଭୁକ୍ତ ହେଲେଣି। ୨୦୧୬-୧୭ରେ ଏହି ଯୋଜନାର ୩୦ ଶତାଂଶ ଚାଷ ଜମି ବୀମାଭୁକ୍ତ ହୋଇଥିଲା। ୨୦୧୭-୧୮ରେ ଏହାକୁ ୪୦ ଭାଗକୁ ବୃଦ୍ଧି କରିବାର ଲକ୍ଷ୍ୟ ସରକାରଙ୍କର ରହିଛି। ଏହା କୃଷି କ୍ଷେତ୍ର ପାଇଁ ଏକ ବୋନସ୍ ଭଳି କାମ କରୁଛି ଏବଂ ଏହି କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ଆଗ୍ରହ ବଢୁଛି। ବଜାରରେ ଉତ୍ତମ ମୂଲ୍ୟ ପାଇବା ସହିତ ଚାଷୀଙ୍କ ଆୟ ବୃଦ୍ଧି ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ। ଚାଷୀ ନିଜର ଦ୍ରବ୍ୟକୁ ଯଚେଇ ବା ଅଦରରେ ଯେପରି ନ ବିକେ ସେଥିପାଇଁ ସରକାର ବଜାର ବ୍ୟବସ୍ଥାରେ ସଂସ୍କାର ଆଣିଛନ୍ତି। ଜାତୀୟ କୃଷି ବଜାର ବା 'ଇ-ନାମ' ନାମରେ ଏକ ଅଭିନବ ପ୍ରୟାସ ଏ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଛି। ଏହି ବ୍ୟବସ୍ଥାରେ ତେରଟି ରାଜ୍ୟର ୪୧୦ଟି ମଣ୍ଡିକୁ 'ଇ-ପ୍ଲାଟଫର୍ମ'ରେ କିଣାବିକା ପାଇଁ ସଂଯୁକ୍ତ କରାଯାଇଛି। ଏହି ବଜାରରେ ୬୯ଟି ସାମଗ୍ରୀର କ୍ରୟବିକ୍ରୟ ମାନଦଣ୍ଡ ନିର୍ଦ୍ଧାରିତ ହୋଇ ଲାଗୁ କରାଯାଇଛି। ଦେଶର ୪୫ ଲକ୍ଷରୁ ଅଧିକ ଚାଷୀ ଇ-ନାମ ପ୍ଲାଟଫର୍ମରେ ପଞ୍ଜୀକୃତ ହୋଇ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଉତ୍ପାଦିତ ସାମଗ୍ରୀ ବିକ୍ରି କରିବାର ସୁଯୋଗ ପାଇଛନ୍ତି। ଫଳରେ ଚାଷୀ ଅଭାବୀ ବିକ୍ରି




ବା ଶୋଷଣର ସମ୍ମୁଖୀନ ହେଉନାହିଁ ଏବଂ ଦଲାଲଙ୍କ ପ୍ରଭାବ କମିବା ସହ ଚାଷୀଙ୍କ ଆୟ ବଢ଼ିଛି। ବିଶେଷଜ୍ଞଙ୍କ ମତରେ ଏହି ବ୍ୟବସ୍ଥାରେ କୃଷିଜାତ ଦ୍ରବ୍ୟର ପାଇକାରୀ ମୂଲ୍ୟ ବଢ଼ିଛି। ଫସଲର ୧୩ ଶତାଂଶ ମୂଲ୍ୟ ବୃଦ୍ଧି ଦ୍ୱାରା ଚାଷୀଙ୍କର ଆୟ ୯.୧ ଭାଗ ବଢୁଛି। ତେବେ ଏହି ସବୁ ପଦକ୍ଷେପ ବାହାରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆହୁରି ଅନେକ କିଛି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ସେଥିପ୍ରତି ସରକାର ସଜାଗ ଅଛନ୍ତି।

**ଉତ୍ପାଦନ ବୃଦ୍ଧି ଓ ଅଧିକ ଲାଭ:**

ନିକଟରେ ନୀତି ଆୟୋଗ କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ସମ୍ପର୍କରେ ଏକ ନୀତି-ସଂଦର୍ଭ ପ୍ରସ୍ତୁତ କରିଛନ୍ତି। ଏଥିରେ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ କୌଶଳ ବିଷୟରେ ସବିଶେଷ ବର୍ଣ୍ଣନା କରାଯାଇଛି। କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳସେଚନ ତଥା ନୂଆ ଟେକ୍‌ନୋଲୋଜିର ଉପଯୋଗକୁ ଏଥିରେ ଗୁରୁତ୍ୱ ଦିଆଯାଇଛି। କେତେ ଜମିରୁ କେତେ ଖର୍ଚ୍ଚରେ କେତେ ଅମଳ ହେଲେ ଚାଷୀର ଆୟ ବଢ଼ିବ ଓ ଏହା ଧାର୍ଯ୍ୟ ସମୟରେ ଦ୍ୱିଗୁଣିତ ହେବ ତାହାର ମଧ୍ୟ ଅବତାରଣା କରାଯାଇଛି। ସେହିଭଳି ନୂତନ, ଉନ୍ନତ ଅଧିକ ଅମଳକ୍ଷମ ଫସଲର କିସମ ତଥା ଚାଷ ଗୁରୁତ୍ୱ ପାଇଛି। ତାହାକୁ ଦୃଷ୍ଟିରେ ରଖି ଜଳସେଚନ, ଉନ୍ନତମାନର ବିହନ ଯୋଗାଣ, ଉର୍ବରକ ବ୍ୟବହାର, ନୂତନ ଚାଷ ପଦ୍ଧତି, ଫସଲ ସୁରକ୍ଷା, ବୀମା ବ୍ୟବସ୍ଥା, ନୂଆ ଜ୍ଞାନକୌଶଳ ଓ ଯନ୍ତ୍ରପାତିର ଉପଯୋଗକୁ ସରକାର ପ୍ରୋତ୍ସାହିତ କରିବା ଆରମ୍ଭ କରିଛନ୍ତି।




ପାଣିପାଗ ଓ ଜମିର ସ୍ଥିତିକୁ ଦେଖି ନିର୍ଦ୍ଦିଷ୍ଟ ଫସଲ ଚାଷ, ସମନ୍ୱିତ ଚାଷ, ସମ୍ବଳ ସଂରକ୍ଷଣ ଜ୍ଞାନକୌଶଳର ଉପଯୋଗ ଓ ସୁରକ୍ଷିତ ଚାଷ ଭଳି କିଛି ପଦକ୍ଷେପ ବ୍ୟାପକ ଭାବେ ଗ୍ରହଣ କରାଗଲେ ସରକାର ତାଙ୍କ ଲକ୍ଷ୍ୟ ହାସଲ କରିପାରିବେ।

ଗୋଟିଏ କ୍ଷେତରୁ ଗୋଟିଏ ବର୍ଷରେ ଏକାଧିକ ଫସଲ ଅମଳ କରିବା ଏବେ ଆଉ ଅସମ୍ଭବ ନୁହେଁ। ଉନ୍ନତ ସହଜ ଅମଳକ୍ଷମ ଫସଲ ସହିତ ଆଧୁନିକ ଯନ୍ତ୍ରପାତି ଓ ଜଳସେଚନ ଏହି ସୁବିଧା ଦେଇଛି। କୃଷି ବିଜ୍ଞାନ ମଧ୍ୟ ଚାଷୀଙ୍କ ପାଇଁ ନୂଆ ଉନ୍ନତ କିସମର ରୋଗ ବିରୋଧୀ ଅଧିକ ଅମଳକ୍ଷମ ବିହନ ଯନ୍ତ୍ରପାତି ଆଣିବାରେ ସକ୍ଷମ ହୋଇଛି। ଫସଲର ଅମଳ ପରବର୍ତ୍ତୀ ଯତ୍ନ ତଥା ବିପଣନ ବ୍ୟବସ୍ଥାରେ ମଧ୍ୟ ଉଲ୍ଲେଖନୀୟ ପ୍ରଗତି ଘଟିଛି। ତେଣୁ ଉଭୟ ଖରିଫ ଓ ରବି ଋତୁରେ ମଧ୍ୟ ସମନ୍ୱିତ ଚାଷ ପଦ୍ଧତିରେ ଚାଷୀ ଏକାଧିକ ଫସଲ ଅମଳ କରିପାରିବେ। ଧାନ ଓ ଅଣଧାନ ଫସଲ ସହିତ ପନିପରିବା, ଫଳ, ତନ୍ତୁ, ମସଲା, ସୁବାଶିତ ଓ ଔଷଧୀୟ ବୃକ୍ଷ ଭଳି ଉଚ୍ଚମୂଲ୍ୟର ଫସଲ ମଧ୍ୟ ଚାଷୀ ଶୁଷ୍କାଞ୍ଚଳରେ ଏବେ ଅଧିକ ଚାଷ କରିବାର ସୁଯୋଗ ସୃଷ୍ଟି ହୋଇଛି। ସେଥିପ୍ରତି ଚାଷୀଙ୍କୁ ଆକର୍ଷିତ କରିବାକୁ ହେବ ଓ ଏହାଦ୍ୱାରା ଚାଷୀଙ୍କ ଆୟ ଯଥେଷ୍ଟ ବଢ଼ିପାରିବ।

ନୀତି ଆୟୋଗର ଏହି ସନ୍ଦର୍ଭରେ ଚାଷବାସରୁ ବଳକା ଶ୍ରମଶକ୍ତିକୁ ବାହାର କରି ଅନ୍ୟାନ୍ୟ ଅଣକୃଷି କାର୍ଯ୍ୟରେ ଲଗାଇ ରୋଜଗାର ଯୋଗାଇ ଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଭାରତ ସରକାର ଏବେ ଯେଉଁ ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା କୃଷିଜୀବୀଙ୍କ ପାଇଁ ବିଶେଷ ସହାୟକ ହୋଇପାରେ।

**ନୂଆ ଲକ୍ଷ୍ୟ:**

ଅତୀତରେ ଖାଦ୍ୟ ନିରାପତ୍ତାକୁ ଦୃଷ୍ଟିରେ ରଖି ସରକାର କୃଷି ନୀତି ପ୍ରସ୍ତୁତ କରୁଥିଲେ। ଏବେ ଦେଶ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଥିବାରୁ କୃଷି ଉତ୍ପାଦନ ବୃଦ୍ଧି ସହ ଚାଷୀଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ କୃଷିମନ୍ତ୍ରଣାଳୟର ନାମ ପରିବର୍ତ୍ତନ କରି ୨୦୧୫ରୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ କରାଯାଇଛି। ଏହାପରେ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାକୁ ନାନା କୌଶଳ ଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କୃଷି କ୍ଷେତ୍ରରେ ଏକ ବଡ଼ ଧରଣର ସଂସ୍କାର ଅଣାଯାଇଛି। ଅତଏବ ଏହି କ୍ଷେତ୍ରରେ ଯେଉଁ ନୂଆ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ତାହା କୃଷକଙ୍କ ଦୁର୍ଗତି ଦୂରକରିବା ସହ କୃଷିଜୀବୀ ଓ ଅଣକୃଷିଜୀବୀଙ୍କ ଆୟ ମଧ୍ୟରେ ଏକ ସମତା ଆଣିବାକୁ ଅଭିପ୍ରେତ। ଭାରତୀୟ କୃଷି କ୍ଷେତ୍ର, ତାହାର ପୁନର୍ବିନ୍ୟାସ ରୂପରେ ଏବେ 'ନ୍ୟୁ ଇଣ୍ଡିଆ'ର ସ୍ୱପ୍ନ ପୂରଣ କରିବାକୁ ପ୍ରସ୍ତୁତ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଲେଖକ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦର ପୂର୍ବତନ ମୁଖ୍ୟ ସମ୍ପାଦକ।

# ପରିବର୍ତ୍ତନର ବାହକ ହୁଅ

● ଡଃ ଉନ୍ନତ ପଣ୍ଡିତ

୨୦୨୨ରେ ଭାରତ ତାହାର ସ୍ୱାଧୀନତାର ୭୫ତମ ବାର୍ଷିକୀ ପାଳନ କରିବ। ସେଥିପାଇଁ ଦେଶକୁ ନୂତନ ଶକ୍ତି ଓ ଉତ୍ସାହରେ ଋଦ୍ଧିମନ୍ତ କରି ଏକ ନୂଆ ଭାରତ ଗଠନର ସମୟ ଆସିଛି। ସେହି 'ନ୍ୟୁ ଇଣ୍ଡିଆ' ଗଠନର ଆବଶ୍ୟକତା ରହିଛି ଯାହା ଦେଶ ନିର୍ମାଣ, ସୁଶାସନ ଓ ଜନକଲାଣ ପାଇଁ ସମସ୍ତଙ୍କୁ ଉତ୍ସାହିତ, ଅନୁପ୍ରାଣିତ କରିପାରିବ ଏବଂ ସମାବେଶୀ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବ। ଶାସନରେ ନାଗରିକଙ୍କୁ ଭାଗୀଦାର କରି ଏକ ନୂଆ ପ୍ରତିମାନ ତିଆରି କରିବାରେ ସକ୍ଷମ ହେବ। ସେଥିପାଇଁ ପ୍ରଧାନମନ୍ତ୍ରୀ ଯଥାର୍ଥରେ କହିଛନ୍ତି ଯେ ଆମ ଦେଶର ବିକାଶ ଓ ଅଭିବୃଦ୍ଧିରେ ପ୍ରତ୍ୟେକ ନାଗରିକର କିଛି ନା କିଛି ଅବଦାନ ରହିଛି।

ଏହି ନ୍ୟୁ ଇଣ୍ଡିଆ ଗଠନ ଦିଗରେ ପ୍ରଥମ ପଦକ୍ଷେପ ନୀତି ଆୟୋଗ ପକ୍ଷରୁ ଗ୍ରହଣ କରାଯାଇଛି। ଏଥିପାଇଁ ପରିବର୍ତ୍ତନର ବାହକ ବା 'ଚମ୍ପିଅନ ଅଫ୍ ଚେଞ୍ଜ' ନାମରେ ଏକ ପ୍ରୟାସ ଆରମ୍ଭ ହୋଇଛି। ବିଭିନ୍ନ କ୍ଷେତ୍ରର ଉଦ୍ୟୋଗୀ ଓ ଉଦ୍ୟମୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ଏକତ୍ର କରି ସରକାରଙ୍କ ସହ ପ୍ରତ୍ୟକ୍ଷ ଆଲୋଚନାର ପରିବେଶ ସୃଷ୍ଟି କରାଯାଇଛି। ନ୍ୟୁ ଇଣ୍ଡିଆ ଗଠନରେ ସେମାନେ କିପରି ସହଯୋଗ କରିପାରିବେ ଏବଂ ଏଥିପାଇଁ ସେମାନେ ସରକାରଙ୍କଠାରୁ କି ପ୍ରକାର ସାହାଯ୍ୟ ସହଯୋଗ ଆଶା କରୁଛନ୍ତି ତାହା ଜଣାଇବାକୁ ପ୍ରସ୍ତାବ ଦିଆଯାଇଛି। ଏହି ଉଦ୍ୟୋଗୀମାନେ ନିଜର 'ନ୍ୟୁ ଇଣ୍ଡିଆ ସ୍ୱପ୍ନ'ର ରୂପରେଖ ଉପସ୍ଥାପିତ କରିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି। ସେମାନଙ୍କର ସ୍ୱପ୍ନ, ପରିକଳ୍ପନା ଓ ପ୍ରସ୍ତାବନା ସବୁକୁ ପାଇବା ପରେ ନୀତି ଆୟୋଗ ଆନୁକୂଲ୍ୟରେ ସରକାର କାର୍ଯ୍ୟସୂଚୀ ଚୂଡ଼ାନ୍ତ କରୁଛନ୍ତି। ଏହାଦ୍ୱରା ନ୍ୟୁ ଇଣ୍ଡିଆ ଗଠନ ସ୍ୱପ୍ନ ସାକାର ହେବ ବୋଲି ଆଶା କରିବା ଅଯୌକ୍ତିକ ହେବ ନାହିଁ। ନ୍ୟୁ ଇଣ୍ଡିଆ ଗଠନରେ ଶାସନ, ପ୍ରଶାସନର ଢାଞ୍ଚା, ରୂପରେଖ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା, ଟେକ୍ନୋଲୋଜିର ବ୍ୟବହାର, ଲକ୍ଷ୍ୟ ନିର୍ଣ୍ଣୟ, ଆବଶ୍ୟକ ଲୋକଶକ୍ତି ପ୍ରସ୍ତୁତି ଓ ସେମାନଙ୍କ ବିନିଯୋଗ ପ୍ରସ୍ତାବ ଆଦି ଶୁଣିବା ପରେ ସରକାର ଏ କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟା ଆରମ୍ଭ କରିଛନ୍ତି।






**ଶାସନ ଢଞ୍ଚାର ପରିବର୍ତ୍ତନ:**

ସରକାର ସମଗ୍ର ସମାଜର ପରିବର୍ତ୍ତନକୁ ଅଗ୍ରାଧିକାର ଦେଇ ଏହାକୁ ଏକ ନୂଆ ଢାଞ୍ଚାରେ ଗଢ଼ିବାକୁ ଆଗ୍ରହୀ ଥିବାରୁ ନାଗରିକଙ୍କୁ କିପରି ସଫଳ ଶାସନଗତ ସୁବିଧା ଯୋଗାଇ ଦିଆଯାଇପାରିବ ଏବଂ ଏକ ସଂସ୍କାରିତ ବାତାବରଣ ସୃଷ୍ଟି ହେବ ତାହାକୁ ଅଗ୍ରାଧିକାର ଦେଉଛନ୍ତି । ସେଥିପାଇଁ ସରକାର ୧୨୦୦ ପୁରୁଣାକାଳିଆ ଆଇନକୁ ଉଚ୍ଛେଦ କରି ଲୋକଙ୍କ କଲ୍ୟାଣ ପାଇଁ ନୂଆ ନୀତି ଓ ନିୟମମାନ ପ୍ରଣୟନ କରୁଛନ୍ତି । ସମାଜର ଶେଷ ବ୍ୟକ୍ତିଟି ପାଖରେ ଯେପରି ବ୍ୟାଙ୍କ ଓ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାର ସୁବିଧା ପହଞ୍ଚିବ ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି । ଏହି କ୍ରମରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହା ଫଳରେ ପୁରୁଣା ଆର୍ଥିକ ପ୍ରଶାସନର ଢାଞ୍ଚାକୁ ବଦଳାଯାଉଛି ଏବଂ ପ୍ରଶାସନ ଓ ଆର୍ଥିକ କାରବାରକୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବାର ଉଦ୍ୟମ ହେଉଛି । ଏହି କ୍ରମରେ ସରକାରୀ ଇ-ବଜାର ବ୍ୟବସ୍ଥା ପ୍ରବର୍ତ୍ତନ ଆଉ ଏକ ପଦକ୍ଷେପ । ଏହା ସହିତ ସଂଘୀୟ ବ୍ୟବସ୍ଥାରେ ସହଯୋଗମୂଳକ ପ୍ରତିଦ୍ୱନ୍ଦ୍ୱିତା ରାଜ୍ୟ-ରାଜ୍ୟଗୁଡ଼ିକ ମଧ୍ୟରେ ଆରମ୍ଭ କରାଯାଇ ବିକାଶ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଛି । ଲିଙ୍ଗଗତ ବୈଷମ୍ୟର ଅବସାନ, କୃଷି ବିକାଶ, ଜଳବାୟୁ ପରିବର୍ତ୍ତନରେ ମୁକାବିଲା, ଅକ୍ଷୟ ଶକ୍ତି ଉତ୍ସର ବିକାଶ, ଗତିଶୀଳତା ବୃଦ୍ଧି, ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି, ଆର୍ଥିକ ଓ ସମାବେଶୀ ବିକାଶ ଆଦି କ୍ଷେତ୍ରରେ ରାଜ୍ୟମାନଙ୍କୁ ନିଜସ୍ୱ ସୁବିଧା ସୁଯୋଗ ଅନୁସାରେ କାର୍ଯ୍ୟକରିବାକୁ କେନ୍ଦ୍ର ସ୍ୱାଧୀନତା ଦେଇ ଆବଶ୍ୟକ ଅର୍ଥ ଯୋଗାଣର ବ୍ୟବସ୍ଥା କରିଛି । ଏହା ଫଳରେ ନ୍ୟୁ ଇଣ୍ଡିଆର ଅଭିଳାଷୀ ଯୁବ ଗୋଷ୍ଠୀର ସ୍ୱପ୍ନ ସାକାର କରିବା ସହ ସୁଯୋଗ ଦେବାରେ ସହାୟକ ହେବ ।

ମିଳିତ ଭାବେ କାମ କଲେ ଦେଶର ସବୁ ସମସ୍ୟାର ସମାଧାନ କରିପାରିବା । ଏକ ସମାଜ ଭାବେ ଆମେ ଆମର ଶକ୍ତି, ସାମର୍ଥ୍ୟ ଓ ବିଚାର ବୁଦ୍ଧିକୁ ପୁଞ୍ଜି କରି ନୂଆ ଭାରତ ନିର୍ମାଣ ପାଇଁ ସଂକଳ୍ପବଦ୍ଧ ହୋଇପାରିବା । ଏଥିପାଇଁ ସରକାର ଅଟଳ ଇନୋଭେସନ ମିଶନ, ଜାତୀୟ ଆଇପିଆର ନୀତି, ଷ୍ଟାର୍ଟଅପ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ନୀତି ଆୟୋଗଙ୍କ ନେତୃତ୍ୱରେ ଚମ୍ପିଅନ ଅଫ୍ ଚେଞ୍ଜ କାର୍ଯ୍ୟକ୍ରମ ଏବଂ ଡିଜିଟାଲ ଅର୍ଥନୀତି ନିର୍ମାଣ ଯୋଜନା ଆରମ୍ଭ କରିଛନ୍ତି । ଏସବୁ ଯୋଜନାର ସୁଫଳ ରୂପାୟନ ବିକାଶ ପ୍ରକ୍ରିୟାକୁ ଅବଶ୍ୟ ତ୍ୱରାନ୍ୱିତ କରିବ ।

ଭାରତ ୧୦ ଲକ୍ଷ ଯୁବ ଓ କିଶୋରଙ୍କୁ ଆଗାମୀ କାଲିର ଅଭିନବ ଉଦ୍ଭାବକ ଭାବେ ତିଆରି କରିବାର ଲକ୍ଷ୍ୟ ରଖିଛି। ଅଭିନବତା ବା ନୂଆ କିଛି କରିବାର ବିଚାର ବୁଦ୍ଧି ଓ ଶକ୍ତି ଦେଶକୁ ଉନ୍ନତି ପଥରେ ଆଗେଇ ନେଇଥାଏ। ଗାନ୍ଧିଜୀଙ୍କର ମଧ୍ୟ ଏ କ୍ଷେତ୍ରରେ ସମ ବିଚାର ଥିଲା। ଦେଶ ପାଇଁ କାମ କରିବାର ସୁଯୋଗ ପାଉଥିବା ପ୍ରତ୍ୟେକ ନାଗରିକ ନିଜକୁ ସ୍ୱତନ୍ତ୍ର ଭାବୁଥିଲେ। ସେଥିପାଇଁ ଗାନ୍ଧିଜୀ ମୁକ୍ତି ସଂଗ୍ରାମକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିଥିଲେ। ତାହାର ଫଳ ମଧ୍ୟ ମିଳିଥିଲା। ସେଇ ଧାରାରେ ଆମକୁ ଭାରତର ବିକାଶକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ଆମେ ମିଳିତ ଭାବେ କାମ କଲେ ଦେଶର ସବୁ ସମସ୍ୟାର ସମାଧାନ କରିପାରିବା। ଏକ ସମାଜ ଭାବେ ଆମେ ଆମର ଶକ୍ତି, ସାମର୍ଥ୍ୟ ଓ ବିଚାର ବୁଦ୍ଧିକୁ ପୁଞ୍ଜି କରି ନୂଆ ଭାରତ ନିର୍ମାଣ ପାଇଁ ସଂକଳ୍ପବଦ୍ଧ ହୋଇପାରିବା। ଏଥିପାଇଁ ସରକାର ଅଟଳ ଇନୋଭେସନ ମିଶନ, ଜାତୀୟ ଆଇପିଆର ନୀତି, ଷ୍ଟାର୍ଟଅପ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ନୀତି ଆୟୋଗଙ୍କ ନେତୃତ୍ୱରେ ଚମ୍ପିଅନ ଅଫ୍ ଚେଞ୍ଜ କାର୍ଯ୍ୟକ୍ରମ ଏବଂ ଡିଜିଟାଲ ଅର୍ଥନୀତି ନିର୍ମାଣ ଯୋଜନା ଆରମ୍ଭ କରିଛନ୍ତି। ଏସବୁ ଯୋଜନାର ସୁଫଳ ରୂପାୟନ ବିକାଶ ପ୍ରକ୍ରିୟାକୁ ଅବଶ୍ୟ ତ୍ୱରାନ୍ୱିତ କରିବ।

**ଅଟଳ ଇନୋଭେସନ (ଅଭିନବତା) ମିଶନ ବା 'ଏମ୍' :**

'ଏମ୍'ର ଲକ୍ଷ୍ୟ ହେଲା ନୂଆ ଏବଂ ଅଭିନବ କାର୍ଯ୍ୟକ୍ରମମାନ, ବିଚାର ଉଦ୍ୟୋଗୀକରଣ, ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଏବଂ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ଭାବିବାକୁ ହେବ ଯେ, ସେ ବିଷୟରେ ପିଲାମାନଙ୍କୁ ପ୍ରଥମେ ଶିକ୍ଷା ଦେବାକୁ ହେବ। ସେଥିପାଇଁ ଦୁଃସାହସିକ ବା ବିପଦ ଥିବା କାର୍ଯ୍ୟରେ ମନୋନିବେଶ କରିବାକୁ ପିଲାଙ୍କୁ ନିବର୍ତ୍ତାଇବାର ଯେଉଁ ପାରମ୍ପରିକ ବିଚାର ରହିଛି ତାହାକୁ ପ୍ରଥମେ ବଦଳାଇବାକୁ ପଡ଼ିବ। ପିଲାଙ୍କ ମନରୁ ଭୟର ବାତାବରଣ ପ୍ରଥମେ ଦୂର କରି ସେମାନଙ୍କୁ ସାହସୀ, ଅନିସନ୍ଧିତ୍ସୁ ଓ ଆତ୍ମବିଶ୍ୱାସୀ କରିବାକୁ ହେବ। ସେଥିପାଇଁ ପିଲାଙ୍କୁ ଆବଶ୍ୟକ ପ୍ରେରଣା ଓ ସୁଯୋଗ ଦେବାକୁ ପଡ଼ିବ। ଭୁଲ ନ'କଲେ ବା ଅନୁଭୂତି ନ ରହିଲେ ମଣିଷ କିଛି ଶିଖି ପାରେ ନାହିଁ।

ଶ୍ରେଷ୍ଠ ଶିକ୍ଷକମାନେ ପିଲାଙ୍କୁ ସବୁବେଳେ ତିନିଟି





କଥା ଶିଖାଇଥାନ୍ତି । ତାହା ହେଲା - ୧) ଗଭୀର ଚିନ୍ତାଶକ୍ତି ଉଦ୍ରେକ, ୨) ନିରାପତ୍ତା ଭାବନା ଏବଂ ୩) ପ୍ରତ୍ୟେକ ପରିସ୍ଥିତିରେ ଶାନ୍ତ ଓ ଅବିଚଳିତ ହୋଇ ଭାବିବା ଓ ବୁଦ୍ଧି ବାହାର କରିବାର ଦକ୍ଷତା । ପିଲାମାନଙ୍କ ପାଇଁ ଏହି ତିନିଟି ସୂତ୍ର ସେମାନଙ୍କ ଦକ୍ଷତା ବିକାଶରେ ବିଶେଷ ସହାୟକ ହୋଇଥାଏ । ପିଲାମାନଙ୍କର ନିଜସ୍ୱ ଅଭ୍ୟାସ ଓ ଆଗ୍ରହ ନିର୍ବିଶେଷରେ ସେମାନଙ୍କୁ ସେମାନଙ୍କର ପିତାମାତା, ଅଭିଭାବକ ଓ ଶିକ୍ଷକ ଠିକଣା କଥା ଠିକଣା ଭାବେ ବିଚାର କରି କାମ କରିବାର ଶିକ୍ଷା ଦେବା ଉଚିତ ।

ସାଧାରଣ ପିଲାଟିଏ ଅନେକ ସରଳ ଓ ନିର୍ବୋଧ ପ୍ରଶ୍ନ ଅଧିକାଂଶ ସମୟରେ ପଚାରି ତାହାର ଉତ୍ତର ଚାହିଁଥାଏ; କିନ୍ତୁ ପିଲାଏ ୧୦/୧୨ ବର୍ଷର ହୋଇଲେ, ସ୍କୁଲ ଗଲେ ସେମାନେ ଶିକ୍ଷା, ଅନୁଭୂତି, ପରିବେଶ ଓ ପରିସ୍ଥିତିରୁ ଅନେକ କିଛି ଶିଖିଥାନ୍ତି । ସେତେବେଳେ ସେମାନେ ଚିନ୍ତାଶୀଳ ପ୍ରଶ୍ନ ପଚାରିବା ଅପେକ୍ଷା ଯେପରି ଆପଣାଛାଏଁ ତାହାର ପ୍ରକୃତ ଉତ୍ତର ପାଇପାରିବ ସେ ପରିବେଶକୁ ଗୁରୁତ୍ୱ ଦେବାକୁ ପଡ଼ିବ ।

**ପ୍ରକୃତି ବଡ଼ ଶିକ୍ଷକ:**

ପ୍ରକୃତି ଓ ପରିବେଶ ଅନେକ କଥା ଶିଖାଏ । ହେଲେ ମଣିଷର ମସ୍ତିଷ୍କ କ୍ଷୁଦ୍ର ହେଲେ ମଧ୍ୟ ଏହା ଅନେକ କଥା ଶିଖେ, ନୂଆ ବିଚାର ବୁଦ୍ଧି ବାହାର କରେ । ଛତିଶଗଡ଼ର ହାଥବନ୍ଧ ଅଞ୍ଚଳର ଗୋଟିଏ ଘଟଣା । ଏକ ମାଇନ (ବାରୁଦ ସୁଡ଼ଙ୍ଗ) ବିଛାଯାଇଥିବା ଇଲାକାକୁ ସଫା କରି ସେଠାରେ ବନୀକରଣର ପ୍ରୟାସ କରାଗଲା । ଖାଲିହାତରେ ମାଇନକୁ ଠାବ କରି ତାହାକୁ ନଷ୍ଟ କରିବା ସହଜ କାମ ନୁହେଁ । ଏଥିପାଇଁ ମେଟାଲ ଡିଟେକ୍ଟରର ଆବଶ୍ୟକତା ପଡ଼େ । ସେହି ଅଞ୍ଚଳର ହାଇସ୍କୁଲ ପିଲାଙ୍କ ମୁଣ୍ଡରେ ଏହି ମାଇନ ଠାବ କରିବାର ଚିନ୍ତା ଜୁଟିଲା । ସେମାନେ ଅଟଳ ଟିଙ୍କରିଂ ପ୍ଲାଟଫର୍ମ (ଏଟିପି) ସହାୟତାରେ ସେନ୍ସର ଟେକ୍ନୋଲୋଜିର ଉପଯୋଗ କରି ଏକ ଅଭିନବ ମାଇନ ଡିଟେକ୍ଟର ଅଳ୍ପ ସମୟରେ ପ୍ରସ୍ତୁତ କରିଦେଲେ । ଏହା ଦୂର ସଂବେଦୀ ବ୍ୟବସ୍ଥାରେ

> ସମାଜର ଶେଷ ବ୍ୟକ୍ତିଟି ପାଖରେ ଯେପରି ବ୍ୟାଙ୍କ ଓ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାର ସୁବିଧା ପହଞ୍ଚିବ ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି । ଏହି କ୍ରମରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହା ଫଳରେ ପୁରୁଣା ଆର୍ଥିକ ପ୍ରଶାସନର ଢାଞ୍ଚାକୁ ବଦଳାଯାଉଛି ଏବଂ ପ୍ରଶାସନ ଓ ଆର୍ଥିକ କାରବାରକୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବାର ଉଦ୍ୟମ ହେଉଛି । ଏହି କ୍ରମରେ ସରକାରୀ ଇ-ବଜାର ବ୍ୟବସ୍ଥା ପ୍ରବର୍ତ୍ତନ ଆଉ ଏକ ପଦକ୍ଷେପ । ଏହା ସହିତ ସଂଘୀୟ ବ୍ୟବସ୍ଥାରେ ସହଯୋଗମୂଳକ ପ୍ରତିଦ୍ୱନ୍ଦ୍ୱିତା ରାଜ୍ୟ-ରାଜ୍ୟଗୁଡ଼ିକ ମଧ୍ୟରେ ଆରମ୍ଭ କରାଯାଇ ବିକାଶ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଛି । ଲିଙ୍ଗଗତ ବୈଷମ୍ୟର ଅବସାନ, କୃଷି ବିକାଶ, ଜଳବାୟୁ ପରିବର୍ତ୍ତନରେ ମୁକାବିଲା, ଅକ୍ଷୟ ଶକ୍ତି ଉତ୍ସର ବିକାଶ, ଗତିଶୀଳତା ବୃଦ୍ଧି, ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି, ଆର୍ଥିକ ଓ ସମାବେଶୀ ବିକାଶ ଆଦି କ୍ଷେତ୍ରରେ ରାଜ୍ୟମାନଙ୍କୁ ନିଜସ୍ୱ ସୁବିଧା ସୁଯୋଗ ଅନୁସାରେ କାର୍ଯ୍ୟକରିବାକୁ କେନ୍ଦ୍ର ସ୍ୱାଧୀନତା ଦେଇ ଆବଶ୍ୟକ ଅର୍ଥ ଯୋଗାଣର ବ୍ୟବସ୍ଥା କରିଛି । ଏହା ଫଳରେ ନ୍ୟୁ ଇଣ୍ଡିଆର ଅଭିଳାଷୀ ଯୁବ ଗୋଷ୍ଠୀର ସ୍ୱପ୍ନ ସାକାର କରିବା ସହ ସୁଯୋଗ ଦେବାରେ ସହାୟକ ହେବ ।




ପରିଚାଳିତ ହୋଇ ମାଟି ତଳେ ଥିବା ମାଇନକୁ ଠାବ କରିବାରେ ସହାୟକ ହେଲା। ଏକ ନ'ଭୋଲ୍ଟ ବ୍ୟାଟେରୀରେ ଏହି ଯନ୍ତ୍ରଟି ଚାଲୁଥିଲା। ମାତ୍ର ପାଞ୍ଚ ମିନିଟରେ ସମସ୍ୟାର ସମାଧାନ ହୋଇପାରିଲା।

ବିଶ୍ୱବ୍ୟାପୀ ଦୃଷ୍ଟିବାଧିତମାନେ ବାଡ଼ି ବ୍ୟବହାର କରନ୍ତି। ଏହା ସାହାଯ୍ୟରେ ସେମାନେ ନିଜର ରାସ୍ତାରେ ଥିବା ପ୍ରତିବନ୍ଧକକୁ ଠାବ କରି ନିରାପଦରେ ଯାତ୍ରା କରନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ଦୁର୍ଘଟଣା ନିରୋଧୀ ବ୍ୟବସ୍ଥା ହୋଇ ନ ଥିଲେ ମଧ୍ୟ ନେତ୍ରହୀନଙ୍କ ପାଇଁ ବିଶେଷ ଉପଯୋଗୀ ହୋଇଛି। ଏବେ ନେତ୍ରହୀନମାନଙ୍କ ନିରାପଦ ଜାତାୟାତ ପାଇଁ ନୂଆ ଅତ୍ୟାଧୁନିକ ଜ୍ଞାନକୌଶଳ ବାହାର କରାଯିବାର ଆବଶ୍ୟକତା ରହିଛି। ବେଙ୍ଗାଲୁରୁର ଉତ୍ତରାହଲ୍ଲି ହାଇସ୍କୁଲର ପିଲାମାନେ ଅଟଳ ଟିଙ୍କରିଙ୍ଗ ପ୍ଲାଟଫର୍ମର ଉପଯୋଗ କରି ଏକ ସେନ୍‌ସର ବାହାର କରିଛନ୍ତି ଯାହା ଅଲଟ୍ରାସୋନିକ୍ ତରଙ୍ଗ ଜରିଆରେ ରାସ୍ତାରେ ଥିବା ପ୍ରତିବନ୍ଧକକୁ ସହଜରେ ଠାବ କରିପାରୁଛି। ଏହାର ଉପଯୋଗ କରି ସେମାନେ ନେତ୍ରହୀନଙ୍କ ପାଇଁ ନିରାପଦ ଯାତ୍ରାର ମାର୍ଗ ପ୍ରସ୍ତୁତ କରୁଛନ୍ତି।

ଏବେ ସହରାଞ୍ଚଳରେ ବହୁତଳ ପ୍ରାସାଦଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଏବେ ଯେଉଁ ନିରାପତ୍ତା ବ୍ୟବସ୍ଥା ରହିଛି ତାହା ସେତେ ସଫଳ ନୁହେଁ। ତେଣୁ ଏ କ୍ଷେତ୍ରରେ ନୂଆ କୌଶଳ ଓ ଟେକ୍‌ନୋଲୋଜି ବାହାର କରିବାର ଆବଶ୍ୟକତା ରହିଛି। ଚଣ୍ଡୀଗଡ଼ର ସେକ୍ଟର ୩୭ବିର ସରକାରୀ ମାଧ୍ୟମିକ ସ୍କୁଲର ପିଲାମାନେ ଅଟଳ ଟିଙ୍କରିଙ୍ଗ ଲ୍ୟାବ (ଏଟିଏଲ୍) ମାଧ୍ୟମରେ ଏକ ରିମୋଟ୍ କଣ୍ଟ୍ରୋଲ୍ ସାଉଣ୍ଡ ୱେଭ ଭିତ୍ତିକ ଅଗ୍ନି ନିର୍ବାପକ ରୋବୋର୍ଟ ବ୍ୟବହାର କରିବାରେ ସଫଳ ହୋଇଛନ୍ତି। ଏହାଦ୍ୱାରା ବେଶ୍ ଦୂରରୁ ନିଆଁକୁ ଲିଭାଇ ହେବ। ଏହି ଯନ୍ତ୍ରଟି ଛୋଟ ଏବଂ ସହଜରେ ବ୍ୟବହାର ଉପଯୋଗୀ।

ସେହିଭଳି ପ୍ରବଳ ବର୍ଷାରେ ଜଳାର୍ଣ୍ଣବ ହେଉଥିବା ସହରର ରାସ୍ତାର ସ୍ଥିତି ଏବଂ ପାଣିର ମାପ ଆକଳନ କରିବାକୁ ଅହମଦାବାଦର ଏକ ହାଇସ୍କୁଲର ପିଲାଏ ଏଟିଏଲ ମାଧ୍ୟମରେ ଏକ ଯନ୍ତ୍ର ବାହାର କରିଛନ୍ତି। ଏହାର ଉପଯୋଗ କରାଯାଇ ଜଳାର୍ଣ୍ଣବ ରାସ୍ତାରେ ନିରାପଦ ଯାତାୟାତ ସମ୍ଭବ ହୋଇପାରିବ। ଆସାମର ମାଳିଗାଓଁ କେନ୍ଦ୍ରୀୟ ବିଦ୍ୟାଳୟର ପିଲାମାନେ ମଧ୍ୟ ଅନୁରୂପ ଏକ ଯନ୍ତ୍ର ବାହାର କରିଛନ୍ତି। ଆବାସିକ ଅଞ୍ଚଳ ମଧ୍ୟକୁ ପଶିଆସୁଥିବା କଲରାପତ୍ରିଆ ବାଘଙ୍କ ଗତିବିଧି ଠାବ କରି ସତର୍କ ସୂଚନା ଦେବାକୁ ସେମାନେ ମଧ୍ୟ ଆଉ ଏକ ଯନ୍ତ୍ର ବାହାର କରିବାରେ ସଫଳ ହୋଇଛନ୍ତି।

ଏସବୁ ଉଦାହରଣର ଅର୍ଥ ହେଲା ସାମାଜିକ ଓ ଅନ୍ୟାନ୍ୟ ସମସ୍ୟାର ଟେକ୍‌ନୋଲୋଜି ଭିତ୍ତିକ ସମାଧାନ ସମ୍ଭବ। ଆମ ପିଲାଏ ଯେଉଁସବୁ ନୂଆ ଉପକରଣ ଓ ଜ୍ଞାନକୌଶଳ ବାହାର କରିଛନ୍ତି ତାହା କ୍ଷୁଦ୍ର ହେଲେ ମଧ୍ୟ ଏହା ପଥପ୍ରଦର୍ଶକ। ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ୍ କଲାମ ତାଙ୍କ ଜୀବନସାରା ଟେକ୍‌ନୋଲୋଜି ସହାୟତାରେ ସମାଜକୁ ବଦଳାଇବାକୁ ଚେଷ୍ଟିତ ଥିଲେ ଓ ଏଥିରେ ଅନେକାଂଶରେ ସଫଳ ହୋଇଥିଲେ। ସେଥିପାଇଁ ସେ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ନିରନ୍ତର ଉତ୍ସାହିତ, ଅନୁପ୍ରାଣିତ କରୁଥିଲେ। ଜଣେ ବୈଜ୍ଞାନିକ ଅପେକ୍ଷା ଜଣେ ସଫଳ ଶିକ୍ଷକ ଭାବେ ସ୍ମରଣୀୟ ହୋଇ ରହିବାକୁ ଡକ୍ଟର କଲାମ ସର୍ବଦା ଇଚ୍ଛା ପ୍ରକାଶ କରୁଥିଲେ। ପିଲାମାନେ ନିଜର ବିଫଳତାରୁ ଶିଖି ସଫଳ ହେବା ଉପରେ ସେ ଗୁରୁତ୍ୱ ଦେଉଥିଲେ। ସେଥିପାଇଁ ପିଲାଙ୍କୁ ସୁବିଧା ସୁଯୋଗ ଦେବାକୁ ସେ କହୁଥିଲେ। ଜୀବନରେ ବଡ଼ ଲକ୍ଷ୍ୟ ରଖିବାକୁ ପିଲାମାନଙ୍କୁ କଲାମ ଯେଉଁ ପରାମର୍ଶ ଦେଉଥିଲେ ତାହା ଯଥାର୍ଥ। ଉଚ୍ଚ ଚିନ୍ତା, ଉଚ୍ଚ ଭାବନା ରଖି ତାହା ହାସଲ ପାଇଁ ପରିଶ୍ରମ କରିବା ଉପରେ ସେ ଗୁରୁତ୍ୱ ଦେଉଥିଲେ।


ନୂଆ କିଛି କଲେ, ଭଲ କିଛି ହାସଲ କଲେ ପିଲାଙ୍କୁ ପ୍ରଶଂସା ମିଳେ ଏବଂ ଏହା ତାଙ୍କର ମନୋବଳକୁ ବଢ଼ାଏ। ଏହାଦ୍ୱାରା ସେମାନେ ଉତ୍ସାହିତ ହୁଅନ୍ତି। ସାଙ୍ଗସାଥିଙ୍କ ମେଳରେ ମିଶି ପିଲାଏ କିଛି ନୂଆ କାମ କଲେ ଅଧିକ ଉତ୍ସାହିତ ହୋଇଥାନ୍ତି। ସେଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଆଜି ଯିଏ କୌଣସି କ୍ଷେତ୍ରରେ ବିଶେଷଜ୍ଞ, ଏକଦା ସେ ମଧ୍ୟ ଶିକ୍ଷାର୍ଥୀ ଥିଲେ।

ଏଟିଏଲ୍‌ର ଲକ୍ଷ୍ୟ ହେଲା ପିଲାଙ୍କ ମଧ୍ୟରେ ଅନୁସନ୍ଧିତ୍ସା, ପରିକଳ୍ପନା ଓ ସର୍ଜନାଭାବ ସୃଷ୍ଟି କରିବା। ଏହା ଆମ ଦେଶର ଉଦୀୟମାନ ପ୍ରତିଭାଙ୍କ ପାଇଁ ଏକ ପ୍ଲାଟଫର୍ମ। ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ବିଶେଷଜ୍ଞ ଓ ବିଶାରଦ କରି ଗଢ଼ି ତୋଳିବା ଏହି ରଚନାତ୍ମକ ମଞ୍ଚ ଏଟିଏଲର ଅସଲ ଲକ୍ଷ୍ୟ। ଦେଶର ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏଟିଏଲ ବ୍ୟବସ୍ଥା ଏବେ ରହିଛି। ଦେଶର ୯୪୧ ଅନୁମୋଦିତ ସ୍କୁଲରେ ଏହା କାର୍ଯ୍ୟ କରୁଛି ଏବଂ ୫୫ ଶତାଂଶ ଜିଲ୍ଲା ଏହାର ଅଧୀନରେ ଅଛି। ଆଉ ୧୩୦୦ ଏଟିଏଲ ଖୋଲିବାର ପ୍ରସ୍ତାବ ଅଛି। ସବୁ ଜିଲ୍ଲା ଏବଂ ସ୍ମାର୍ଟ ସିଟିରେ ଏହା ଖୋଲିବାର ଲକ୍ଷ୍ୟ ରହିଛି। ସହର ହେଉ କିମ୍ବା ଗ୍ରାମ ଦେଶର ସବୁ ଅଞ୍ଚଳର ପିଲାଙ୍କୁ ଏଟିଏଲ୍ ସୁବିଧା ଯୋଗାଇ ଦେବାକୁ ସରକାର ଉଦ୍ୟମ କରୁଛନ୍ତି।

ରଚନାତ୍ମକ ଭାରତ- ଅଭିନବ ଭାରତ ନିର୍ମାଣର ଯେଉଁ ଲକ୍ଷ୍ୟ ଅଛି ତାହାକୁ ସାକର କରିବା ପାଇଁ ଭିତ୍ତିଭୂମି ଓ ଦିଗଦର୍ଶକଙ୍କର ଆବଶ୍ୟକତା ରହିଛି। ଏଟିଏଲ ଏ କ୍ଷେତ୍ରରେ ଏକ ପ୍ରଥମ ପଦକ୍ଷେପ। ଏହା ଭବିଷ୍ୟତରେ ଉଦ୍ୟୋଗ ଉପକ୍ରମକୁ ପ୍ରୋତ୍ସାହିତ କରିବା ସହ ସାମାଜିକ-ଆର୍ଥିକ ଓ ସାଂସ୍କୃତିକ ବିକାଶକୁ ବଢ଼ାଇବ।

ଆଜିର ଭାରତର ବିଦ୍ୟାର୍ଥୀମାନେ ଭବିଷ୍ୟତ ଭାରତର ନକ୍ସା ଆଙ୍କିବେ ଓ ନିଜର ପରିକଳ୍ପନା ଓ ସ୍ୱପ୍ନ ଅନୁସାରେ ତାହାକୁ ତିଆରି କରିବେ। ସେଥିପାଇଁ ସେମାନଙ୍କୁ ଆମକୁ ତିଆରି କରିବାକୁ ପଡ଼ିବ ଓ ସେମାନଙ୍କ ଦକ୍ଷତା ଓ ପ୍ରତିଭାର ବିକାଶ ପାଇଁ ଭିତ୍ତିଭୂମି ଏବଂ ସୁଯୋଗ ଯୋଗାଇ ଦେବାକୁ ହେବ। ଚମ୍ପିଅନ୍‌ମାନଙ୍କୁ ନ୍ୟୁ ଇଣ୍ଡିଆର ସ୍ୱପ୍ନ ଦେଖିବା ସହ ପରିବର୍ତ୍ତନ ଓ ଅଭିନବତା ମାଧ୍ୟମରେ ଏହାକୁ ଗଢ଼ିବାକୁ ହେବ।

ବିଶ୍ୱବ୍ୟାପୀ ଦୃଷ୍ଟିବାଧିତମାନେ ବାଡ଼ି ବ୍ୟବହାର କରନ୍ତି। ଏହା ସାହାଯ୍ୟରେ ସେମାନେ ନିଜର ରାସ୍ତାରେ ଥିବା ପ୍ରତିବନ୍ଧକକୁ ଠାବ କରି ନିରାପଦରେ ଯାତ୍ରା କରନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ଦୁର୍ଘଟଣା ନିରୋଧୀ ବ୍ୟବସ୍ଥା ହୋଇ ନ ଥିଲେ ମଧ୍ୟ ନେତ୍ରହୀନଙ୍କ ପାଇଁ ବିଶେଷ ଉପଯୋଗୀ ହୋଇଛି। ଏବେ ନେତ୍ରହୀନମାନଙ୍କ ନିରାପଦ ଯାତାୟାତ ପାଇଁ ନୂଆ ଅତ୍ୟାଧୁନିକ ଜ୍ଞାନକୌଶଳ ବାହାର କରାଯିବାର ଆବଶ୍ୟକତା ରହିଛି। ବେଙ୍ଗାଲୁରୁର ଉତ୍ତରାହଲ୍ଲି ହାଇସ୍କୁଲର ପିଲାମାନେ ଅଟଳ ଟିଙ୍କରିଙ୍ଗ ପ୍ଲାଟଫର୍ମର ଉପଯୋଗ କରି ଏକ ସେନ୍‌ସର ବାହାର କରିଛନ୍ତି ଯାହା ଅଲଟ୍ରାସୋନିକ୍ ତରଙ୍ଗ ଜରିଆରେ ରାସ୍ତାରେ ଥିବା ପ୍ରତିବନ୍ଧକକୁ ସହଜରେ ଠାବ କରିପାରୁଛି। ଏହାର ଉପଯୋଗ କରି ସେମାନେ ନେତ୍ରହୀନଙ୍କ ପାଇଁ ନିରାପଦ ଯାତ୍ରାର ମାର୍ଗ ପ୍ରସ୍ତୁତ କରୁଛନ୍ତି।



**ଲେଖକ ହେଉଛନ୍ତି ଅଭିନବତା ସମ୍ପର୍କିତ ଜଣେ ବିଶେଷଜ୍ଞ।**

ବିଶେଷ ପ୍ରବନ୍ଧ

# ତିନି ତଲାକ ରାୟ: ମୁସଲମାନ ମହିଳାଙ୍କ ବିଜୟ

● ଆର୍.କେ ସିହ୍ନା

ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇ ମୁସଲମାନ ମହିଳାଙ୍କୁ ତିନି ତଲାକ ଭଳି ଏକ ବର୍ବର ତଥା ନୃଶଂସ ପ୍ରଥାରୁ ମୁକ୍ତ କରିଛନ୍ତି। ଏହି ପ୍ରଥା ଅନୁସାରେ ଜଣେ ମୁସଲମାନ ବ୍ୟକ୍ତି ତାଙ୍କର ପତ୍ନୀଙ୍କୁ ଏକାଦିକ୍ରମେ ତିନିଥର ତଲାକ ଉଚ୍ଚାରଣ କରି ଛାଡ଼ପତ୍ର ଦେବାକୁ ସମର୍ଥ। ଏବେ ସେ ପ୍ରଥାର ଅନ୍ତ ଘଟିଛି। ଛ'ମାସ ମଧ୍ୟରେ ତିନି ତଲାକ ସମ୍ପର୍କରେ ସଂସଦରେ ଆଇନ ପ୍ରଣୟନ କରିବା ସହିତ ସେ ପର୍ଯ୍ୟନ୍ତ ଏହି ପ୍ରଥାକୁ ନିଷିଦ୍ଧ କରିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ରସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ନିର୍ଦ୍ଧାରିତ ଛ'ମାସ ମଧ୍ୟରେ ଆଇନ ପ୍ରଣୟନ କରାନଯାଏ ତେବେ ତିନି ତଲାକ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ ବଳବତ୍ତର ରହିବ ବୋଲି ଏହି ରାୟରେ କୁହାଯାଇଛି।

ତତ୍କାଳୀନ ପ୍ରଧାନ ବିଚାରପତି ଜେ.ଏସ୍ ଖେହରଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟର ପାଞ୍ଚଜଣିଆ ପୀଠ ୩-୨ ସଂଖ୍ୟାଗରିଷ୍ଠ ମତରେ ତିନି ତଲାକକୁ ନିଷିଦ୍ଧ କରିଛନ୍ତି। ଏହି ରାୟ ପ୍ରଦାନ କରିବାବେଳେ ସର୍ବୋଚ୍ଚ ନ୍ୟାୟାଳୟ ଇତିହାସରୁ ଶିକ୍ଷା ନେଇଛନ୍ତି; କାରଣ ୧୯୮୬ରେ ଏହିଭଳି ଏକ ମାମଲାରେ ସୁପ୍ରିମକୋର୍ଟ ସାହା ବାନୁଙ୍କ ଆବେଦନ ଗ୍ରହଣ କରି ତିନି ତଲାକ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ସଂସଦ ଉପରେ ଦାୟିତ୍ୱ ଛାଡ଼ି ଦେଇଥିଲେ। ଏଥର କିନ୍ତୁ ସେ ଭୁଲ ନ'କରି ଏ କ୍ଷେତ୍ରରେ ସ୍ପଷ୍ଟ ରାୟ ଦେଇ ସର୍ବୋଚ୍ଚ ଅଦାଲତ ନିଜର ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଛନ୍ତି।



ମୋଟାମୋଟି ଭାବେ ଏହା ଏବେ ପ୍ରମାଣିତ ହୋଇଯାଇଛି ଯେ ଭାରତ ବର୍ତ୍ତମାନ ତିନି ତଲାକର ଦୁରୁପଯୋଗରୁ ମୁକ୍ତ। ଗତବର୍ଷ ସ୍ୱାଧୀନତା ଦିବସ ଭାଷଣରେ ଲାଲକିଲ୍ଲାର ପ୍ରାଚୀର ଉପରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ତିନି ତଲାକ ଭଳି ଅମାନବୀୟ ପ୍ରଥାକୁ ବନ୍ଦ କରିବା ପାଇଁ ଆଇନ ଅଣାଯିବ। ଏବେ ତାଙ୍କୁ ତାଙ୍କ ସେହି ପ୍ରତିଶ୍ରୁତି ମନେ ପକାଇବାର ଆବଶ୍ୟକତା ଆଉ ନାହିଁ।

**ମାନବବାଦର ବିଜୟ:**

ବାସ୍ତବରେ କୁହାଯାଇଛି ଯେ ନ୍ୟାୟ ଅନ୍ଧ। ତା' ହୋଇ ନ ଥିଲେ ନ୍ୟାୟଦେବୀ ଅନ୍ଧପୁଟୁଳି ବାନ୍ଧି ନ ଥାନ୍ତେ। ଅନେକ ମୌଳବାଦୀ ମୁସଲମାନ ସଂଗଠନର ଦୃଢ଼ ବିରୋଧ ଓ ଯୁକ୍ତି ସତ୍ତ୍ୱେ ସର୍ବୋଚ୍ଚ ଅଦାଲତ ମୁସଲମାନ ମହିଳାମାନଙ୍କୁ ଏକ ନୂଆ ଜୀବନ ଦେଇଛନ୍ତି। ଏହି ରାୟ ପୂର୍ବରୁ ଏକଥା କୁହାଯାଉଥିଲା ଯେ ଏକ ଅମାନବୀୟ ଓ ନୃଶଂସ



ପ୍ରଥାକୁ ନେଇ ମାନବବାଦ ଓ ଉଗ୍ର ମୌଳବାଦୀ ସଂପ୍ରଦାୟବାଦ ମଧ୍ୟରେ ଚାଲିଥିବା ଲଢ଼େଇରେ କାହାର ଜିତାପଟ ହେବ। ପରିଶେଷରେ ମାନବବାଦର ବିଜୟ ଘଟିଛି ଓ ଉଗ୍ର ରକ୍ଷଣଶୀଳତା ଓ ସଂପ୍ରଦାୟବାଦ ପରାଜୟ ଲଭିଛି।

ପାଞ୍ଚ ଜଣିଆ ସାମ୍ବିଧାନିକ ପୀଠର ତିନିଜଣ ବିଚାରପତି ଜଷ୍ଟିସ୍ କୁରିଏନ୍ ଜୋଜେଫ, ଆରଏଫ୍ ନରିମନ ଓ ୟୁ ୟୁ ଲଳିତ ତିନି ତଲାକକୁ ଅସାମ୍ବିଧାନିକ ଦର୍ଶାଇଥିଲେ। ଅନ୍ୟପକ୍ଷରେ ତତ୍‌କାଳୀନ ପ୍ରଧାନ ବିଚାରପତି ଜେ ଏସ୍ ଖେହର ଓ ବିଚରପତି ଏସ୍ ଅବଦୁଲ ନଜିର ମତ ଦେଇଥିଲେ ଯେ ଏହି ପ୍ରଥା ମୁସଲମାନ ପର୍ସନାଲ ଲ ବୋର୍ଡର ଅଂଶବିଶେଷ ହୋଇଥିବାରୁ ଏଥିରେ ଅଦାଲତ ହସ୍ତକ୍ଷେପ କରିପାରିବ ନାହିଁ। ତେବେ ଏହି ଦୁଇ ବିଚାରପତି ମତ ଦେଇଥିଲେ ଯେ ତିନି ତଲାକ ଏକ ପାପ। ସରକାର ଆଇନ ପ୍ରଣୟନ କରି ଏହାର ଅବସାନ ଘଟାଇବା ଉଚିତ। ଏବେ ନିଃସନ୍ଦେହରେ କୁହାଯାଇପାରେ ଯେ କେନ୍ଦ୍ର ସରକାର ଏ ନେଇ ଏକ ଶକ୍ତିଶାଳୀ ଆଇନ ପ୍ରଣୟନ କରିବେ ଓ ମୁସଲମାନ ମହିଳାଙ୍କୁ ସଶକ୍ତ କରିବାରେ ସଫଳ ହେବେ। କେହି ଜଣେ ଯଦି ଭାରତରେ ମୁସଲମାନ ମହିଳାଙ୍କ ସ୍ଥିତି ଅନୁଧ୍ୟାନ କରିବାକୁ ଆଗ୍ରହୀ ହୁଅନ୍ତି, ତେବେ ତାଙ୍କୁ ଅବଦୁଲ୍ଲା ବିସ୍‌ମିଲ୍ଲାଙ୍କ ଦ୍ୱାରା ରଚିତ ଉପନ୍ୟାସ 'ଝିନିଝିନି ବିନିଚାଦରିୟା' ପଢ଼ିବାକୁ ପଡ଼ିବ। ଏହି ଉପନ୍ୟାସରେ କେତେକ ମୁସଲମାନ ପରିବାରର କାହାଣୀ ବର୍ଣ୍ଣିତ, ଯେଉଁଠି ମହିଳାମାନେ ନିକୃଷ୍ଟ କିମ୍ବା ତୃତୀୟ ଶ୍ରେଣୀର ବ୍ୟକ୍ତି ଭାବେ ବିବେଚିତ। ସେହି ଉପନ୍ୟାସର ଏକ ସ୍ଥାନରେ ଲେଖକ ଏକ ଚରିତ୍ର ମାଧ୍ୟମରେ କହିଛନ୍ତି, 'ଆଖିର (ଶେଷରେ) ଜଣେ ମହିଳାର ସ୍ଥିତି କ'ଣ? ଜଣେ ନାରୀର କି ଆବଶ୍ୟକତା ରହିଛି? କେବଳ ରାନ୍ଧିବା, ଆମ ସହ ସହବାସ କରିବା, ଛୁଆ ଜନ୍ମ ଦେବା ଆଦି ଏହିଭଳି

> ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୋରାନ୍ କିମ୍ବା ହାଡ଼ିସ୍‌ରେ ତଲାକ ବ୍ୟବସ୍ଥା ନାହିଁ। କୋରାନରେ ଗୋଟିଏ ସ୍ଥାନରେ ସ୍ପଷ୍ଟ କୁହାଯାଇଛି ଯେ ଆଲ୍ଲା ନାପସନ୍ଦ କରୁଥିବା ବିଭିନ୍ନ କଥାର ତାଲିକାରେ ସବାଗ୍ରେ ରହିଛି ତଲାକ। ରସୁଲ କିମ୍ବା କୌଣସି ନବୀ ସେମାନଙ୍କ ପତ୍ନୀଙ୍କୁ ଛାଡ଼ପତ୍ର ଦେଇ ନ ଥିଲେ। ହଁ ଏକଥା ସତ ଯେ କୌଣସି ପ୍ରସଙ୍ଗରେ ପତ୍ନୀଙ୍କ ସହ ମତଭେଦ ହେଲେ ସେମାନେ ପତ୍ନୀମାନଙ୍କୁ ଅନ୍ୟ ସ୍ଥାନକୁ ପଠାଇ ଦେଉଥିଲେ। ସେଠାରେ ସେମାନେ ଯେପରି ଭଲରେ ରହିପାରିବେ ସେଥିପାଇଁ ସମସ୍ତ ସୁବିଧା ଯୋଗାଉଥିଲେ। ସେମାନଙ୍କୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖାଯାଇ ଯତ୍ନ ନିଆଯାଉଥିଲା।

କାମ ପାଇଁ କ'ଣ ସେମାନେ ଜନ୍ମ ? ସେମାନେ ଯଦି ନିଜର କୌଣସି କାମରେ ତ୍ରୁଟି କରନ୍ତି, ତେବେ ତଲାକ, ତଲାକ, ତଲାକ ଉଚ୍ଚାରଣ କରିଦିଅ।'

**ମୁସଲମାନ ମହିଳାଙ୍କ ଶତ୍ରୁ କିଏ ?**

ତିନି ତଲାକ ଭଳି ଏକ ବର୍ବରତାରୁ ମୁସଲମାନ ମହିଳାଙ୍କୁ ମୁକ୍ତ କରିବା ପାଇଁ ଯେତେବେଳେ ଅଭିଯାନ ଆରମ୍ଭ ହେଲା ବହୁ ମୁସଲମାନ ରାଜନେତା, ଯେଉଁମାନେ ନିଜକୁ ମୁସଲମାନମାନଙ୍କ ପ୍ରଥମ ଶୁଭେଚ୍ଛୁ ବୋଲି ନିଜକୁ ଉପସ୍ଥାପନ କରନ୍ତି, ପ୍ରଥମେ ତାହାର ବିରୋଧ କଲେ। ଆହୁରି ମଧ ଗଣମାଧମର ଅନେକ ବିତର୍କ ଓ ଆଲୋଚନାରେ ଏହି ରାଜନେତାମାନେ ଭାରତ ସରକାରଙ୍କୁ ତିନି ତଲାକ ବିରୋଧରେ ଯୁଦ୍ଧ ଘୋଷଣା କରିଥିବାରୁ ଉପଯୁକ୍ତ ଜବାବ ଦେବାକୁ ଧମକ ଦେଇଥିଲେ। ଏହି ବିତର୍କରେ ଅନେକ ମୁଲ୍ଲା ଓ ଉଲେମା ସାମିଲ ହୋଇଥିବାବେଳେ ଜଣେ ମଧ ମୁସଲମାନ ମହିଳା ଏଥିରେ ଭାଗ ନେଇ ନ ଥିଲେ। ବର୍ତ୍ତମାନର ଯୁଗରେ ମଧ ଏହି ଆତ୍ମଘୋଷିତ ମୁସଲମାନ ନେତାମାନେ ଚାହାନ୍ତି ଯେ ମୁସଲମାନ ମହିଳାମାନେ ମଧ୍ୟଯୁଗୀୟ ପ୍ରଥା ଓ ପରମ୍ପରାକୁ ପାଳନ କରନ୍ତୁ। ଏହି ରାଜନେତାମାନେ ନିର୍ଲଜଭାବେ ସରକାରଙ୍କ ପ୍ରଗତିମୂଳକ ମନୋଭାବକୁ ବିରୋଧ କରୁଛନ୍ତି।

ସେମାନଙ୍କୁ ପ୍ରଶ୍ନ କରାଯିବା ଉଚିତ ଯେ ତିନି ତଲାକକୁ ସମର୍ଥନ ଏବଂ ଗୋମାଂସ ଭକ୍ଷଣ ପ୍ରସଙ୍ଗକୁ କେନ୍ଦ୍ର କରିବା ଦ୍ୱାରା ସରକାରଙ୍କ ସହ କଜିଆ କରିବା ବ୍ୟତୀତ ଆଉ ସେମାନେ କ'ଣ ଜାଣନ୍ତି ? ଏହି ପ୍ରସଙ୍ଗ ଯେତେବେଳେ ସର୍ବୋଚ୍ଚ ଅଦାଲତଙ୍କ ବିଚାରାଧୀନ ଥିଲା, ସେତେବେଳେ ମୁଁ ମୁସଲମାନ ପର୍ସନାଲ ବୋର୍ଡର ଜଣେ ସଦସ୍ୟଙ୍କ ସଂସ୍ପର୍ଶରେ ଆସିଥିଲି। ମୁଁ ତାଙ୍କୁ କେତେକ ପ୍ରଶ୍ନ ଏ ସମ୍ପର୍କରେ ପଚାରିଥିଲି। ସେଥିରୁ ଗୋଟିଏ ହେଲା – "ତିନି ତଲାକ ବ୍ୟବସ୍ଥାରେ ପରିବର୍ତ୍ତନ ଆପଣଙ୍କ ଝିଅ ଓ ସଂପ୍ରଦାୟର ମହିଳାଙ୍କୁ ସବଳ କରିବ, ଏଥିରେ ଜଣେ ହିନ୍ଦୁର ଯାଏ ଆସେ କେତେ ? ଦ୍ୱିତୀୟ ପ୍ରଶ୍ନ, "ସବୁ ମୁସଲମାନ ରାଷ୍ଟ୍ର ତିନି ତଲାକକୁ ନିଷିଦ୍ଧ କରିଥିବାବେଳେ ଇସ୍‌ଲାମର ବିରୋଧାଚରଣ ହୋଇନାହିଁ, ଭାରତରେ ଏଭଳି ଏକ ଜଘନ୍ୟ ପୁରୁଣାକାଳିଆ ପ୍ରଥାର ବିଲୋପ ଘଟିଲେ ଇସଲାମ ପ୍ରତି ବିପଦ ଆସିବ ଓ ମୁସଲମାନଙ୍କ ଅଧିକାରକୁ ଛଡ଼ାଇ ନିଆଯିବ ବୋଲି ଆପଣ କାହିଁକି ଭାବୁଛନ୍ତି ?

ସେହି ବ୍ୟକ୍ତିଜଣକ ମୋ ପ୍ରଶ୍ନର ଉତ୍ତର ଦେଇ ପାରି ନ ଥିଲେ। ତେଣୁ ଏହି ସଂପ୍ରଦାୟ ଯଦି ଅନ୍ଧକାର ଯୁଗରେ ରହିବାକୁ ଚାହେଁ, ତାହା କେବଳ ତଥାକଥିତ ମୁସଲମାନ ନେତାଙ୍କ ପାଇଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୋରାନ୍ କିମ୍ବା ହାଡ଼ିସ୍‌ରେ ତଲାକ ବ୍ୟବସ୍ଥା ନାହିଁ। କୋରାନରେ ଗୋଟିଏ ସ୍ଥାନରେ ସ୍ପଷ୍ଟ କୁହାଯାଇଛି ଯେ ଆଲ୍ଲା ନାପସନ୍ଦ କରୁଥିବା ବିଭିନ୍ନ କଥାର ତାଲିକାରେ ସବାଗ୍ରେ ରହିଛି ତଲାକ। ରସୁଲ କିମ୍ବା କୌଣସି ନବୀ ସେମାନଙ୍କ ପତ୍ନୀଙ୍କୁ ଛାଡ଼ପତ୍ର ଦେଇ ନ ଥିଲେ। ହଁ ଏକଥା ସତ ଯେ କୌଣସି ପ୍ରସଙ୍ଗରେ ପତ୍ନୀଙ୍କ ସହ ମତଭେଦ ହେଲେ ସେମାନେ ପତ୍ନୀମାନଙ୍କୁ ଅନ୍ୟ






ସ୍ଥାନକୁ ପଠାଇ ଦେଉଥିଲେ। ସେଠାରେ ସେମାନେ ଯେପରି ଭଲରେ ରହିପାରିବେ ସେଥିପାଇଁ ସମସ୍ତ ସୁବିଧା ଯୋଗାଉଥିଲେ। ସେମାନଙ୍କୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖାଯାଇ ଯତ୍ନ ନିଆଯାଉଥିଲା।

ବିବାହ, ଛାଡ଼ପତ୍ର ଓ ବିବାହ ବିଚ୍ଛେଦ ଜନିତ ପତ୍ନୀଙ୍କୁ ଭରଣପୋଷଣ ପ୍ରଦାନ ଆଦି ସୁବ୍ୟବସ୍ଥିତ ନୀତି ନିୟମର ଅଭାବରୁ ମୁସଲମାନ ମହିଳାମାନେ ଦୟନୀୟ ଜୀବନଯାପନ କରିଥାନ୍ତି। ମୁସଲମାନ ସଂପ୍ରଦାୟର ମହିଳାଙ୍କ ପ୍ରତି ମୁସଲମାନ ସମାଜର ମନୋଭାବ ଅତ୍ୟନ୍ତ ପାତରଅନ୍ତର ମୂଳକ। ଏବେ ପରିସ୍ଥିତିରେ ନିଶ୍ଚିତ ଉନ୍ନତି ଆସିବ। ଅଧିକାଂଶ ମୁସଲମାନ ପୁରୁଷ ତିନି ତଲାକ ସପକ୍ଷରେ ଥିବାବେଳେ ଏହି ସଂପ୍ରଦାୟର ମହିଳାମାନେ ଏହାର ଦୃଢ଼ ବିରୋଧ କରୁଛନ୍ତି।

ଭାରତୀୟ ମୁସଲମାନ ମହିଳା ଆନ୍ଦୋଳନ (ବିଏମ୍ଏମ୍ଏ) ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ୯୨.୧ ଶତାଂଶ ମୁସଲମାନ ମହିଳା ମୌଖିକ ଓ ତତ୍କାଳ ତଲାକର ବିରୋଧୀ ଏବଂ ଏହା ବିରୋଧରେ ସେମାନେ ସ୍ୱର ଉଠାଉଛନ୍ତି। ସର୍ବୋଚ୍ଚ ଅଦାଲତଙ୍କର ଏହି ଐତିହାସିକ ରାୟ ପରେ ଏହି ମୁସଲମାନ ମହିଳାଙ୍କ ଇଚ୍ଛା ପୂରଣ ହୋଇଛି। ଏ ନେଇ ବିଧିବଦ୍ଧ ଆଇନ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଅବଶ୍ୟ ଅପେକ୍ଷା କରିବାକୁ ପଡ଼ିବ।

ଏବେ ଅଦାଲତଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ସରକାରଙ୍କୁ ଏ ସଂକ୍ରାନ୍ତରେ ଏକ କଠୋର ଆଇନ ପ୍ରଣୟନ କରିବାକୁ ହେବ, ଯାହା ମୁସଲମାନ ମହିଳାଙ୍କ ଅଧିକାର ଓ ସ୍ୱାର୍ଥ ସୁରକ୍ଷିତ କରିବା ସହ ସେମାନଙ୍କ ଜୀବନରେ ଉନ୍ନତି ଆଣିବ। ଏଥିପାଇଁ ଛ'ମାସ ଅପେକ୍ଷାର ଯଥାର୍ଥତା କ'ଣ ? କେନ୍ଦ୍ର ସରକାର ନଭେମ୍ବରରୁ ଆରମ୍ଭ ହେଉଥିବା ସଂସଦର ଆଗାମୀ ଶୀତକାଳୀନ ଅଧିବେଶନରେ ଏ ସମ୍ପର୍କରେ ଏକ ବିଲ୍ ଆଣିବା ଉଚିତ। ଏହି ବିଲ୍‌କୁ ଆଇନର ରୂପ ଦେଇ ମୋଦି ସରକାର ମୁସଲମାନ ମହିଳାମାନଙ୍କୁ ସମାନ ସୁଯୋଗ ଓ ଅଧିକାର ପ୍ରଦାନ କରିବାକୁ ଦୃଢ଼ ସଂକଳ୍ପ।

**ଲେଖକ ରାଜ୍ୟସଭାର ଜଣେ ସଦସ୍ୟ ତଥା ହିନ୍ଦୁସ୍ଥାନ ସମାଚାର ସମ୍ବାଦ ସରବରାହ ସଂସ୍ଥାର ଅଧ୍ୟକ୍ଷ।**

# ଦାରିଦ୍ର୍ୟମୁକ୍ତ ଭାରତ ନିର୍ମାଣ

● ଅମରଜିତ ସିହ୍ନା

ଭାରତଛାଡ଼ ଆନ୍ଦୋଳନର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଉଦ୍‌ବୋଧନ ଦେବାବେଳେ ପ୍ରଧାନମନ୍ତ୍ରୀ ଭାରତରୁ ଦାରିଦ୍ର୍ୟ ଦୂର କରିବାକୁ ଆହ୍ୱାନ ଦେଇଛନ୍ତି। ୨୦୨୨ ସୁଦ୍ଧା ଭାରତକୁ ଦାରିଦ୍ର୍ୟମୁକ୍ତ କରିବାକୁ ଅଭିଯାନ ଆରମ୍ଭ କରିବାକୁ ପ୍ରଧାନମନ୍ତ୍ରୀ ଆଗ୍ରହୀ। ଭାରତକୁ ଦାରିଦ୍ର୍ୟରୁ ମୁକ୍ତ କରିବା ଏକ କଠିନ କାର୍ଯ୍ୟ। ଏ କାମଟି ଗ୍ରାମାଞ୍ଚଳରେ ଏତେ ସହଜ ନୁହେଁ। ଏହି ଲକ୍ଷ୍ୟ ହାସଲ ପାଇଁ କଠୋର ଶ୍ରମ ଓ ଉଦ୍ୟମ ଲୋଡ଼ା। ଦାରିଦ୍ର୍ୟର କାରଣ ଭିନ୍ନଭିନ୍ନ। ଅତଏବ ସବୁ ଦିଗକୁ ଛୁଇଁଲାଭଳି ମିଳିତ ପ୍ରୟାସ କରାଗଲେ ଏ କ୍ଷେତ୍ରରେ ସଫଳତା ମିଳିପାରେ। ଗ୍ରାମୀଣ ଭାରତରେ ୮କୋଟି ୮୫ ଲକ୍ଷ ପରିବାର ବାସ କରୁଛନ୍ତି ଯେଉଁମାନେ ବଞ୍ଚିତ ଏବଂ ଅତି ଦରିଦ୍ର। ଏମାନଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରି ସେମାନଙ୍କ ଦାରିଦ୍ର୍ୟ ଦୂର କରିବାକୁ ପଡ଼ିବ। ଗତ ଅଢ଼େଇ ବର୍ଷ ଧରି ଗ୍ରାମାଞ୍ଚଳରେ ଯେଉଁସବୁ ବିକାଶମୂଳକ ତଥା ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମମାନ ଚାଲୁଛି ତାହାର ପ୍ରଗତିକୁ ଦେଖିଲେ ଆତ୍ମବିଶ୍ୱାସ ସୃଷ୍ଟି ହୁଏ ଯେ ଦେଶରୁ ଗରିବୀ ଦୂର କରିବା ଅସମ୍ଭବ ନୁହେଁ।

ନିକଟରେ ଏଚ୍‌ଏସ୍‌ବିସି ପକ୍ଷରୁ କରାଯାଇଥିବା ଅନୁଧ୍ୟାନ ଅନୁସାରେ ୬୯ ଶତାଂଶ ଗ୍ରାମୀଣ ପରିବାର ମଧ୍ୟରୁ ଯେଉଁମାନେ ଏକ ହେକ୍ଟର ଜମିର ଅଧିକାରୀ କିମ୍ବା ଭୂମିହୀନ ସେମାନେ ଅଭାବ ଓ ଦାରିଦ୍ର୍ୟର ସମ୍ମୁଖୀନ। ଅବଶିଷ୍ଟ ଯେଉଁ ୩୧ ଶତାଂଶ ଗ୍ରାମୀଣ ପରିବାର ରହିଲେ ସେମାନଙ୍କ ଆର୍ଥିକ ସ୍ଥିତି ସାମାନ୍ୟ ଭଲ। ବାସ୍ତବ ମଜୁରି ବୃଦ୍ଧି ଓ ଗ୍ରାମାଞ୍ଚଳରେ ଅଣକୁଶଳୀ ବେକାରଙ୍କ ସଂଖ୍ୟା ହ୍ରାସ ଦୃଷ୍ଟିରୁ ବିଚାର କଲେ ଦେଖାଯାଏ ଯେ ମରୁଡ଼ି ତଥା ଅସୁବିଧା ସମୟରେ ମଧ୍ୟ ଗ୍ରାମାଞ୍ଚଳ ଲୋକଙ୍କୁ ଏବେ କାମଧନ୍ଦା ମିଳୁଛି। କୃଷିଜାତ ସାମଗ୍ରୀର ମୂଲ୍ୟ ହ୍ରାସ ସତ୍ତ୍ୱେ ସେମାନେ କିଛି କିଛି ରୋଜଗାର ମଧ୍ୟ ପାଉଛନ୍ତି। ଏହାର କାରଣ ହେଲା ଗ୍ରାମାଞ୍ଚଳରେ ଯେଉଁସବୁ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛଛି ତା'ଦ୍ୱାରା ଗରିବ ଲୋକେ ଉପକୃତ ହେଉଛନ୍ତି। ଇରମା ପକ୍ଷରୁ କରାଯାଇଥିବା ଦୀନଦୟାଲ ଗ୍ରାମୀଣ ଜୀବିକା ମିଶନର ମୂଲ୍ୟାୟନ ଅନୁସାରେ ଗ୍ରାମୀଣ ଶ୍ରମଜୀବୀ ଓ ଖଟିଖିଆଙ୍କ ମଜୁରି ୨୨ ଶତାଂଶ ବଢ଼ିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଉତ୍ସ କ୍ଷେତ୍ରରେ ଅଧିକ ପାଣ୍ଠି ବିନିଯୋଗ ଏବଂ ସ୍ୱୟଂସହାୟକ ଗୋଷ୍ଠୀଙ୍କ ସକ୍ରିୟ ସହଯୋଗ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏଥିରୁ ଜଣାପଡୁଛି ଯେ ଜୀବିକାର ବିବିଧାୟନ ତଥା ବିକାଶରେ ସାମାଜିକ ପୁଞ୍ଜିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହୁଛି ଏବଂ ଏହାଦ୍ୱାରା ଗ୍ରାମାଞ୍ଚଳ ଲୋକେ ଉପକୃତ ହେବା ସହ ରୋଜଗାର ମଧ୍ୟ ପାଉଛନ୍ତି। ତେଣୁ ଦାରିଦ୍ର୍ୟ ଦୂରୀକରଣ ବାଟ ମିଳିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଗ୍ରାମ୍ୟ ଉନ୍ନୟନ ବିଭାଗ ସରକାରୀ କାର୍ଯ୍ୟକ୍ରମର ଏକ ପ୍ରମୁଖ ଉତ୍ସ। ନିଯୁକ୍ତି, ଦକ୍ଷତା ବିକାଶ, ସାମାଜିକ ନିରାପତ୍ତା, ଜୀବିକାର ବିବିଧାୟନ, ସଡ଼କ ନିର୍ମାଣ, ଜଳ ସଂରକ୍ଷଣ, କଠିନ ଓ ତରଳ ସମ୍ପଦର ପରିଚାଳନା ଆଦି ଏହାର ଅନ୍ତର୍ଭୁକ୍ତ। ଏହା ସହିତ ଅନ୍ୟାନ୍ୟ କ୍ଷେତ୍ର ଯଥା ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିସାଧନ, ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମକୁ ଯଦି ମିଳିତ ଭାବେ କାର୍ଯ୍ୟକାରୀ କରାଯାଆନ୍ତା ତାହା ଗ୍ରାମାଞ୍ଚଳର ଦରିଦ୍ର ଲୋକଙ୍କ ସ୍ଥିତିରେ ଅପେକ୍ଷାକୃତ କମ୍ ସମୟରେ ଉନ୍ନତି ଆଣିପାରନ୍ତା। ଦାରିଦ୍ର୍ୟରୁ ମୁକ୍ତିର ଅର୍ଥ ହେଲା ନିର୍ଦ୍ଧନ ଓ ବଞ୍ଚିତ ଲୋକଙ୍କୁ ସାମାଜିକ ସୁଯୋଗ ସୃଷ୍ଟି କରି ସେମାନଙ୍କୁ ରୋଜଗାର ଯୋଗାଇଦେବା। ରୋଜଗାର ପାଇଲେ ଆପଣାଛାଏଁ ସେମାନଙ୍କ ଦାରିଦ୍ର୍ୟ ଦୂର ହେବ। ତେଣୁ ଦାରିଦ୍ର୍ୟରୁ ମୁକ୍ତିର ଅର୍ଥ ହେଲା ଶିକ୍ଷା, ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା, ସ୍ୱଚ୍ଛ ପାନୀୟଜଳ, ପୁଷ୍ଟିସାଧନ, ଖାଦ୍ୟ ନିରାପତ୍ତା, ସଶକ୍ତୀକରଣ,






ଯୋଗାଯୋଗ, ଜୀବିକା, ଆବାସ ସୁଯୋଗ ଓ ଲିଙ୍ଗଗତ ତଥା ସାମାଜିକ ସମତା ମାଧ୍ୟମରେ ଜଣକର ଦକ୍ଷତାର ପୂର୍ଣ୍ଣ ବିକାଶ ଘଟାଇ ଗରିବଙ୍କୁ ରୋଜଗାରକ୍ଷମ କରାଇବା। ମାନବିକ ଦକ୍ଷତାର ବିକାଶ ସହିତ ଦାରିଦ୍ର୍ୟ ଦୂରୀକରଣ ଜଡ଼ିତ।

ଦାରିଦ୍ର୍ୟମୁକ୍ତ ଗ୍ରାମପଞ୍ଚାୟତ ନିର୍ମାଣର ଯେଉଁ ପ୍ରୟାସ ଚାଲିଛି ସେଥିରେ ଲୋକଙ୍କ ଦକ୍ଷତାବିକାଶ ସହିତ, ସ୍ଥାୟୀ ନିରନ୍ତର ରୋଜଗାର ଉତ୍ସ ସୃଷ୍ଟି ଅଗ୍ରାଧିକାର ପାଇଛି। ଲୋକଙ୍କୁ କେବଳ ଚାଷବାସ ନୁହେଁ, ବିଭିନ୍ନ କ୍ଷେତ୍ରରେ ରୋଜଗାର ଓ ଜୀବିକା ଯୋଗାଇବାର ପରିକଳ୍ପନା କରାଯାଇଛି। ଏହାଦ୍ୱାରା ଦାରିଦ୍ର୍ୟର ବିବିଧତାର ସଫଳ ମୁକାବିଲା କରାଯାଇପାରିବ। ଅନ୍ତ୍ୟୋଦୟ ମିଶନ ଏଭଳି ଏକ କାର୍ଯ୍ୟକ୍ରମ ଯାହାଦ୍ୱାରା ଲୋକଙ୍କୁ ବିବିଧ କ୍ଷେତ୍ରରେ ଜୀବିକା ସୁଯୋଗ ଯୋଗାଇଦେବାର ପ୍ରୟାସ କରାଯାଉଛି।

ଦାରିଦ୍ର୍ୟମୁକ୍ତ ଗ୍ରାମପଞ୍ଚାୟତ ଗଠନ ଆଭିମୁଖ୍ୟର ପ୍ରାସଙ୍ଗିକତା କ'ଣ? ଏହା ସମ୍ଭବ କି ? ସାମାଜିକ-ଅର୍ଥନୈତିକ ଓ ଜାତିଗତ ଜନଗଣନା ୨୦୧୧ର ତଥ୍ୟ ଦାରିଦ୍ର୍ୟର ବିବିଧ ରୂପ ଓ କାରଣ ସମ୍ପର୍କରେ ଆଲୋକପାତ କରେ। ସମ୍ପତ୍ତି ବା ସମ୍ବଳର ଅଭାବ,



ସ୍ୱଳ୍ପ ମଜୁରିରେ ନିଯୁକ୍ତି ସୁଯୋଗ, ନିଯୁକ୍ତିର ସୁଯୋଗ ଆଦୌ ନ ମିଳିବା, ଶିକ୍ଷାର ଅଭାବ, ଦକ୍ଷତାର ଅଭାବ, ଲିଙ୍ଗଗତ ଓ ସାମାଜିକ ଅସମତା, ସ୍ଥାୟୀ ଜୀବିକାର ଅଭାବ, ଉପଯୁକ୍ତ ବାସସ୍ଥାନର ଅଭାବ, ବିଶୁଦ୍ଧ ପାନୀୟଜଳ ଓ ପରିଚ୍ଛନ୍ନତାର ଅଭାବ ଆଦି ଦାରିଦ୍ର୍ୟ ପାଇଁ ଦାୟୀ। ସେହିଭଳି ଶାରୀରିକ ଅକ୍ଷମତା, ବ୍ୟାଧି, ପରିବାରର ରୋଜଗାରକ୍ଷମ ବ୍ୟକ୍ତିର ଶାରୀରିକ ଅକ୍ଷମତା, ବ୍ୟାଧି କିମ୍ବା ମୃତ୍ୟୁ, ରୋଜଗାର ପାଇଁ ପରିବାରରେ ସମର୍ଥ ବ୍ୟକ୍ତିଙ୍କ ଅଭାବ ଆଦି କାରଣରୁ ମଧ୍ୟ ଦାରିଦ୍ର୍ୟ ସୃଷ୍ଟି ହୁଏ। ଏସବୁ ବିବିଧ ସମସ୍ୟାର ସମାଧାନ କରାଯାଇପାରିଲେ ଭାରତ ଗରିବୀମୁକ୍ତ ହୋଇପାରିବ।



ଦାରିଦ୍ର୍ୟମୁକ୍ତ ପଞ୍ଚାୟତ ଗଠନର ଯେଉଁ ପ୍ରୟାସ ଚାଲିଛି ତାହାକୁ ସଫଳ କରିବାରେ ଏହି ଜନଗଣନା ତଥ୍ୟାବଳୀ ବିଶେଷ ସହାୟକ ହୋଇପାରିବ। ଏହି ତଥ୍ୟକୁ ଆଧାର କରି ପଞ୍ଚାୟତ ଗରିବ ଲୋକ ଏବଂ ସେମାନଙ୍କ ଦାରିଦ୍ର୍ୟର କାରଣ ସହଜରେ ନିର୍ଣ୍ଣୟ କରିପାରିବ। ତଦନୁସାରେ ସାମାଜିକ-ଆର୍ଥିକ କାର୍ଯ୍ୟକ୍ରମମାନ ହାତକୁ ନେଇ ସେହି ଦରିଦ୍ରମାନଙ୍କୁ ରୋଜଗାର ଦେଲେ ସେମାନଙ୍କ ଦାରିଦ୍ର୍ୟ ଦୂର ହେବ। ପଞ୍ଚାୟତ ସ୍ତରରେ ଜୀବିକାର ବିବିଧାୟନ ପାଇଁ ଉଭୟ ସରକାରୀ ଓ ବେସରକାରୀ ପ୍ରୟାସ ଲୋଡ଼ା। ମିଳିତ ପ୍ରୟାସରେ ଆର୍ଥିକ କାର୍ଯ୍ୟକ୍ରମ ଓ ପେସାଗତ କାରବାର ବଢ଼ିଲେ ବଜାର ସୃଷ୍ଟି ହେବ। ବଜାର ପାଇଁ ଉତ୍ପାଦନ, ଉପଭୋଗ, ମୂଲ୍ୟ ଶୃଙ୍ଖଳା, ମାନକୀକରଣ ଓ ଉତ୍ପାଦିତ ସାମଗ୍ରୀର ଉନ୍ନତି ବିଧାନ ଲୋଡ଼ା।



ଦେଶରେ ଗତ ଅଢ଼େଇବର୍ଷ ଧରି ଚାଲିଥିବା ଅନ୍ତ୍ୟୋଦୟ ମିଶନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାଜ୍ୟ ସରକାର ଏବଂ ସ୍ଥାନୀୟ ନିର୍ବାଚିତ ସଂସ୍ଥାଗୁଡ଼ିକର ସହଯୋଗରେ ଏଭଳି କିଛି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଯାହାର ସୁଫଳ ମିଳୁଛି। ଅନେକ ରାଜ୍ୟ ଏହାଦ୍ୱାରା ଅନ୍ତ୍ୟୋଦୟ ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମକୁ ସାମିଲ କରି ଗ୍ରାମାଞ୍ଚଳରୁ ଗରିବୀ ଦୂର କରିବା ଦିଗରେ ଯଥେଷ୍ଟ ସଫଳ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଯେଉଁ ପ୍ରମୁଖ ୧୨ଟି କ୍ଷେତ୍ରରେ ହସ୍ତକ୍ଷେପ କରିବାର ବ୍ୟବସ୍ଥା କରିଛି ତାହା ପ୍ରକୃତରେ ସ୍ଥିତି ବଦଳାଇବାରେ ସହାୟକ ହୋଇଛି। ସେ ସମ୍ପର୍କରେ ଆସନ୍ତୁ ଆଲୋଚନା କରିବା।

**୧) ଦରିଦ୍ରଙ୍କୁ ଠାବ କରିବାରେ ୨୦୧୧ ସାମାଜିକ-ଅର୍ଥନୈତିକ ଜନଗଣନା ତଥ୍ୟର ସହାୟତା:**

ଗ୍ରାମାଞ୍ଚଳର ଦରିଦ୍ରଙ୍କୁ ୨୦୧୧ ଜାତିଗତ, ସାମାଜିକ ଓ ଅର୍ଥନୈତିକ ଜନଗଣନା ତଥ୍ୟ ଅନୁସାରେ ଚିହ୍ନଟ କରାଯାଉଛି। ଫଳରେ କାହାର ଦାରିଦ୍ର୍ୟ କି ପ୍ରକାରର ତାହା ନିର୍ଦ୍ଧାରଣ ସହଜ ହେଉଛି। ତଦନୁସାରେ କେଉଁ ଶ୍ରେଣୀର ଦରିଦ୍ରଙ୍କୁ କିପରି ସହାୟତା ଓ ସୁଯୋଗ ସୁବିଧା ମିଳିବା ଦରକାର ତାହାର ତାଲିକା କରିବା ସହଜ ହେଉଛି।

ଯେଉଁମାନେ ଗ୍ରାମ ସଭାର ଗରିବ ତାଲିକାରୁ କୌଣସି କାରଣରୁ ବାଦ୍ ପଡୁଛନ୍ତି ସେମାନଙ୍କୁ ଜନଗଣନା ତଥ୍ୟ ଓ ପରିସଂଖ୍ୟାନ ଆଧାରରେ ଚିହ୍ନଟ କରି ସରକାରୀ କାର୍ଯ୍ୟକ୍ରମର ସୁଯୋଗ ସୁବିଧା ଯୋଗାଇବା ସମ୍ଭବ ହେଉଛି। ଏ ନେଇ ବିବାଦ ବା ପ୍ରିୟାପ୍ରୀତି ତୋଷଣର ଅବକାଶ ରହୁନାହିଁ। ଏହା ଫଳରେ ଭ୍ରମ ସଂଶୋଧନ ପ୍ରକ୍ରିୟା ସହଜ ଏବଂ ସରଳ ହୋଇଛି। ପ୍ରକୃତ ଗରିବଙ୍କ ପରିସଂଖ୍ୟାନ ମିଳିବା ସହଜ ହୋଇଥିବାରୁ ଏହି ପରିସଂଖ୍ୟାନ ଭିତ୍ତିରେ ସେମାନଙ୍କ ପାଇଁ ବଜେଟ ପ୍ରସ୍ତୁତ ସୁଗମ ହୋଇଛି। ସରକାରଙ୍କ ବିଭିନ୍ନ ରୋଜଗାର କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରିବାରେ ଆଉ କୌଣସି ବିଭ୍ରାନ୍ତି ରହୁନାହିଁ। ଚିହ୍ନଟ ଗରିବଙ୍କୁ ସରକାର ଯୋଗାଉଥିବା ବିଭିନ୍ନ ଲାଭ, ଆର୍ଥିକ ସୁବିଧା ଓ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯାଉଛି ଏବଂ ସେମାନଙ୍କର ଏକ ଡାଟାବେସ୍ ତିଆରି ହୋଇପାରିଛି। ଏହା ଫଳରେ ସରକାରୀ ଅର୍ଥର ବାଟମାରଣା ଓ ଦୁରୂପଯୋଗ ବନ୍ଦ ହୋଇଛି। ରୋଜଗାର ପାଉଥିବା ଗରିବଙ୍କ ଆର୍ଥିକ ସ୍ଥିତିର ଆକଳନ କରିବା ଏହାଦ୍ୱାରା ସହଜ ହୋଇପାରିଛି। ସରକାର ମଧ୍ୟ ବିଭିନ୍ନ ଯୋଜନାର ସଫଳତା ବିଫଳତା ବିଷୟରେ ଜାଣିବାର ଅବକାଶ ପାଉଛନ୍ତି।

**୨) ପରିମାଣାତ୍ମକ ହସ୍ତକ୍ଷେପ:**

ଗ୍ରାମୀଣ ଭାରତରେ ବିଶାଳ ଜନସମୁଦାୟ ବସବାସ କରୁଛନ୍ତି। ସାରାଦେଶରେ ୧୦ଲକ୍ଷରୁ ଅଧିକ ଗାଁ ଓ ବସତି ରହିଛି। ସେଥିରେ ଗରିବ ଲୋକଙ୍କ ସଂଖ୍ୟା ବହୁ ଅଧିକ। ଏହାର ପ୍ରକୃତ ସ୍ଥିତି ଜାଣିବା ପାଇଁ ପରିମାପକ ବା ଗଣନାର ଆବଶ୍ୟକତା ରହିଛି। ସେହି ଗଣନା ପୁଣି ଠିକ୍ ଏବଂ ତଥ୍ୟ ଆଧାରିତ ହେବା ଦରକାର। ଏଥିରେ ସରକାରଙ୍କ ହସ୍ତକ୍ଷେପ ଅପରିହାର୍ଯ୍ୟ। କେନ୍ଦ୍ରସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ପ୍ରତିବର୍ଷ ବଜେଟରେ ଏବାବଦରେ ବ୍ୟୟ ବରାଦ ବଢୁଛି। ଯେତେ ଅର୍ଥ ବରାଦ ହେଉଛି ତାହା ପ୍ରକୃତରେ ଖର୍ଚ୍ଚ ହେଉଛି କି ନାହିଁ ତାହାର ହିସାବ ଓ ମୂଲ୍ୟାୟନର ଆବଶ୍ୟକତା ମଧ୍ୟ ରହିଛି। ୨୦୧୭-୧୮ବର୍ଷରେ ଗ୍ରାମ୍ୟ ଉନ୍ନୟନ ପାଇଁ ବଜେଟରେ ୧.୦୫ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ୨୦୧୨-୧୩ ତୁଳନାରେ ଏହା ଦୁଇଗୁଣ। ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ ସମଗ୍ର ଗ୍ରାମ ପଞ୍ଚାୟତ ପାଇଁ ୨୫ ହଜାର କୋଟିରୁ ୩୫ହଜାର କୋଟିର ଅର୍ଥ କେନ୍ଦ୍ରସରକାର ପ୍ରତିବର୍ଷ ଯୋଗାଇଦେଉଛନ୍ତି। ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସମୂହଙ୍କୁ ୨୦୧୫ ରୁ ୧୭ ମଧ୍ୟରେ ୭୦ହଜାର କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଜୀବନଜୀବିକା କାର୍ଯ୍ୟକ୍ରମ, ଗୋପାଳନ ଓ କୁକୁଡ଼ାପାଳନ ଆଦି ପାଇଁ ହିତାଧିକାରୀଙ୍କୁ ରିଆତି ହାରରେ କେନ୍ଦ୍ର ଅର୍ଥ ସହାୟତା ପ୍ରଦାନ କରୁଛି। ଗରିବ ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଜନାରେ ସରକାର ଶସ୍ତାରେ ଚାଉଳ/ଗହମ ଦେଇ ବିପୁଳ ସବ୍‌ସିଡି ବହନ କରୁଛନ୍ତି। ଏସବୁ ଅର୍ଥ ଯଦି ସମ୍ମିଳିତ ଭାବେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟରେ ବିନା ଅପଚୟରେ ଖର୍ଚ୍ଚ ହୁଅନ୍ତା ତେବେ ଗ୍ରାମାଞ୍ଚଳ ଲୋକଙ୍କ ଜୀବନଜୀବିକାରେ ଏକ ବଡ଼ଧରଣର ପରିବର୍ତ୍ତନ ଆସିପାରନ୍ତା। ୨୦୧୨ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ କୋଟି ଗରିବ ଲୋକଙ୍କୁ ଘର ଯୋଗାଣ, ସବୁ ଯୋଗ୍ୟ ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପକ୍କା ରାସ୍ତା ଏବଂ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବାର୍ଷିକ ସ୍ୱଳ୍ପ ସୁଧରେ ୬୦ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଣ ବ୍ୟବସ୍ଥା ଯଦି ବାସ୍ତବରେ ସଫଳ ହୁଏ ତେବେ ଆମ ଗାଁ ଗଣ୍ଡାର ଚିତ୍ର ଓ ଗରିବ ଲୋକଙ୍କ ଆର୍ଥିକ ସ୍ଥିତି ଅବଶ୍ୟ ବଦଳିଯିବ।





**୩) ଜଳସଂରକ୍ଷଣ ଓ ଜୀବନଜୀବିକା ନିରାପତ୍ତା:** ଜଳସଂରକ୍ଷଣ ଓ ଏହାର ସୁବିନିଯୋଗ ଗୋଟିଏ ଗାଁର ସଫଳତା ଓ ସମୃଦ୍ଧିରେ ମାପକାଠି। ଏହା କୃଷି କ୍ଷେତ୍ରର ଭାଗ୍ୟ ନିର୍ଦ୍ଧାରଣ କରେ ଏବଂ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଏ। ତାହାକୁ ଦୃଷ୍ଟିରେ ରଖି ଏମ୍‌ଜିନରେଗା କାର୍ଯ୍ୟକ୍ରମରେ ୬୦ଶତାଂଶ ଅର୍ଥ କୃଷି ଓ ତତ୍‌ସଂଲଗ୍ନ କ୍ଷେତ୍ର ପାଇଁ ବ୍ୟୟ କରାଯାଉଛି। ୨୦୧୫ରେ ପ୍ରଧାନମନ୍ତ୍ରୀ ୧୩ଟି ମରୁଡ଼ି ପ୍ରପୀଡ଼ିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ ଡକାଇ ଜଳସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏଥିପାଇଁ କେନ୍ଦ୍ର ଆବଶ୍ୟକ ଅର୍ଥ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲା। ଏହାର ସୁଫଳ ମିଳିଛି। ସଂପୃକ୍ତ ରାଜ୍ୟ ସମୂହ ନିଜର ଆବଶ୍ୟକତା ଓ ପରିବେଶ ପରିସ୍ଥିତିକୁ ଦେଖି ନାନା ପ୍ରକାର ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏହାଦ୍ୱାରା ପାଞ୍ଚବର୍ଷରେ ୨୩୫ କୋଟି ଶ୍ରମ ଦିବସ ଏମ୍‌ଜିନରେଗାରେ ସୃଷ୍ଟି ହୋଇପାରିଥିଲା। ଜଳସଂରକ୍ଷଣ ଓ ସେଚ ଯୋଜନା ମଧ୍ୟ ସଫଳ ହୋଇପାରିଥିଲା। ସେହିଭଳି ଜୀବନଜୀବିକା କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ହିତାଧିକାରୀଙ୍କୁ ମାଛ ଚାଷ, କୁକୁଡ଼ା ଓ ଛେଳି ପାଳନ, ଗୋପାଳନର ସୁବିଧା ଯୋଗାଇ ଦିଆଯିବା ଫଳରେ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆସିଥିଲା। ଏହାଛଡ଼ା ଦେଶଣ ୨୨୬୪ ଜଳକ୍ଲିଷ୍ଟ ବ୍ଲକରେ ନୂଆ ଜ୍ଞାନକୌଶଳର ଉପଯୋଗ କରାଯାଇ ଚାଷବାସ ନିମନ୍ତେ ପାଣିର ବ୍ୟବସ୍ଥା କରାଯାଇପାରିଛି।

**୪) ନାଗରିକଙ୍କୁ ସଂପୃକ୍ତି ଓ ଦାୟିତ୍ୱବୋଧ ବୃଦ୍ଧି :**

ଗ୍ରାମାଞ୍ଚଳର ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ସମୂହକୁ ଲୋକସ୍ୱାର୍ଥ ଭିତ୍ତିକ କରି ଏଥିରେ ନାଗରିକମାନଙ୍କୁ ଅଧିକରୁ ଅଧିକ ଯୋଡ଼ିବା ଏବଂ ଉତ୍ତରଦାୟିତ୍ୱରେ ଉନ୍ନତି ଆଣିବାକୁ ସରକାର ଏବେ ଗୁରୁତ୍ୱ ଦେଉଛନ୍ତି। କ୍ଲଷ୍ଟର ବା ପୁଞ୍ଜ ତଥା ପଞ୍ଚାୟତ ସ୍ତରର ସୁବିଧା ପ୍ରଦାନକାରୀ ଦଳଙ୍କୁ ଏଥିପାଇଁ ବ୍ୟବହାର କରାଯାଇ ଅନଗ୍ରସର ବ୍ଲକ ଚିହ୍ନଟ କରି ସେଠାରେ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକ୍ରିୟାରେ ୨୫୬୯ ଅନଗ୍ରସର ବ୍ଲକକୁ ଚିହ୍ନଟ କରାଯାଇ ଯୋଜନା ପ୍ରସ୍ତୁତ ହୋଇଛି। ଏସବୁ ବ୍ଲକର ପ୍ରତ୍ୟେକ ଗରିବ ପରିବାରକୁ ଚିହ୍ନଟ କରାଯାଇ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ଉଦ୍ୟମ ହେଉଛି। 'ମୋ ସଡ଼କ' ଆପ୍‌ର ଉପଯୋଗ କରାଯାଇ ହିତାଧିକାରୀଙ୍କ ମତାମତ ସଂଗ୍ରହ କରାଯାଉଛି।



ଜଳସଂରକ୍ଷଣ ଓ ଏହାର ସୁବିନିଯୋଗ ଗୋଟିଏ ଗାଁର ସଫଳତା ଓ ସମୃଦ୍ଧିରେ ମାପକାଠି। ଏହା କୃଷି କ୍ଷେତ୍ରର ଭାଗ୍ୟ ନିର୍ଦ୍ଧାରଣ କରେ ଏବଂ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଏ। ତାହାକୁ ଦୃଷ୍ଟିରେ ରଖି ଏମ୍‌ଜିନରେଗା କାର୍ଯ୍ୟକ୍ରମରେ ୬୦ଶତାଂଶ ଅର୍ଥ କୃଷି ଓ ତତ୍‌ସଂଲଗ୍ନ କ୍ଷେତ୍ର ପାଇଁ ବ୍ୟୟ କରାଯାଉଛି। ୨୦୧୫ରେ ପ୍ରଧାନମନ୍ତ୍ରୀ ୧୩ଟି ମରୁଡ଼ି ପ୍ରପୀଡ଼ିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ ଡକାଇ ଜଳସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏଥିପାଇଁ କେନ୍ଦ୍ର ଆବଶ୍ୟକ ଅର୍ଥ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲା। ଏହାର ସୁଫଳ ମିଳିଛି।

ବିଭିନ୍ନ ପଞ୍ଚାୟତରେ ଲୋକ ସମ୍ପର୍କ ଓ ସୂଚନା ସମାବେଶ ଜରିଆରେ ଲୋକଙ୍କୁ ସଚେତନ କରିବା କାର୍ଯ୍ୟ ହାତକୁ ନିଆଯାଇଛି। ଏହା ସହିତ ୨୦୧୭ ଅକ୍ଟୋବର ଏକରୁ ପନ୍ଦର ତାରିଖ ପର୍ଯ୍ୟନ୍ତ ଗ୍ରାମ ସମୃଦ୍ଧି ଓ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି। ବିଭିନ୍ନ ସରକାରୀ ଯୋଜନା, ଏହାର ଖର୍ଚ୍ଚ ଅଟକଳ, ବ୍ୟୟ ଏବଂ ଅନ୍ୟାନ୍ୟ ତଥ୍ୟାବଳୀ ପଞ୍ଚାୟତ ଦପ୍ତରରେ ଲୋକଙ୍କ ସମୀକ୍ଷା ପାଇଁ ଉପସ୍ଥାପିତ କରାଯାଉଛି। ସବୁ ସରକାରୀ କାର୍ଯ୍ୟକ୍ରମର ସାମାଜିକ ଅଡିଟ୍ ପାଇଁ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ଏଥିପାଇଁ ସେମାନଙ୍କୁ ଆବଶ୍ୟକ ତାଲିମ ମଧ୍ୟ ପ୍ରଦାନ କରାଯାଉଛି। ଏହି ଅଡିଟର୍ ମାନ ସିଏଜି ନିର୍ଦ୍ଧାରଣ କରିଛନ୍ତି।


**୫) କାର୍ଯ୍ୟକ୍ରମ ରୂପାୟନରେ ସ୍ୱଚ୍ଛତା ପାଇଁ ଆଧୁନିକ ଜ୍ଞାନକୌଶଳର ଉପଯୋଗ:**

ଗ୍ରାମାଞ୍ଚଳ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଅଗ୍ରାଧିକାର ପାଇଛି। ଏଥିରେ ଖର୍ଚ୍ଚ ହେଉଥିବା ଅର୍ଥର ଦୁରୁପଯୋଗ ଓ ଦୁର୍ନୀତିକୁ ରୋକିବା ଅଗ୍ରପ୍ରାଧାନ୍ୟ ଲାଭ କରିଛି। ସବୁ ଆର୍ଥିକ ଦେୟ ଆଇଟି / ଡିବିଟି ଜରିଆରେ ହିତାଧିକାରୀଙ୍କ ବ୍ୟାଙ୍କ/ ଡାକଘର ଖାତାକୁ ସିଧାସଳଖ ଯାଉଛି। ଏମ୍‌ଜିନରେଗାର ୯୮ ଶତାଂଶ ମଜୁରି ଓ ପିଏମ୍‌ଏୱାଇ ଗ୍ରାମୀଣ ଯୋଜନାର ଶତପ୍ରତିଶତ ଦେୟ ଆଇଟି/ଡିବିଟି ପ୍ଲାଟଫର୍ମରେ ରହୁଛି। ପ୍ରାୟ ୬କୋଟି ଏମ୍‌ଜିନରେଗା ଶ୍ରମିକ ବର୍ତ୍ତମାନ ସୁଦ୍ଧା ଆଧାର ସମ୍ପୃକ୍ତ ବ୍ୟାଙ୍କ ଖାତା ପାଇଛନ୍ତି। ଏଥିପାଇଁ ସେମାନଙ୍କ ମତାମତ ନିଆଯାଇ ଏହାକୁ କାର୍ଯ୍ୟକାରୀ କରାଯାଇଛି। ପଞ୍ଚାୟତ ସ୍ତରରେ କ୍ଷୁଦ୍ର ଏଟିଏମ୍ ଜରିଆରେ ଶ୍ରମିକମାନଙ୍କୁ ଅର୍ଥ ପ୍ରଦାନର ବ୍ୟବସ୍ଥା ହୋଇଛି। ଏଥିରେ ବ୍ୟାଙ୍କ ପ୍ରତିନିଧି ବା ବ୍ୟାଙ୍କ ସାଥି ସହଯୋଗ କରୁଛନ୍ତି। ଏହାଦ୍ୱାରା ଡିଜିଟାଲ କାରବାର ସହଜ ହୋଇଛି।

**୬) ସ୍ୱଚ୍ଛତା ପରଖିବା ପାଇଁ ମହାକାଶ ଜ୍ଞାନକୌଶଳ:**

ମହାକାଶ ଜ୍ଞାନ କୌଶଳ ଜରିଆରେ ଦୂର ସମ୍ବେଦୀ ବିଦ୍ୟାର ଉପଯୋଗ କରାଯାଇ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟର ସ୍ଥିତି ଆକଳନ କରାଯାଉଛି। ଏମ୍‌ଜିନରେଗା କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହେଉଥିବା ପ୍ରାୟ ୨ କୋଟି ପ୍ରକଳ୍ପକୁ ଜିଓ ସଂଯୁକ୍ତ (ଜିଓଟ୍ୟାଗ) କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶତପ୍ରତିଶତ ହିତାଧିକାରୀଙ୍କୁ





ଜିଓଟ୍ୟାଗ କରାଯାଇ ସେମାନଙ୍କ ଘରର ମୂଳ ସ୍ଥିତି, ନୂଆ ଘର ନିର୍ମାଣ, ଏହାର ପ୍ରଗତି ଓ ମାନ ଆଦି ଅନୁଧ୍ୟାନ କରାଯାଉଛି। ଏହି ଜିଓଟ୍ୟାଗକୁ ଯେକୌଣସି ଲୋକ ତଦାରଖ କରିପାରିବ। ଏହି ଜ୍ଞାନକୌଶଳ ଉପଯୋଗର ଲାଭ ହେଲା ଯେ ଏଥିରେ କାମରେ ଠକେଇ, ଦୁର୍ନୀତି ଓ ଜାଲିଆତି ସମ୍ଭାବନା କ୍ଷୀଣ।

**୭) ଜୀବନଜୀବିକାର ବିବିଧାୟନ ପାଇଁ ବ୍ୟାଙ୍କ ଋଣ:**

ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ଗ୍ରାମ୍ୟ ଜୀବିକା ମିଶନ ମାଧ୍ୟମରେ ଗୋଷ୍ଠୀଗତ ପ୍ରୟାସ ଓ ଗୋଷ୍ଠୀ ଗଠନ ଦ୍ୱାରା ପର୍ଯ୍ୟାପ୍ତ ସାମାଜିକ ପୁଞ୍ଜି ସୃଷ୍ଟି ହେବା ପରେ ଏବେ କେବଳ ଚାଷ ବାସ ଉପରେ ଗୁରୁତ୍ୱ ନ'ଦେଇ ଜୀବିକାର ବିବିଧାୟନକୁ ଗୁରୁତ୍ୱ ଦେବାର ସମୟ ଆସିଛି। ସରକାର ମଧ୍ୟ ଏ ଦିଗରେ ଠିକଣା ପଦକ୍ଷେପ ନେଉଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ଅର୍ଥନୈତିକ କାର୍ଯ୍ୟକଳାପ ବଢୁଥିବାରୁ ଏବଂ ଲୋକଙ୍କୁ ରୋଜଗାର ମିଳୁଥିବାରୁ ଏହି ବ୍ୟବସ୍ଥାରେ ବ୍ୟାଙ୍କ ଋଣ ଯୋଗାଣ ଅଗ୍ରାଧିକାର ପାଇଛି। ସ୍ୱଳ୍ପ ସୁଧରେ ଗୋଷ୍ଠୀ ଓ ବ୍ୟକ୍ତିବିଶେଷଙ୍କୁ ଋଣ ଦିଆଯାଉଛି। ଏଥିରେ ଋଣ ଯୋଗାଣ ବ୍ୟବସ୍ଥାକୁ ଆନୁଷ୍ଠାନିକ ରୂପ ଦିଆଯାଇଛି। ଏ କ୍ଷେତ୍ରରେ ସରକାରୀ ଅନୁମୋଦିତ କାର୍ଯ୍ୟକ୍ରମ ପାଇଁ ଆନୁଷ୍ଠାନିକ ଋଣ ଯୋଗାଣ ବ୍ୟବସ୍ଥା କରାଯାଇଛି। ହିତାଧିକାରୀମାନଙ୍କୁ ଏଯାବତ୍ ୪୩ହଜାର କୋଟି ଟଙ୍କାର କୋହଳ ହାରର ଋଣ ଯୋଗାଇଦିଆଯାଇଛି। ୨୦୧୮-୧୯ସୁଦ୍ଧା ଏହି ଋଣ ପରିମାଣ ୬୦ହଜାର ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି। ସ୍ୱୟଂସହାୟକ ଗୋଷ୍ଠୀ ଓ ବ୍ୟକ୍ତିଗତ ଉଦ୍ୟମୀଙ୍କ ପାଇଁ ମଧ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଏହା ସହିତ ଯୋଡ଼ା ଯାଇ ସେମାନଙ୍କୁ ସଫଳ କରିବାକୁ ଉଦ୍ୟମ ହେଉଛି।

**୮) ନିର୍ମାଣ ଉପରେ ଗୁରୁତ୍ୱ ଓ ନୂଆ ଟେକ୍‌ନୋଲୋଜିର ବ୍ୟବହାର:**

ଗ୍ରାମାଞ୍ଚଳରେ ସଡ଼କ ନିର୍ମାଣ ଓ ରାସ୍ତା ସଂଯୋଗ କାର୍ଯ୍ୟକ୍ରମ ଫଳରେ ଜୀବିକା ବିକାଶ ଯୋଜନା ଉପକୃତ ହୋଇଛି। ଏହା ଉତ୍ତମ ବଜାର ବ୍ୟବସ୍ଥା, ତ୍ୱରିତ ପରିବହନ ଓ ଅନ୍ୟାନ୍ୟ ସୁବିଧା ଯୋଗାଇଛି। ଦିନ ମଜୁରିଆମାନେ ମଧ୍ୟ କାମ ମିଳୁଥିବା ଦୂର ସ୍ଥାନକୁ ସହଜରେ ଶୀଘ୍ର ଯାଇପାରୁଛନ୍ତି ଏବଂ ସେମାନଙ୍କର ରୋଜଗାର ସୁବିଧା ବଢ଼ିଛି। ସରକାର ସଡ଼କ ନିର୍ମାଣକୁ ଅଗ୍ରାଧିକାର ଦେଉଛନ୍ତି ଏବଂ ଏଥିରେ ପରିବେଶ ଅନୁକୂଳ ଜ୍ଞାନକୌଶଳ ଓ ସାମଗ୍ରୀ ସହିତ ଅଭିନବ ନିର୍ମାଣ କୌଶଳକୁ ଯୋଡ଼ା ଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୦୧୧-୧୪ ବର୍ଷରେ ଦୈନିକ ୭୦କିମି ରାସ୍ତା ସାରା ଦେଶରେ ତିଆରି ହେଉଥିବାବେଳେ ୨୦୧୬-୧୭ରେ ଏହା ଦୈନିକ ୧୩୦ କିମିରେ ପହଞ୍ଚିଥିଲା। ଗ୍ରାମାଞ୍ଚଳର ପ୍ରାୟ ୮୦% ଯୋଗ୍ୟ ଗ୍ରାମକୁ ଏବେ ସବୁଦିନିଆ ସଡ଼କ ସଂଯୋଗ କରାଯାଇଛି। ୨୦୧୯ସୁଦ୍ଧା ଏହା ଶତପ୍ରତିଶତରେ ପହଞ୍ଚିବ ବୋଲି ଆଶା କରାଯାଉଛି। ସଡ଼କ ନିର୍ମାଣରେ ପ୍ଲାଷ୍ଟିକ, ଫ୍ଲାଏଆଶ୍, ଜିଓ ଟେକ୍ସଟାଇଲ, ସେଲଫିଲ୍ଡ କଂକ୍ରିଟ, କୋଲ୍ଡମିକ୍ସ ଆଦି ନୂଆ ସାମଗ୍ରୀ ବ୍ୟବହୃତ ହେଉଛି। ଏସବୁ ସଡ଼କର

> ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୦୧୧-୧୪ ବର୍ଷରେ ଦୈନିକ ୭୦କିମି ରାସ୍ତା ସାରା ଦେଶରେ ତିଆରି ହେଉଥିବାବେଳେ ୨୦୧୬-୧୭ରେ ଏହା ଦୈନିକ ୧୩୦ କିମିରେ ପହଞ୍ଚିଥିଲା। ଗ୍ରାମାଞ୍ଚଳର ପ୍ରାୟ ୮୦% ଯୋଗ୍ୟ ଗ୍ରାମକୁ ଏବେ ସବୁଦିନିଆ ସଡ଼କ ସଂଯୋଗ କରାଯାଇଛି। ୨୦୧୯ସୁଦ୍ଧା ଏହା ଶତପ୍ରତିଶତରେ ପହଞ୍ଚିବ ବୋଲି ଆଶା କରାଯାଉଛି। ସଡ଼କ ନିର୍ମାଣରେ ପ୍ଲାଷ୍ଟିକ, ଫ୍ଲାଏଆଶ୍, ଜିଓ ଟେକ୍ସଟାଇଲ, ସେଲଫିଲ୍ଡ କଂକ୍ରିଟ, କୋଲ୍ଡମିକ୍ସ ଆଦି ନୂଆ ସାମଗ୍ରୀ ବ୍ୟବହୃତ ହେଉଛି। ଏସବୁ ସଡ଼କର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟମାନଙ୍କର। ମଧ୍ୟପ୍ରଦେଶ ଓ ଉତ୍ତରାଖଣ୍ଡ ସରକାର ଏ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟମାନଙ୍କର। ମଧ୍ୟପ୍ରଦେଶ ଓ ଉତ୍ତରାଖଣ୍ଡ ସରକାର ଏ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଅନ୍ୟାନ୍ୟ ରାଜ୍ୟ ସେମାନଙ୍କ ସମକକ୍ଷ ହେବା ଉଚିତ।

**୯) ଗ୍ରାମୀଣ ଟେକ୍‌ନିସିଆନ୍:**

ଗ୍ରାମାଞ୍ଚଳରେ ନିର୍ମାଣ ଓ ବିକାଶର ଯେଉଁ ମହାପର୍ବ ଆରମ୍ଭ ହୋଇଛି ତାହାର ମରାମତି, ରକ୍ଷଣାବେକ୍ଷଣ ଓ ତଦାରଖ ପାଇଁ ବିଭିନ୍ନ ପ୍ରକାରର ଟେକ୍‌ନିସିଆନ୍, ରାଜମିସ୍ତ୍ରୀ ଓ ଅନ୍ୟାନ୍ୟ କୁଶଳୀ ଲୋକଶକ୍ତିର ଆବଶ୍ୟକତା ରହିଛି। ସେଥିପାଇଁ ଦକ୍ଷତା ବିକାଶ କେନ୍ଦ୍ର ମାଧ୍ୟମରେ ଯୁବକଯୁବତୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ଟେକ୍‌ନିସିଆନ୍‌ମାନଙ୍କୁ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ଯୋଗାଇ ଦେବା ଉଦ୍ଦେଶ୍ୟରେ ସୁଯୋଗ ମିଳିଛି। ସେମାନେ ବୁଲିବୁଲି ବରାଦମୁତାବକ କାମ କରୁଛନ୍ତି ଓ ରୋଜଗାର ପାଉଛନ୍ତି। ବ୍ୟବସାୟୀ, ଉଦ୍ୟୋଗୀ ଓ ଚାଷୀଙ୍କୁ ସାହାଯ୍ୟ କରିବାକୁ ମଧ୍ୟ ଏଭଳି ବୈଷୟିକ ସହାୟକଙ୍କୁ ମୁତୟନ କରାଯାଇଛି। ଖୁଚୁରା ବିକ୍ରେତା, ଚାଷୀ ଉତ୍ପାଦକ ସଂଘ, କଷ୍ଟମ ହାୟାରିଂ କେନ୍ଦ୍ର, ଗ୍ରାମ୍ୟ ପରିବହନ ବ୍ୟବସ୍ଥା, ହସ୍ତତନ୍ତ ଓ ହସ୍ତଶିଳ୍ପ ଆଦିରେ ସେମାନେ କାମ ପାଇପାରୁଛନ୍ତି। ଦେଶରେ ଏହି ଟେକ୍‌ନିସିଆନ୍ ଓ ଦକ୍ଷ ବ୍ୟକ୍ତିଙ୍କ ଆବଶ୍ୟକତା ପାଞ୍ଚ କୋଟି ରହିଛି। ଏହି ସଂଖ୍ୟାକୁ ଆହୁରି ବଢ଼ାଇବାକୁ ଉଦ୍ୟମ ଚାଲିଛି। କାରଣ ଏମାନଙ୍କର ଯଥେଷ୍ଟ ଚାହିଦା ଆଗକୁ ଅଛି। ସଂପୃକ୍ତ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ମିଳିମିଶି ଏ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି।

**୧୦) ଅଭିନବତା ଉପରେ ଗୁରୁତ୍ୱ:**

ସ୍ଥାନୀୟ ଲୋକ, ଗୋଷ୍ଠୀ, ସମାଜ ଓ ରାଜ୍ୟର ଅଗ୍ରାଧିକାରକୁ ବିଚାରକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନୂଆନୂଆ କୌଶଳ ଓ ନୀତିକୁ ଉପଯୋଗ କରାଯାଉଛି। କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ତାମିଲନାଡୁ, ମହାରାଷ୍ଟ୍ର, ଆନ୍ଧ୍ର, ତେଲଙ୍ଗାନା, ବିହାର ଓ ଛତିଶଗଡ଼ ଅଭିନବ ଜ୍ଞାନକୌଶଳ ଉପଯୋଗ କରୁଛନ୍ତି। ସେସବୁ ରାଜ୍ୟରେ ଏଥିପାଇଁ ନୂଆ ନାମରେ ଯୋଜନାମାନ ପ୍ରସ୍ତୁତ ହୋଇଛି।

**୧୧) ତଥ୍ୟ ଭିତ୍ତିକ ତଦାରଖ ଓ ତ୍ରୁଟି ସଂଶୋଧନ:**

ବୃହତ୍ କାର୍ଯ୍ୟକ୍ରମଗୁଡ଼ିକର ସଫଳତା ପାଇଁ ଏହାର ନିୟମିତ ଏବଂ ବ୍ୟବସ୍ଥିତ ତଥ୍ୟଭିତ୍ତିକ ତଦାରଖ ଲୋଡ଼ା। ଆହୁରିମଧ୍ୟ ଭୁଲଭଟକାର ସଂଶୋଧନ ତୁରନ୍ତ ହେବା ଚାହି। ସେଥିପାଇଁ ଗ୍ରାମ୍ୟ ଉନ୍ନୟନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ସବୁ ଯୋଜନାର ତଥ୍ୟ ପ୍ରମାଣଭିତ୍ତିରେ ତଦାରଖ ହୋଇ ତୁରନ୍ତ ତ୍ରୁଟି ସଂଶୋଧନ କରାଯାଉଛି। ସର୍ବାଧୁନିକ ଜ୍ଞାନକୌଶଳର ସାହାଯ୍ୟ ମଧ୍ୟ ଏଥିପାଇଁ ନିଆଯାଉଛି। ନିର୍ମାଣ କାର୍ଯ୍ୟର ମାନ, ପ୍ରଗତି ଓ ଅର୍ଥବ୍ୟୟର ତଦାରଖ ପାଇଁ ଜିଓଟ୍ୟାଗ୍ ବ୍ୟବସ୍ଥା କରାଯାଇଛି। ଫଳରେ ନିର୍ମାଣ କାର୍ଯ୍ୟରେ ମାନ ହ୍ରାସ, ଠକାମୀ ଓ ଅର୍ଥ ହରିଲୁଟ୍‌ର ଆଶଙ୍କା ଦୂର ହୋଇଛି। ଏସବୁ କାର୍ଯ୍ୟର ସ୍ୱଚ୍ଛତା ସାର୍ବଜନୀନ ହୋଇପାରିଛି। ଦେଶର ଏବଂ ଜିଲାରେ ଏହି ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଛି। ଜାତୀୟ ସ୍ତରରେ ଇର୍‌ମା ପକ୍ଷରୁ ଏହାର ସମୀକ୍ଷା ଓ ଆକଳନ ମଧ୍ୟ କରାଯାଉଛି। ଏଥିରେ ଉଚ୍ଚସ୍ତରୀୟ ବିଶେଷଜ୍ଞମାନେ ସାମିଲ ହୋଇଛନ୍ତି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଉଛି।

**୧୨) ମିଳିତ ରୂପାୟନ:**

ଦାରିଦ୍ର୍ୟରୁ ମୁକ୍ତିର ଅର୍ଥ ବଞ୍ଚିତ ପରିବାରଙ୍କୁ ସାମାଜିକ ସୁଯୋଗ ଯୋଗାଇ ସେମାନଙ୍କୁ ଦୁଃସ୍ଥିତିରୁ ଉପରକୁ ଉଠାଇବା। ସେଥିପାଇଁ ଯେଉଁସବୁ କାର୍ଯ୍ୟ ହାତକୁ ନିଆଯାଉଛି ସେଥିରେ ସମନ୍ୱୟ ଓ ସଂହତି ଲୋଡ଼ା। ସବୁ କାର୍ଯ୍ୟକ୍ରମର ମିଳିତ ରୂପାୟନ ଦ୍ୱାରା ଗରିବଙ୍କ ଭାଗ୍ୟରେ ପରିବର୍ତ୍ତନ ସମ୍ଭବ। ମିଶନ ଅନ୍ତ୍ୟୋଦୟ ସେହି ଢଙ୍ଗରେ ଚାଲିଛି। ଏହା ଦାରିଦ୍ର୍ୟର ବିଭିନ୍ନ କାରଣର ଏକ ସମୟରେ ମୁକାବିଲା କରୁଛି।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ।**

# ଦୁର୍ନୀତି ବିରୋଧରେ ଭାରତର ଲଢ଼େଇ

● ଭି.ଶ୍ରୀନିବାସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ତାଙ୍କ ଝାଡ଼ଖଣ୍ଡ ଗସ୍ତ ଅବସରରେ କହିଥିଲେ, "ଦୁର୍ନୀତି ଓ କଳା ଟଙ୍କା ଭାରତୀୟ ଗଣତନ୍ତ୍ରକୁ ଧ୍ୱଂସ କରିଦେଇଛି। ଦୁର୍ନୀତି ଓ କଳାଟଙ୍କା ବିରୋଧରେ ଲଢ଼େଇ ଅବ୍ୟାହତ ରହିବ।" ଏହି ଅବସରରେ ପ୍ରଧାନମନ୍ତ୍ରୀ ସଖୀ ମଣ୍ଡଳ (ସ୍ୱୟଂସହାୟକ ଗୋଷ୍ଠୀ)ର କେତେକ ସଦସ୍ୟଙ୍କୁ ସ୍ମାର୍ଟ ଫୋନ୍ ପ୍ରଦାନ କରିବା ସହ କହିଥିଲେ ସ୍ମାର୍ଟ ଫୋନ୍‌ର ବ୍ୟବହାର ଘେନି ସେ ଗ୍ରାମାଞ୍ଚଳ ଲୋକଙ୍କଠାରୁ ଯେଉଁ ଉତ୍ତର ସବୁ ପାଇଛନ୍ତି ତାହା ତାଙ୍କୁ ଚକିତ କରିଛି। ସ୍ମାର୍ଟ ଶାସନ ଦୁର୍ନୀତି ବିରୋଧରେ ଲଢ଼େଇ କରିବାକୁ ଭାରତକୁ ଏକ ବାଟ ଦେଖାଇଛି।

**ଦୁର୍ନୀତି ବରଦାସ୍ତ କରାଯିବ ନାହିଁ:**

ଦୁର୍ନୀତିକୁ ଶୂନ୍ୟ ସହନଶୀଳତା ବା ସାମାନ୍ୟ ଦୁର୍ନୀତିକୁ ବରଦାସ୍ତ ନ କରିବାକୁ ଭାରତର ସଂକଳ୍ପ ତଥା 'ସ୍ୱଚ୍ଛ ସରକାର ଓ ସର୍ବାଧିକ ଶାସନ' ଆଭିମୁଖ୍ୟ ଏବେ ଶାନସର ଢାଂଚାକୁ ସରଳ କରିଛି। ଏଥିପାଇଁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ଚାକିରି ପାଇଁ ସରକାରୀ ଅଧିକାରୀଙ୍କ ଦ୍ୱାରା ପ୍ରାର୍ଥୀଙ୍କ ସାର୍ଟିଫିକେଟର ଆଟେଷ୍ଟେସନ ବା ପ୍ରମାଣନ ବ୍ୟବସ୍ଥାର ଉଚ୍ଛେଦ, ତଳିଆ ପଦ ପାଇଁ ବ୍ୟକ୍ତିଗତ ସାକ୍ଷାତକାର ବ୍ୟବସ୍ଥାର ସମାପନ ତଥା ୫୦ ବର୍ଷ ପରର ଦୁର୍ନୀତିଗ୍ରସ୍ତ ଏବଂ ଦକ୍ଷତାହୀନ ତଥା ସନ୍ଦିଗ୍ଧ ଚରିତ୍ରର ଅଧିକାରୀଙ୍କୁ ଚାକିରିରୁ ବିଦା କରିବା ପଦକ୍ଷେପମାନ ଅନ୍ୟତମ। କଳାଧନ ଓ ଦୁର୍ନୀତିର ବିଲୋପ ପାଇଁ ସରକାର ମଧ ଉଚ୍ଚ ମାନର ନୋଟ୍ ସବୁକୁ ଅଚଳ କରିଛନ୍ତି। କଳାଧନ ଠାବ କରିବାକୁ ଏକ ସ୍ୱତନ୍ତ୍ର ଅନୁସନ୍ଧାନ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି। କୋଇଲା ଖଣିର ନିଲାମ ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ୟୁରୋପ ଓ ଅନ୍ୟାନ୍ୟ ବିଦେଶୀ ରାଷ୍ଟ୍ରରେ ଥିବା କଳାଧନ ଠୁଳ ସ୍ଥଳୀର ବିଲୋପ ପାଇଁ ଭାରତ ମଧ ଜି-୨୦ ବୈଠକରେ ଆନ୍ତର୍ଜାତିକ ସହଯୋଗ ଲୋଡ଼ିଛି। ସୁଇଜରଲାଣ୍ଡ କର୍ତ୍ତୃପକ୍ଷଙ୍କ ସହ ଦ୍ୱିପାକ୍ଷିକ ବୈଠକରେ କଳାଧନ ଓ ଟିକସ ଫାଙ୍କି ରୋକିବାକୁ ତଥ୍ୟ ଆଦାନପ୍ରଦାନ ଏବଂ ମିଳିତ ପଦକ୍ଷେପ ସମ୍ପର୍କରେ ପ୍ରୟାସ କରାଯାଇଛି।

**ଆନୁଷ୍ଠାନିକ ଓ ଆଇନଗତ ବ୍ୟବସ୍ଥା:**

ଦୁର୍ନୀତି ବିରୋଧରେ ଲଢ଼େଇ ପାଇଁ ଭାରତ



୨୦୧୬ରେ ଭାରତ ସରକାର ଯେଉଁ ଭାରତ ଇଣ୍ଟରଫେସ ଫର ମନୀ ବା ଭିମ୍ ବ୍ୟବସ୍ଥା ପ୍ରବର୍ତ୍ତନ କଲେ ତାହା ସ୍ମାର୍ଟ ପ୍ରଶାସନର ତୃତୀୟ ବୃହତ୍ ଉପଲବ୍ଧି ଥିଲା। ଏହା ଜାତୀୟ ପେମେଣ୍ଟ କର୍ପୋରେସନ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ମୋବାଇଲ୍ ଆପ୍। ଏହାଦ୍ୱାରା ଲୋକେ ସିଧାସଳଖ ନିଜ ବ୍ୟାଙ୍କ ଆକାଉଣ୍ଟରୁ ନେଣଦେଣ କରିପାରିବେ ଏବଂ ନଗଦ ଅର୍ଥର ଆବଶ୍ୟକତା ପଡ଼ିବ ନାହିଁ। ଆହୁରି ମଧ୍ୟ ଜନଧନ ଯୋଜନା, ଆଧାର ଓ ଭିମ୍‌କୁ ମିଶାଇ ଜାମ୍ ଟେକ୍‌ନୋଲୋଜି ବ୍ୟବସ୍ଥାର ପ୍ରବର୍ତ୍ତନ କରାଯାଇଛି। ଏହାଦ୍ୱାରା ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ବ୍ୟବସ୍ଥାର ଉପଯୋଗ ସମ୍ଭବ ହୋଇଛି। ଏହାଦ୍ୱାରା ମୋବାଇଲ ବ୍ୟାକିଂ ବ୍ୟବସ୍ଥା ଅତି ସହଜ ହୋଇଛି ଏବଂ ଟଙ୍କା ନେଣଦେଣ କାର୍ଯ୍ୟ ଇ-ମେଲ୍ ଭଳି କରାଯାଇପାରୁଛି। ନଗଦ ବିହିନ କାରବାର କ୍ଷେତ୍ରରେ ଏନ୍ଇଏଫ୍‌ଟି, ଆରଟିଜିଏସ୍, ଆଇଏମ୍‌ପିଏସ୍ ଓ ଇସିଏସ୍ ବ୍ୟବସ୍ଥା ବ୍ୟାଙ୍କ ଓ ଦେଣନେଣ କାରବାରରେ ଅନ୍ୟତମ ସ୍ମାର୍ଟ ପଦକ୍ଷେପ।

ଆବଶ୍ୟକ ଆନୁଷ୍ଠାନିକ ଓ ଆଇନଗତ ବ୍ୟବସ୍ଥା ଗ୍ରହଣ କରିଛି। ସେଥିପାଇଁ ଦୁର୍ନୀତି ନିରାକରଣ ଆଇନ ପ୍ରଣିତ ହୋଇଛି ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ତଥା କଂପ୍‌ଟ୍ରୋଲର ଓ ଅଡିଟର ଜେନେରାଲ ବ୍ୟବସ୍ଥା ରହିଛି। ଏହା ସହିତ ବିଚାରପତି (ଅନୁସନ୍ଧାନ) ଆଇନ ଓ ୨୦୧୩ର ଲୋକପାଳ ଓ ଲୋକାୟୁକ୍ତ ଆଇନ, ୨୦୧୧ର ହୁଇସିଲ୍ ବ୍ଲୋୟର ସୁରକ୍ଷା ଆଇନ, ଲାଞ୍ଚ ଓ ବେଆଇନ ଅର୍ଥ କାରବାର ନିରୋଧ ଆଇନ, ବେନାମୀ ଅର୍ଥ ଓ ସମ୍ପତ୍ତି କାରବାର ଆଇନ ପ୍ରଣିତ ହୋଇଛି। ସେହିଭଳି ସିଭିଲ ସେବାର ସବୁ ଅଧିକାରୀମାନଙ୍କ ପାଇଁ ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବା ବାଧ୍ୟତାମୂଳକ ହୋଇଛି। ପ୍ରତ୍ୟେକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀ ନେତାମାନଙ୍କ ପାଇଁ ସମ୍ପତ୍ତି ବିଷୟକ ତଥ୍ୟ ଦାଖଲ ଅନିବାର୍ଯ୍ୟ କରାଯାଇଛି।

**ସ୍ମାର୍ଟ ଶାସନ:**

୨୦୧୪ର ସ୍ୱାଧୀନତା ଦିବସ ଭାଷଣରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଓ ଆର୍ଥିକ ସମାବେଶୀ ଜାତୀୟ ମିଶନ ବ୍ୟବସ୍ଥା କଥା ଘୋଷଣା କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଦେଶର ସବୁ ପରିବାର ଓ ନାଗରିକଙ୍କୁ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବା। ଦେଶର ଆର୍ଥିକ ସଂବଳ ଗରିବଙ୍କ କଲ୍ୟାଣ ପାଇଁ ବିନିଯୋଗ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେତେବେଳେ ସେ ମଧ୍ୟ ସ୍ମାର୍ଟ ଶାସନ ଓ ଦୁର୍ନୀତି ବିରୋଧରେ ସଂଗ୍ରାମ କଥା ଉଲ୍ଲେଖ କରିଥିଲେ। ଏହା ମଧ୍ୟରେ ଦେଶର ବ୍ୟାଙ୍କ ବ୍ୟବସ୍ଥା କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ବ୍ୟାଙ୍କ ବ୍ୟବସ୍ଥାରେ ନୂଆ ଟେକ୍‌ନୋଲୋଜିର ଉପଯୋଗ ଫଳରେ କୋଟିକୋଟି ଭାରତୀୟ ଉପକୃତ ହୋଇଛନ୍ତି। ସରକାର ହିତାଧିକାରୀଙ୍କୁ ଯେଉଁ ରିଆତି (ସବ୍‌ସିଡି) ଯୋଗାଉଥିଲେ ଏବେ ସେହି ଅର୍ଥରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଉଛି ଓ ଏହାର ବାଟମାରଣା ବନ୍ଦ ହୋଇଯାଇଛି। ମନୁଷ୍ୟକୃତ ବ୍ୟବସ୍ଥାର ଅବସାନ ଘଟାଇ ଟେକ୍‌ନୋଲୋଜି ସହାୟତାରେ ଶାସନ ଓ ପ୍ରଶାସନର ଢାଞ୍ଚାକୁ ଅଧିକ ସ୍ମାର୍ଟ ଓ ଦକ୍ଷ କରାଯାଇପାରିଛି।

ଜନଧନ ଯୋଜନାରେ ସାର୍ବଜନୀନ ବ୍ୟାଙ୍କ ଖାତା ସଂଯୋଗ ବ୍ୟବସ୍ଥା କରାଯାଇଛି। ଏହା ଏକ ସ୍ୱଚ୍ଛ ବ୍ୟବସ୍ଥା ଏବଂ ଏଥିରେ ଖାତାଧାରୀଙ୍କ ପାଇଁ ଓଭରଡ୍ରାଫ୍ଟ ସୁବିଧା ରହିଛି। ଏହା ଫଳରେ ଜନଧନ ଖାତାଧାରୀ ମଧ୍ୟ ବ୍ୟାଙ୍କ ଋଣ ପାଇବାର ସୁଯୋଗ ପାଇଛନ୍ତି। ଜନଧନ ଯୋଜନା ଦ୍ୱାରା ଗ୍ରାମାଞ୍ଚଳରେ ସଂଚୟ ସଂସ୍କୃତି ବଢ଼ିବା ସହ ଋଣ ପ୍ରସାରଣ ବ୍ୟବସ୍ଥା ବଢ଼ିଛି। ବଞ୍ଚିତ ଓ ଦରିଦ୍ର ବର୍ଗର ଲୋକେ ଏହାଦ୍ୱାରା ଅଧିକ ଉପକୃତ ହୋଇଛନ୍ତି। ୨୦୧୬ର ନିୟମ ଅନୁସାରେ ସବୁ ସରକାରୀ ଲାଭ (ସବ୍‌ସିଡି ଓ



ଅନ୍ୟାନ୍ୟ) ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଏହି ସବୁ ଜମାଖାତା ଆଧାର ସହ ସଂଯୁକ୍ତ ହୋଇଥିବାରୁ ଏଥିରେ ଜାଲିଆତି ବା ଦୁର୍ନୀତିର ଅବକାଶ ନାହିଁ। ଏହା ଯୋଗୁଁ ସରକାରୀ ସେବା ଯୋଗାଣ ଓ ଲକ୍ଷ୍ୟ ଭିତ୍ତିକ ସେବା ଯୋଗାଣ ବ୍ୟବସ୍ଥା ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ହୋଇଛି।

୨୦୧୬ରେ ଭାରତ ସରକାର ଯେଉଁ ଭାରତ ଇଣ୍ଟରଫେସ ଫର ମନୀ ବା ଭିମ୍ ବ୍ୟବସ୍ଥା ପ୍ରବର୍ତ୍ତନ କଲେ ତାହା ସ୍ମାଟ ପ୍ରଶାସନର ତୃତୀୟ ବୃହତ୍ ଉପଲବ୍ଧି ଥିଲା। ଏହା ଜାତୀୟ ପେମେଣ୍ଟ କର୍ପୋରେସନ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ମୋବାଇଲ୍ ଆପ୍। ଏହାଦ୍ୱାରା ଲୋକେ ସିଧାସଳଖ ନିଜ ବ୍ୟାଙ୍କ ଆକାଉଣ୍ଟରୁ ନେଣଦେଣ କରିପାରିବେ ଏବଂ ନଗଦ ଅର୍ଥର ଆବଶ୍ୟକତା ପଡ଼ିବ ନାହିଁ। ଆହୁରି ମଧ୍ୟ ଜନଧନ ଯୋଜନା, ଆଧାର ଓ ଭିମ୍‌କୁ ମିଶାଇ ଜାମ୍ ଟେକ୍‌ନୋଲୋଜି ବ୍ୟବସ୍ଥାର ପ୍ରବର୍ତ୍ତନ କରାଯାଇଛି। ଏହାଦ୍ୱାରା ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ବ୍ୟବସ୍ଥାର ଉପଯୋଗ ସମ୍ଭବ ହୋଇଛି। ଏହାଦ୍ୱାରା ମୋବାଇଲ ବ୍ୟାକିଂ ବ୍ୟବସ୍ଥା ଅତି ସହଜ ହୋଇଛି ଏବଂ ଟଙ୍କା ନେଣଦେଣ କାର୍ଯ୍ୟ ଇ-ମେଲ୍ ଭଳି କରାଯାଇପାରୁଛି। ନଗଦ ବିହିନ କାରବାର କ୍ଷେତ୍ରରେ ଏନ୍ଇଏଫ୍‌ଟି, ଆରଟିଜିଏସ୍, ଆଇଏମ୍‌ପିଏସ୍ ଓ ଇସିଏସ୍ ବ୍ୟବସ୍ଥା ବ୍ୟାଙ୍କ ଓ ଦେଣନେଣ କାରବାରରେ ଅନ୍ୟତମ ସ୍ମାର୍ଟ ପଦକ୍ଷେପ।




**ଭିଜିଲାନ୍ସ ଉପରେ ଗୁରୁତ୍ୱ:**

କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) କେ ଶାନ୍ତନମଙ୍କ ନେତୃତ୍ୱରେ ଗଠିତ ସଂସଦୀୟ କମିଟିର ରିପୋର୍ଟ ଆଧାରରେ ଗଠିତ। ଏହି କମିଟି ଦୁର୍ନୀତିର ଚାରିଟି ପ୍ରମୁଖ କାରଣ ଠାବ କରିଥିଲା। ସେଗୁଡ଼ିକ ହେଲା- ପ୍ରଶାସନିକ ବିଳମ୍ବ, ନିଜ କ୍ଷମତାଠାରୁ ସରକାର ଅଧିକ ନିୟନ୍ତ୍ରକ ଦାୟିତ୍ୱ ବହନ କରିବା, ଜଟିଳ ସରକାରୀ ପ୍ରକ୍ରିୟା ଏବଂ ବିଭିନ୍ନ ସରକାରୀ ଅଧିକାରୀଙ୍କ ବ୍ୟକ୍ତିଗତ ବିଶେଷାଧିକାର ଏବଂ କ୍ଷମତା ଜାହିର କରିବାର ଢଙ୍ଗ। ଅତଏବ ଶାନ୍ତନମ କମିଟିର ସୁପାରିଶ ଆଧାରରେ ୧୯୬୪ରେ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ସରକାର ଗଠନ କରିଥିଲେ। କେନ୍ଦ୍ର ସରକାରୀ ସଂସ୍ଥା ଓ ଅନୁଷ୍ଠାନରେ ଦୁର୍ନୀତି ଦୂରକରିବା ପାଇଁ ଏହା ଥିଲା ସର୍ବୋଚ୍ଚ ପ୍ରତିଷ୍ଠାନ। ୧୯୯୭ରେ ଜୈନ ହାୱାଲା କାରବାର ମାମଲାର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ କେନ୍ଦ୍ରୀୟ ଭିଜିଲାନ୍ସ କମିଶନକୁ ବୈଧାନିକ କ୍ଷମତା ପ୍ରଦାନ କରାଯାଇଥିଲା। ୨୦୦୩ର କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଆଇନରେ ସରକାରୀ ବାବୁ ଏବଂ ନିଗମଗୁଡ଼ିକର ଦୁର୍ନୀତି ବିଷୟରେ ଅନୁସନ୍ଧାନ ଏବଂ ତଦନ୍ତ କରିବାର ଅଧିକାର ସିଭିସିକୁ ମିଳିଲା।

ସିଭିସି ପକ୍ଷରୁ ଲୋକପ୍ରଶାସନକୁ ନିର୍ମଳ, ସ୍ୱଚ୍ଛ, ଉତ୍ତରଦାୟୀ ଓ ଦୁର୍ନୀତିମୁକ୍ତ କରିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ଏଥିପାଇଁ ସିଭିସି ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାରୀ ଇ-ମାର୍କେଟ ବ୍ୟବସ୍ଥାରେ ସରକାରୀ ସଂଗ୍ରହ ବ୍ୟବସ୍ଥାକୁ ନିର୍ମଳ କରିବାର ପ୍ରୟାସ ଚାଲିଛି। ଏଥିରେ ଇ-ଟେଣ୍ଡର, ଇ-ପ୍ରୋକିୟୋରମେଣ୍ଟ ବ୍ୟବସ୍ଥା କରାଯାଇଛି। ଭିଜିଲାନ୍ସ ସଚେତନତା ଦିବସ, ସପ୍ତାହ ପାଳନ କରାଯାଇ ଯୁବଛାତ୍ରଙ୍କ ମଧ୍ୟରେ ଦୁର୍ନୀତିମୁକ୍ତ ବିଚାର ଓ ଭାବନା ସୃଷ୍ଟି କରାଯାଉଛି। ଦୋଷୀଙ୍କ

ଜନଧନ ଯୋଜନାରେ ସାର୍ବଜନୀନ ବ୍ୟାଙ୍କ ଖାତା ସଂଯୋଗ ବ୍ୟବସ୍ଥା କରାଯାଇଛି। ଏହା ଏକ ସ୍ୱଚ୍ଛ ବ୍ୟବସ୍ଥା ଏବଂ ଏଥିରେ ଖାତାଧାରୀଙ୍କ ପାଇଁ ଓଭରଡ୍ରାଫ୍ଟ ସୁବିଧା ରହିଛି। ଏହା ଫଳରେ ଜନଧନ ଖାତାଧାରୀ ମଧ୍ୟ ବ୍ୟାଙ୍କ ଋଣ ପାଇବାର ସୁଯୋଗ ପାଇଛନ୍ତି। ଜନଧନ ଯୋଜନା ଦ୍ୱାରା ଗ୍ରାମାଞ୍ଚଳରେ ସଂଚୟ ସଂସ୍କୃତି ବଢ଼ିବା ସହ ଋଣ ପ୍ରସାରଣ ବ୍ୟବସ୍ଥା ବଢ଼ିଛି। ବଞ୍ଚିତ ଓ ଦରିଦ୍ର ବର୍ଗର ଲୋକେ ଏହାଦ୍ୱାରା ଅଧିକ ଉପକୃତ ହୋଇଛନ୍ତି। ୨୦୧୬ର ନିୟମ ଅନୁସାରେ ସବୁ ସରକାରୀ ଲାଭ (ସବ୍‌ସିଡି ଓ ଅନ୍ୟାନ୍ୟ) ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଉଛି।



ବିରୋଧରେ ଉଦାହରଣୀୟ ଦଣ୍ଡବିଧାନ କରାଯାଇ ଲୋକଙ୍କ ମଧ୍ୟରେ ଏକ ଆସ୍ଥା ଓ ବିଶ୍ୱାସର ଭାବ ସୃଷ୍ଟି କରିବାକୁ ଉଦ୍ୟମ ହେଉଛି । ଦକ୍ଷ, ସ୍ୱଚ୍ଛ, କର୍ମଠ ଓ ନାଗରିକଭିତ୍ତିକ ଶାସନ ପାଇଁ ସିଭିସି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

**ଅଡିଟ୍ ଓ ଆକାଉଣ୍ଟ ପ୍ରକ୍ରିୟାର ସୁଦୃଢ଼ୀକରଣ:**

ଭାରତର କମ୍ପ୍ଟ୍ରୋଲର ଓ ଅଡିଟର ଜେନେରାଲ ଅନୁଷ୍ଠାନ ଦୁର୍ନୀତି ବିରୋଧରେ ଲଢ଼େଇ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା । ୨୦୧୪ଠାରୁ କମ୍ପ୍ଟ୍ରୋଲର ଓ ଅଡିଟର ଜେନେରାଲ ଭାରତ ସରକାରଙ୍କ ଆର୍ଥିକ ସଂସ୍କାର ଓ ଆର୍ଥିକ ପ୍ରଶାସନର ନୂଆ ବ୍ୟବସ୍ଥା ଅନୁସାରେ ଆକାଉଣ୍ଟିଂ ଓ ଅଡିଟିଂ କାର୍ଯ୍ୟ କରିଆସୁଛନ୍ତି । ଇତିମଧ୍ୟରେ ଭାରତ ସରକାର ସାଧାରଣ ବଜେଟରେ ରେଳବଜେଟକୁ ମିଶାଇବା ସହ ସାଧାରଣ ବଜେଟରେ ଯୋଜନା ଓ ଅଣଯୋଜନା ଖର୍ଚ୍ଚ ବ୍ୟବସ୍ଥାକୁ ଉଠାଇ ଗୋଟିଏ କରିଛନ୍ତି । ଜିଏସ୍‌ଟି ଲାଗୁ ହେବା ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତ୍ୟକ୍ଷ ପୁଞ୍ଜିନିବେଶର ବ୍ୟବସ୍ଥା କରାଯାଇଛି । ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥା ଓ ପଞ୍ଚାୟତିରାଜ ବ୍ୟବସ୍ଥା ପାଇଁ ବାର୍ଷିକ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ଏହି ନୂଆ ଆର୍ଥିକ ପ୍ରଶାସନ ସତ୍ତ୍ୱେ ଏହାର ପରିଚାଳନା ବ୍ୟବସ୍ଥା ଅତି ଖରାପ । ତେଣୁ ଅର୍ଥ ପରିଚାଳନାରେ ଦକ୍ଷତା ବୃଦ୍ଧି, ଦୁର୍ନୀତି ଲୋପ ତଥା ଉତ୍ତରଦାୟିତ୍ୱକୁ ସରକାର ଅଗ୍ରାଧିକାର ଦେଉଛନ୍ତି । ଏସବୁ କ୍ଷେତ୍ର ପାଇଁ ଯେଉଁ ବିପୁଳ ଅର୍ଥ ବରାଦ ହେଉଛି ତାହାର ଖର୍ଚ୍ଚର ହିସାବ ତନଖିବା ଏକ ବିରାଟ ଦାୟିତ୍ୱ । ଡିଜିଟାଲ ତଥ୍ୟ ଓ ଅନ୍ୟାନ୍ୟ ବ୍ୟବସ୍ଥାର ସହାୟତାରେ କମ୍ପ୍ଟ୍ରୋଲର ଓ ଅଡିଟର ଜେନେରାଲ ଏସବୁ ହିସାବ ତନଖି ବ୍ୟବସ୍ଥା କରୁଛନ୍ତି ।

**ଶାସନରେ ସ୍ୱଚ୍ଛତା:**

୨୦୦୫ର ସୂଚନା ଅଧିକାର ଆଇନ ଭାରତୀୟ ଗଣତନ୍ତ୍ର ପାଇଁ ଏକ ସମୟୋପଯୋଗୀ ପଦକ୍ଷେପ । ଏହାଦ୍ୱାରା ସରକାରୀ କାର୍ଯ୍ୟକ୍ରମର ରୂପାୟନ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ସରକାରଙ୍କଠାରୁ ତଥ୍ୟ ପାଇବାର ଅଧିକାର ନାଗରିକଙ୍କୁ ମିଳିଛି । ପ୍ରଧାନମନ୍ତ୍ରୀ ଯଥାର୍ଥରେ କହିଛନ୍ତି ଯେ ସୂଚନା ଅଧିକାର ଆଇନ ନାଗରିକଙ୍କୁ ତଥ୍ୟ ଜାଣିବାର ଅଧିକାରରେ ସୀମିତ ନ ରଖି ପ୍ରଶ୍ନ କରିବାର ଅଧିକାର ଦେବା ଉଚିତ । ତେବେ ନାଗରିକଙ୍କୁ ସୂଚନା ପ୍ରଦାନ କରିବାବେଳେ ସେହି ତଥ୍ୟ ସ୍ୱଚ୍ଛ, ସମୟ ଉପଯୋଗୀ ଓ ଜଞ୍ଜାଳମୁକ୍ତ ହେବା ଆବଶ୍ୟକ । ଏବେ ଲୋକେ ସୂଚନା ଅଧିକାର ଆଇନର ପ୍ରକୃତ ମୂଲ୍ୟ ବୁଝିଲେଣି । ଏହା ଶାସନ କ୍ଷେତ୍ରରେ ଉନ୍ନତି ଆଣିବାରେ ସହାୟକ ହେଉଛି ।

ଅଧିକାରୀ ଓ କର୍ତ୍ତୃପକ୍ଷଙ୍କର ଭୟ ରହୁଛି। ସୂଚନା ହାସଲ କରି ନାଗରିକ ନିଷ୍ପତ୍ତି ଗ୍ରହଣରେ ଅଂଶୀଦାର ହୋଇପାରୁଛନ୍ତି। ଏହା ଫଳରେ ସରକାର ଓ ନାଗରିକଙ୍କ ମଧ୍ୟରେ ବିଶ୍ୱାସର ଏକ ବାତାବରଣ ସୃଷ୍ଟି ହେଉଛି।

**ଲୋକପାଳ ଓ ଲୋକାୟୁକ୍ତ ଆଇନ -୨୦୧୩:** ୨୦୧୩ରେ ପ୍ରଣିତ ଲୋକପାଳ ଓ ଲୋକାୟୁକ୍ତ ଆଇନ ୨୦୦୩ର କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଆଇନରେ କେତେକ ସଂଶୋଧନ ଆଣିଥିଲା। ତଦନୁସାରେ ଲୋକପାଳଙ୍କ ଦ୍ୱାରା ସୁପାରିସ ଗ୍ରୁପ୍ ବି, ସି ଓ ଡିର ଅଧିକାରୀଙ୍କ ବିରୋଧରେ ଉତ୍ଥାପିତ ଦୁର୍ନୀତି ମାମଲାର ପ୍ରାଥମିକ ତଦନ୍ତ ଦାୟିତ୍ୱ ସିଭିସି କରୁଥିଲା। ଏହାଛଡ଼ା ଗ୍ରୁପ୍ 'ଏ'ର ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ ପାଇଁ ସିଭିସି ଦପ୍ତରରେ ଏକ ତଦନ୍ତ ନିର୍ଦ୍ଦେଶାଳୟ ଗଠନର ବ୍ୟବସ୍ଥା ହୋଇଥିଲା। କମିଶନ ଏ କ୍ଷେତ୍ରରେ ଗ୍ରୁପ୍ 'ଏ' ଓ 'ବି' ବର୍ଗର ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ମାମଲାର ପ୍ରାଥମିକ ତଦନ୍ତ କରି ଲୋକପାଳଙ୍କ ନିକଟକୁ ପଠାଇବାର ବ୍ୟବସ୍ଥା ହୋଇଛି। ଆବଶ୍ୟକ ପଡ଼ିଲେ ଅନ୍ୟବର୍ଗର ଅଧିକାରୀଙ୍କ ଦୁର୍ନୀତି ମାମଲାର ତଦନ୍ତ କରି ସିଭିସି ଲୋକପାଳଙ୍କ ନିକଟକୁ ରିପୋର୍ଟ ପଠାଇବାର ବ୍ୟବସ୍ଥା ଅଛି।

**୧୯୮୮ ଦୁର୍ନୀତି ନିବାରଣ ଆଇନର ସଂଶୋଧନ:** ୧୯୮୮ର ସଂଶୋଧିତ ଦୁର୍ନୀତି ନିବାରଣ ଆଇନର ଲକ୍ଷ୍ୟ ଥିଲା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଦୁର୍ନୀତି ବିରୋଧରେ ବିଭିନ୍ନ ଆଇନକୁ ଏକୀକୃତ କରି ଦୋଷୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଏହି ଆଇନରେ ନ୍ୟାୟୋଚିତ ପ୍ରାପ୍ୟଠାରୁ ଅନ୍ୟ କିଛି କାହାଠାରୁ ଗ୍ରହଣ କରିବା ଏକ ଦଣ୍ଡନୀୟ ଅପରାଧ ବିବେଚିତ ହୋଇଛି। ଏଥିପାଇଁ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିବିଆଇ ଓ ରାଜ୍ୟ ପୁଲିସକୁ ଅଧିକାର ମିଳିଛି। ସରକାରୀ ଅଧିକାରୀ ଓ କର୍ମଚାରୀ ଯେପରି ବାସ୍ତବବାଦୀ ନିଷ୍ପତ୍ତି ଗ୍ରହଣ କରିପାରିବେ ଓ ନିଜ କାର୍ଯ୍ୟ ପାଇଁ ଦାୟୀ ରହିବେ ସେଥିପାଇଁ ସ୍ପଷ୍ଟ ନୀତି ନିର୍ଦ୍ଦେଶ ରହିଛି। ଏହାର ଉଲ୍ଲଙ୍ଘନ ଦଣ୍ଡନୀୟ ହେବ। ସେହିଭଳି ନିଜର ନ୍ୟାୟୋଚିତ ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିବା, ବେଆଇନ ସମ୍ପତ୍ତି ଆହରଣ କରିବା ଆଦିକୁ ଦଣ୍ଡନୀୟ ଅପରାଧ ଭାବେ ଗ୍ରହଣ କରି ଫୌଜଦାରୀ ମାମଲାର ବ୍ୟବସ୍ଥା ହୋଇଛି।

**ହୁଇସିଲ ବ୍ଲୋୟରଙ୍କ ସୁରକ୍ଷା:** ସରକାରୀ ବ୍ୟବସ୍ଥାରେ ହେଉଥିବା ଦୁର୍ନୀତି ବିରୋଧରେ ଖବର ଦେଉଥିବା ଲୋକ (ହୁଇସିଲ ବ୍ଲୋୟର)ଙ୍କ ସୁରକ୍ଷା ସହିତ ସେମାନଙ୍କ ତଥ୍ୟ






ଅନୁସାରେ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ସରକାର ଉଦ୍ୟମ କରୁଛନ୍ତି। ଏହି ଆଇନରେ କେତେକ ସଂଶୋଧନ କରାଯାଇ ଏହାକୁ ଅଧିକ ସୁଦୃଢ଼ କରାଯିବା ସହ ୨୦୧୫ରେ ଏହା ଆଇନର ମାନ୍ୟତା ପାଇଛି। ଦେଶର ନିରାପତ୍ତା, ଏକତା, ସଂହତି ଓ ସାର୍ବଭୌମତ୍ୱର ସୁରକ୍ଷାକୁ ଦୃଷ୍ଟିରେ ରଖି ନୂଆ ଆଇନରେ କେତେକ ସଂଶୋଧିତ ବ୍ୟବସ୍ଥା କରାଯାଇଛି।

**ବେନାମୀ କାରବାର ବିରୋଧରେ ପଦକ୍ଷେପ:**

୧୯୮୮ରେ ଦେଶରେ ବେନାମୀ ଅର୍ଥ ଓ ସମ୍ପତ୍ତି କାରବାର ଆଇନ ପ୍ରଣିତ ହୋଇଥିଲେ ମଧ୍ୟ ଏହା ବିଶେଷ ସଫଳ ହୋଇ ନ ଥିଲା। ସରକାର ୨୦୧୬ରେ ଏଥିରେ କେତେକ ସଂଶୋଧନ ଆଣି ଏହାକୁ ଅଧିକ କ୍ରିୟାଶୀଳ କରିଛନ୍ତି। ନୂଆ ବ୍ୟବସ୍ଥା ଅନୁସାରେ ଆୟକର ଅଧିକାରୀଙ୍କୁ ବେନାମୀ ସମ୍ପତ୍ତି ଜବତ ଓ ନିଲାମ କରିବାର ଅଧିକାର ଦିଆଯାଇଛି। ବେନାମୀ କାରବାରରେ ଲିପ୍ତ ବ୍ୟକ୍ତି ଅଦାଲତରେ ଦୋଷୀ ସାବ୍ୟସ୍ତ ହେଲେ ଏକରୁ ସାତବର୍ଷ ସଶ୍ରମ କାରାଦଣ୍ଡ ପାଇବାର ନିୟମ କରାଯାଇଛି। ଏହାଛଡ଼ା ସଂପୃକ୍ତ ଅପରାଧୀଙ୍କଠାରୁ ତାଙ୍କ ବେନାମୀ ସମ୍ପତ୍ତିର ବଜାର ମୂଲ୍ୟର ୨୫ ଶତାଂଶ ଅର୍ଥ ଜୋରିମାନା ଆକାରରେ ଆଦାୟ କରିବାର ନିୟମ ହୋଇଛି। ୨୦୧୬ ନଭେମ୍ବରରୁ ଏହି ସଂଶୋଧିତ ଆଇନ କାର୍ଯ୍ୟକାରୀ ହେବାପରେ ଅନେକ ବେନାମୀ କାରବାର ଚିହ୍ନଟ ହୋଇପାରିଛି।

ପରିଶେଷରେ ଏତିକି କୁହାଯାଇପାରେ ଯେ ଭାରତ କଳାଧନ ଓ ଦୁର୍ନୀତି ବିରୋଧରେ ତାହାର ଲଢ଼େଇ ନିରନ୍ତର ସଫଳତାର ସହ ଜାରି ରଖିଛି। ସ୍ମାର୍ଟ ଶାସନ ମାଧ୍ୟମରେ ଚାଲିଥିବା ଏହି କାର୍ଯ୍ୟାନୁଷ୍ଠାନ ସକାରାତ୍ମକ ଫଳ ପ୍ରଦାନ କରୁଛି।

ଇତିମଧ୍ୟରେ ଭାରତ ସରକାର ସାଧାରଣ ବଜେଟରେ ରେଳବଜେଟକୁ ମିଶାଇବା ସହ ସାଧାରଣ ବଜେଟରେ ଯୋଜନା ଓ ଅଣଯୋଜନା ଖର୍ଚ୍ଚ ବ୍ୟବସ୍ଥାକୁ ଉଠାଇ ଗୋଟିଏ କରିଛନ୍ତି। ଜିଏସ୍‌ଟି ଲାଗୁ ହେବା ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତ୍ୟକ୍ଷ ପୁଞ୍ଜିନିବେଶର ବ୍ୟବସ୍ଥା କରାଯାଇଛି। ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥା ଓ ପଞ୍ଚାୟତିରାଜ ବ୍ୟବସ୍ଥା ପାଇଁ ବାର୍ଷିକ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହି ନୂଆ ଆର୍ଥିକ ପ୍ରଶାସନ ସତ୍ତ୍ୱେ ଏହାର ପରିଚାଳନା ବ୍ୟବସ୍ଥା ଅତି ଖରାପ। ତେଣୁ ଅର୍ଥ ପରିଚାଳନାରେ ଦକ୍ଷତା ବୃଦ୍ଧି, ଦୁର୍ନୀତି ଲୋପ ତଥା ଉତ୍ତରଦାୟିତ୍ୱକୁ ସରକାର ଅଗ୍ରାଧିକାର ଦେଉଛନ୍ତି। ଏସବୁ କ୍ଷେତ୍ର ପାଇଁ ଯେଉଁ ବିପୁଳ ଅର୍ଥ ବରାଦ ହେଉଛି ତାହାର ଖର୍ଚ୍ଚର ହିସାବ ତନଖିବା ଏକ ବିରାଟ ଦାୟିତ୍ୱ। ଡିଜିଟାଲ ତଥ୍ୟ ଓ ଅନ୍ୟାନ୍ୟ ବ୍ୟବସ୍ଥାର ସହାୟତାରେ କମ୍ପ୍ଟ୍ରୋଲର ଓ ଅଡିଟର ଜେନେରାଲ ଏସବୁ ହିସାବ ତନଖି ବ୍ୟବସ୍ଥା କରୁଛନ୍ତି।

**ଲେଖକ ୧୯୮୯ ବ୍ୟାଚ୍‌ର ଜଣେ ଆଇଏଏସ୍ ଅଫିସର ତଥା ରାଜସ୍ଥାନ ଟିକସ ବୋର୍ଡର ଅଧ୍ୟକ୍ଷ ତଥା ରାଜସ୍ଥାନ ରାଜସ୍ୱ ପରିଷଦର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ।**

# ନ୍ୟୁ ଇଣ୍ଡିଆରେ ଦକ୍ଷତା ଓ ଉଦ୍ୟୋଗ ବିକାଶ

● ଡ. ଅମିତକୁମାର ଦ୍ୱିବେଦୀ ଓ ସରବାନନ ବେଲୁସାମୀ

ଭାରତୀୟ ଅର୍ଥନୀତି ବିଶ୍ୱର ଅନ୍ୟତମ ବୃହତ୍ ଅର୍ଥନୀତି। ଗତ ଦୁଇ ଦଶନ୍ଧି ଧରି ଏହା ୭ ଶତାଂଶ ହାରରେ ଅଭିବୃଦ୍ଧି ହାସଲ କରିଆସୁଛି। ଭାରତ ବିକାଶଶୀଳ ରାଷ୍ଟ୍ରମାନଙ୍କ ମଧ୍ୟରେ ନବ ଶିଳ୍ପ ସମୃଦ୍ଧ ଅର୍ଥନୀତି ଭାବେ ଶ୍ରେଣୀବଦ୍ଧ ହୋଇଥିଲେ ହେଁ ଏହା ନିଜର ବିପୁଳ ଜନସଂଖ୍ୟା ଓ ଯୁବବର୍ଗର ପୂର୍ଣ୍ଣ ଲାଭ ଉଠାଇପାରିନାହିଁ। ଶିଳ୍ପ ଉତ୍ପାଦନ, ସହରାୟନ ତଥା ରୋଜଗାର ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳରୁ ସହରକୁ ଅଧିକରୁ ଅଧିକ ଲୋକଙ୍କ ଗମନ ଯୋଗୁଁ ଭାରତର ଅର୍ଥନୀତି ତିଷ୍ଠି ରହିଛି। ସେବାକ୍ଷେତ୍ର ଦେଶର ଜିଡିପିକୁ ସର୍ବାଧିକ ଆୟ ଦେଇଥାଏ। ଏହା ପଛକୁ କ୍ରମାନ୍ୱୟରେ ରହିଛି ଶିଳ୍ପ ଏବଂ କୃଷି। ଭାରତର ପ୍ରାୟ ଅର୍ଦ୍ଧେକ ଶ୍ରମିକ ଆତ୍ମନିଯୁକ୍ତ। ସେମାନଙ୍କ ମଧ୍ୟରୁ ୯୩ ଭାଗ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରନ୍ତି। ୨୦୨୦ ସୁଦ୍ଧା ଦେଶର କାମ କରିବା ବୟସର (୧୫ରୁ ୬୪) ଲୋକଙ୍କ ସଂଖ୍ୟା ୧୭କୋଟିରେ ପହଞ୍ଚିବ ବୋଲି ଜନସଂଖ୍ୟା ବୃଦ୍ଧି ହାରକୁ ହିସାବକୁ ନେଇ ଆକଳନ କରାଯାଇଛି। ସେଥିରେ ଶିକ୍ଷିତ ଶ୍ରମଶକ୍ତି ମଧ୍ୟ ଅନ୍ତର୍ଭୁକ୍ତ। ତେଣୁ ଆମେ ଯଦି ଆମ ଯୁବ ଶ୍ରମଶକ୍ତିକୁ ଆବଶ୍ୟକ ତାଲିମ ପ୍ରଦାନ ନ'କରୁ ତେବେ ସେମାନଙ୍କ ଦକ୍ଷତାର ପ୍ରକୃତ ବିନିଯୋଗ ହୋଇପାରିବ ନାହିଁ ଓ ଦେଶ କ୍ଷତିଗ୍ରସ୍ତ ହେବ। ଆହୁରି ମଧ୍ୟ ଅଣକୁଶଳୀ ଓ ଦକ୍ଷତାହୀନ ଲୋକଶକ୍ତିର ବୋଝ ଦେଶ ପାଇଁ ଏକ ବିପର୍ଯ୍ୟୟର କାରଣ ପାଲଟିବ। ଅତଏବ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଏବଂ ନିଯୁକ୍ତିଯୋଗ୍ୟ ଲୋକଶକ୍ତି ତିଆରି କରିବା ଏହି ଦୁଇଟି ଯାକ କାମ ଏକ ସାଙ୍ଗରେ କରିବାକୁ ହେବ।


**ଦକ୍ଷତା ଅଭାବ:**

ଉପଯୁକ୍ତ ମାନର ଶିକ୍ଷାର ଅଭାବ ଫଳରେ ଯୁବସମାଜରେ ନିଯୁକ୍ତି ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ ପରିଲକ୍ଷିତ ହେଉଛି। ଅଧିକାଂଶ ସ୍ଥଳରେ ଡିଗ୍ରୀଧାରୀମାନେ ନିଯୁକ୍ତି ଉପଯୋଗୀ ହୋଇପାରୁନାହାନ୍ତି। ସୀମିତ ନିଯୁକ୍ତି ସୁଯୋଗ ଫଳରେ ଚାକିରି ବଜାରରେ ପ୍ରତିଯୋଗିତା ତୀବ୍ର ହେଉଛି। ଧନ୍ଦାମୂଳକ ଶିକ୍ଷାର ପ୍ରୋତ୍ସାହନ ଓ ଦକ୍ଷତା ବିକାଶ ପାଇଁ ଆବଶ୍ୟକ ପାଣ୍ଠି ମିଳୁନାହିଁ। ଫଳରେ ଅଧିକରୁ ଅଧିକ ଅଣଦକ୍ଷ ଲୋକଶକ୍ତି ବଜାରକୁ ଆସୁଛନ୍ତି।



ସେମାନେ ଅସୁରକ୍ଷିତ ପରିବେଶରେ ସ୍ୱଳ୍ପ ବେତନ ବା ମଜୁରିରେ କାମ କରିବାକୁ ବାଧ୍ୟ ହେଉଛନ୍ତି। ସ୍କୁଲ ଓ କଲେଜରୁ ଅଧାରୁ ପାଠଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢୁଥିବାବେଳେ ନିଯୁକ୍ତି ବା ରୋଜଗାର ଆଶାୟୀଙ୍କୁ ଦକ୍ଷତା ବିକାଶ ବା ନିଜେ କିଛି ଧନ୍ଦା କରିବାକୁ ତାଲିମ ଓ ପ୍ରୋତ୍ସାହନ ଦେବାର ସୁଯୋଗ ସୁବିଧା ସେମିତି ନାହିଁ। ଜଣକର ଉଦ୍ୟମ ବା ଉପକ୍ରମର ବିକାଶ ପାଇଁ ତାଲିମ, ସୁଯୋଗ ଓ ସୁବିଧା ରହିଲେ ଉଦ୍‌ଯୋଗୀଙ୍କ ଉଦ୍ୟମ ସଫଳ ହେବାର ସମ୍ଭାବନା ରହିଛି। ଏସବୁର ଅଭାବ ଯୋଗୁଁ ଦେଶରେ ବେକାରଙ୍କ ସଂଖ୍ୟା ବଢୁଛି।

ଭାରତ ସରକାର ଦେଶରେ ଅଧିକ ନିଯୁକ୍ତି ସୃଷ୍ଟି ଓ ଉଦ୍‌ଯୋଗ ବିକାଶ କରିବାକୁ ପ୍ରତିଶ୍ରୁତିବଦ୍ଧ






## THE FOUNDATION OF NEW INDIA – DELIVERING ON PROMISES

Skilling India to build New India

*"If we have to promote the development of our country, then our mission has to be 'skill development' and 'skilled India'"*

*– PM Narendra Modi on 15th August, 2014*

1.17 crore people trained under MSDE programs

4.82 lakh people brought into the organised sector through Recognition of Prior Learning (RPL) under PMKVY



**THE FOUNDATION OF NEW INDIA – DELIVERING ON PROMISES**

Seeding the second Green Revolution

*"A farmer serves Mother India by filling the godowns with grains. This is also nation's service. Filling the granary is the biggest nation's service that a farmer provides. That is why Lal Bahadur Shashtri had given the slogan of "Jai Jawan, Jai Kisan"*

*– PM Narendra Modi on 15th August, 2014*

83.57 Lakh tonnes of agricultural produce worth Rs. 19,802.98 Cr transacted till 15th may, 2017 under eNAM

More than 9 Crore Soil Health Cards distributed

8.40 lakh hectare of land brought under micro irrigation in 2016-17 under PMKSY

During Kharif 2016; 401.54 lakh farmers covered and 392.82 lakh hectares insured over the sum insured of Rs. 1,35,00,572.17 lakh under PMFBY

ହୋଇଛନ୍ତି । ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କ ବଜେଟ ଭାଷଣରେ ଶିକ୍ଷା, ତାଲିମ ଓ ଦକ୍ଷତା ବିକାଶ ଉପରେ ଅଗ୍ରାଧିକାର ଦେଇ ଲୋକ ଶକ୍ତି ଓ ଯୁବଶକ୍ତିକୁ ନିଯୁକ୍ତି ଉପଯୋଗୀ କରିବା କଥା କହିଥିଲେ । ଏହା ସରକାରଙ୍କ ଅଗ୍ରାଧିକାର ବୋଲି ଅର୍ଥମନ୍ତ୍ରୀ କହିବା ସତ୍ତ୍ୱେ ଦେଶରେ ନିଯୁକ୍ତି ଅଭିବୃଦ୍ଧି ପ୍ରାୟ ନାହିଁ ଏବଂ ଏ କ୍ଷେତ୍ରରେ ସରକାରୀ ହସ୍ତକ୍ଷେପ ମୋଟାମୋଟି ପ୍ରଭାବହୀନ ରହିଛି । ୟେରନଷ୍ଟ ଆଣ୍ଡ ୟଙ୍ଗର ଅନୁଧ୍ୟାନ ଅନୁସାରେ ଭାରତରେ ମୋଟ୍ ଶ୍ରମଶକ୍ତିର ମାତ୍ର ୧୦ ଶତାଂଶଙ୍କୁ କିଛି ମାତ୍ରାରେ ଦକ୍ଷତା ବିକାଶ ତାଲିମ ମିଳୁଛି । ଏ କ୍ଷେତ୍ରରେ ଭାରତ ଏକାଧିକ ଆହ୍ୱାନର ସମ୍ମୁଖୀନ । ଦେଶରେ ଏଥିପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ନିର୍ମାଣ ଓ ତାହାକୁ ଚଳାଇ ରଖିବା ପାଇଁ ଅର୍ଥ ପ୍ରତିବନ୍ଧକ ହୋଇଛି । ଆଗାମୀ ଦିନରେ ଭାରତ ସରକାର ଦକ୍ଷ ଲୋକଶକ୍ତି ଅଭାବ ଜନିତ ସମସ୍ୟାର ସମ୍ମୁଖୀନ ହେବେ ବୋଲି କେତେକ ମହଲ ଆଶଙ୍କା ପ୍ରକାଶ କରୁଛନ୍ତି ।

**ନିଯୁକ୍ତିଯୋଗ୍ୟ ଶ୍ରମଶକ୍ତି ସୃଷ୍ଟି:**

ଆସୋୟମ – ଟିସ୍‌ର ଅନୁଧ୍ୟାନ ଅନୁସାରେ ଭାରତ ନୂଆ ଷ୍ଟାର୍ଟଅପ୍‌ର ପ୍ୟାଟେଣ୍ଟ ଓ ଅଭିବୃଦ୍ଧି ର୍‍ୟାଙ୍କିଂରେ ଭଲ ପ୍ରଦର୍ଶନ କରିପାରୁନାହିଁ । ଦେଶର ବିଭିନ୍ନ ଜାତୀୟ ଓ ପ୍ରାଦେଶିକ ବିଶ୍ୱ ବିଦ୍ୟାଳୟ ତଥା ପ୍ରମୁଖ ଶିକ୍ଷାନୁଷ୍ଠାନମାନେ ଅର୍ଥାଭାବରୁ ଦକ୍ଷତା ଓ ଉଦ୍‌ଯୋଗ ବିକାଶ ପାଇଁ ଆବଶ୍ୟକ ଗବେଷଣା ଭିତ୍ତିଭୂମି ସୃଷ୍ଟି କରିପାରୁନାହାନ୍ତି । ତେଣୁ ଆବଶ୍ୟକ ଦକ୍ଷ ଓ ତାଲିମପ୍ରାପ୍ତ ଲୋକଶକ୍ତିର ଅଭାବ ପରିଲକ୍ଷିତ ହେଉଛି । ଏହି ସମସ୍ୟାର ମୁକାବିଲା ପାଇଁ ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିବ ଏବଂ ଅଧିକରୁ ଅଧିକ ଦକ୍ଷ ଶ୍ରମଶକ୍ତି ତିଆରି କରିବାକୁ ହେବ । ଏ କ୍ଷେତ୍ରରେ ଚାହିଦା ଓ ଯୋଗାଣ, ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ନିରନ୍ତରତା ରକ୍ଷା ପ୍ରତି ଉଚିତ ନଜର ନ'ଦେଲେ ଏହା ଭବିଷ୍ୟତରେ ବିଭ୍ରାଟ ସୃଷ୍ଟି କରିପାରେ । ଅର୍ଥନୀତି ପାଇଁ ଏକ ନିଯୁକ୍ତି ଯୋଗ୍ୟ ତାଲିମ ପ୍ରାପ୍ତ ଲୋକଶକ୍ତି ପ୍ରସ୍ତୁତ କରିବାରେ ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତା ବିକାଶ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଥିବାରୁ ଏଥିପାଇଁ ଏକ ସ୍ଥାୟୀ ବ୍ୟବସ୍ଥା ସପକ୍ଷରେ ବିଶେଷଜ୍ଞମାନେ ମତଦେଉଛନ୍ତି । ଏ କ୍ଷେତ୍ରରେ ସରକାର ଓ ଅନ୍ୟାନ୍ୟ ବିଭିନ୍ନ ସଂପୃକ୍ତ ପକ୍ଷଙ୍କୁ ସାମିଲ କରି ଏକ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ଅପରିହାର୍ଯ୍ୟ ।

**ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମ:**

ଦେଶରେ ଉଚ୍ଚମାନର ଶ୍ରମିକ ସୃଷ୍ଟି ଓ ସେମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭାରତ ସରକାର ସ୍କିଲ୍ ଇଣ୍ଡିଆ ବା ଦକ୍ଷ ଭାରତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିପାଇଁ ସରକାର ଦକ୍ଷତା ଓ ଉଦ୍‌ଯୋଗ ବିକାଶ ନାମରେ ଏକ ନୂଆ ମନ୍ତ୍ରଣାଳୟ ଖୋଲିଛନ୍ତି । ଦକ୍ଷତା ବିକାଶ ପାଇଁ ଯେଉଁ ଜାତୀୟ ନୀତି ପ୍ରସ୍ତୁତ ହୋଇଛି ସେଥିରେ ବୈଷୟିକ ବିକାଶ ଓ ଶ୍ରମ ବଜାରର ଚାହିଦାକୁ ଆଖି ଆଗରେ ରଖି ଶ୍ରମଶକ୍ତିକୁ ଅଧିକ ଦକ୍ଷ ଓ ନିଯୁକ୍ତି ଉପଯୋଗୀ କରିବା ବିଷୟ ଗୁରୁତ୍ୱ ପାଇଛି । ଶ୍ରମଶକ୍ତିର ଦକ୍ଷତା ବୃଦ୍ଧି କରି ଉତ୍ପାଦକତା ବଢ଼ାଇବା ସହ ଦେଶର ଅର୍ଥନୀତିକୁ ଅଧିକ ପ୍ରତିଯୋଗୀ କରିବା ଏବଂ ଏହା ମାଧ୍ୟମରେ ଗରିବ ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବାକୁ ଏହି ନୀତିରେ ଉଲ୍ଲେଖ ରହିଛି ।

ପ୍ରଧାନମନ୍ତ୍ରୀ କୁଶଳ ବିକାଶ ଯୋଜନା ଦକ୍ଷତା

ବିକାଶ କ୍ଷେତ୍ରରେ ଗୋଟିଏ କାର୍ଯ୍ୟକ୍ରମ ଯାହା ଶିଳ୍ପ ଉଦ୍ୟୋଗର ଆବଶ୍ୟକତା ଅନୁସାରେ ଶ୍ରମିକଙ୍କୁ ଦକ୍ଷ କରି ପ୍ରସ୍ତୁତ କରିବାକୁ ଉଦ୍ଦିଷ୍ଟ। ଏହାଦ୍ୱାରା ତାଲିମପ୍ରାପ୍ତ ଯୁବକଯୁବତୀ ଯଥାର୍ଥ ନିଯୁକ୍ତି ପାଇପାରିବେ। ଏହି ଯୋଜନାରେ ଯୁବକ ଯୁବତୀମାନଙ୍କୁ ସ୍ୱଳ୍ପ ମିଆଦି ତାଲିମ ଓ ଶିକ୍ଷା ପ୍ରଦାନ କରାଯାଇ ସାର୍ଟିଫିକେଟ ଦିଆଯାଉଛି। ସେହିଭଳି ସ୍କିଲ ଇଣ୍ଡିଆ କାର୍ଯ୍ୟକ୍ରମରେ ଚାକିରି ପ୍ରତ୍ୟାଶୀମାନଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ ସହ ଯେଉଁମାନେ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯାଇ ଯୁଗ ଉପଯୋଗୀ କରାଯାଉଛି।

**ଶ୍ରମଶକ୍ତି ଦକ୍ଷତା ବିକାଶ ପାଇଁ ଥିବା ଆନୁମାନିକ ଶ୍ରମିକଙ୍କ ସଂଖ୍ୟା**

୧. ନୂଆ (ପ୍ରଥମ କରି ଶ୍ରମିକ)
ପ୍ରାୟ ୧୨.୮ ନିୟୁତ (ପ୍ରତିବର୍ଷ)

୨. ସଂଗଠିତ କ୍ଷେତ୍ର - ୨୬ ନିୟୁତ


୩. ଅଣସଂଗଠିତ କ୍ଷେତ୍ର - ୪୩୩ ନିୟୁତ

୪. ୨୦୨୨ ସୁଦ୍ଧା ଦକ୍ଷ ହେବାକୁ ଥିବା ଶ୍ରମିକଙ୍କ ଧାର୍ଯ୍ୟ ଲକ୍ଷ୍ୟ- ୫୦୦ ନିୟୁତ

୫. ଏନ୍‌ଏସ୍‌ଡିସିର ସାଂପ୍ରତିକ ଦକ୍ଷତା - ୩.୧ ନିୟୁତ (ବାର୍ଷିକ) ୨୦୦୪-୦୫ର ତଥ୍ୟ

ସୂତ୍ର : ଜାତୀୟ ଦକ୍ଷତା ବିକାଶ ନୀତି - ୨୦୧୫

ଉପରେ ଦିଆଯାଇଥିବା ସାରଣୀରୁ ଏହା ବୁଝିହେଉଛି ଯେ ସ୍କିଲ ଇଣ୍ଡିଆ ଭାରତ ସରକାରଙ୍କର ଏକ ମହତାକାଂକ୍ଷୀ ଯୋଜନା। ଏଥିରେ ବିଭିନ୍ନ କ୍ଷେତ୍ରର ଶ୍ରମିକଙ୍କୁ ତାଲିମ ପ୍ରଦାନ କରି ଏକ ଦକ୍ଷ ଲୋକଶକ୍ତି ସୃଷ୍ଟି କରିବାର ପ୍ରୟାସ କରାଯାଉଛି। ଶିଳ୍ପ, ଉଦ୍ୟୋଗ ଓ ଦେଶର ଅର୍ଥନୀତିର ଆବଶ୍ୟତାକୁ ଦୃଷ୍ଟିରେ ରଖି ଏହା ତିଆରି ହୋଇଛି। ପ୍ରଧାନମନ୍ତ୍ରୀ କୁଶଳ ବିକାଶ ଯୋଜନା, ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ଜରିଆରେ କାର୍ଯ୍ୟକାରୀ ହେଉଛି। ଅନ୍ୟାନ୍ୟ ଅନୁଷ୍ଠାନ, ପ୍ରତିଷ୍ଠାନ ଓ ସଂଗଠନ ସମୂହଙ୍କୁ ମଧ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଶ୍ରମିକଙ୍କୁ ତାଲିମ ଦେବାକୁ ପ୍ରୋତ୍ସାହିତ କରାଯାଉଛି। ଏଥିପାଇଁ ଜାତୀୟ ଉଦ୍‌ଯୋଗ ଓ କ୍ଷୁଦ୍ର ବ୍ୟବସାୟ ବିକାଶ ପ୍ରତିଷ୍ଠାନ ଗଠନ କରାଯାଇ ତାଲିମ, ପରାମର୍ଶ, ଗବେଷଣା ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଉଛି। ଏହି ପ୍ରତିଷ୍ଠାନ ମଧ୍ୟ ତାଲିମ ପାଠ୍ୟକ୍ରମ ପ୍ରସ୍ତୁତ କରିବା ସହ ତାଲିମଦାତାଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରୁଛି।



**ଉପଯୁକ୍ତ ପରିବେଶ ସୃଷ୍ଟି:**

ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଇନ୍‌କ୍ୟୁବେସନ ସେଣ୍ଟର ବା ଲୋକଶକ୍ତି ପ୍ରସ୍ତୁତି କେନ୍ଦ୍ରମାନ ଖୋଲାଯାଇ ଆବଶ୍ୟକ ଦିଗଦର୍ଶକ (ମେଣ୍ଟର) ନିଯୁକ୍ତ କରାଯାଇଛି। ଏହି ମେଣ୍ଟରମାନେ ଉଦ୍‌ଯୋଗୀ ଛାତ୍ର/ଛାତ୍ରୀଙ୍କୁ ସେମାନଙ୍କ ଷ୍ଟାର୍ଟଅପ୍ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆବଶ୍ୟକ ଦିଗ୍‌ଦର୍ଶନ ଦେଉଛନ୍ତି। ସବୁ ରାଜ୍ୟ ସରକାର ନିଜ

ଭାରତ ସରକାର ଦେଶରେ ଅଧିକ ନିଯୁକ୍ତି ସୃଷ୍ଟି ଓ ଉଦ୍‌ଯୋଗ ବିକାଶ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କ ବଜେଟ ଭାଷଣରେ ଶିକ୍ଷା, ତାଲିମ ଓ ଦକ୍ଷତା ବିକାଶ ଉପରେ ଅଗ୍ରାଧିକାର ଦେଇ ଲୋକ ଶକ୍ତି ଓ ଯୁବଶକ୍ତିକୁ ନିଯୁକ୍ତି ଉପଯୋଗୀ କରିବା କଥା କହିଥିଲେ। ଏହା ସରକାରଙ୍କ ଅଗ୍ରାଧିକାର ବୋଲି ଅର୍ଥମନ୍ତ୍ରୀ କହିବା ସତ୍ତ୍ୱେ ଦେଶରେ ନିଯୁକ୍ତି ଅଭିବୃଦ୍ଧି ପ୍ରାୟ ନାହିଁ ଏବଂ ଏ କ୍ଷେତ୍ରରେ ସରକାରୀ ହସ୍ତକ୍ଷେପ ମୋଟାମୋଟି ପ୍ରଭାବହୀନ ରହିଛି। ୟେରନଷ୍ଟ ଆଣ୍ଡ ୟଙ୍ଗର ଅନୁଧ୍ୟାନ ଅନୁସାରେ ଭାରତରେ ମୋଟ୍ ଶ୍ରମଶକ୍ତିର ମାତ୍ର ୧୦ ଶତାଂଶଙ୍କୁ କିଛି ମାତ୍ରାରେ ଦକ୍ଷତା ବିକାଶ ତାଲିମ ମିଳୁଛି। ଏ କ୍ଷେତ୍ରରେ ଭାରତ ଏକାଧିକ ଆହ୍ୱାନର ସମ୍ମୁଖୀନ। ଦେଶରେ ଏଥିପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ନିର୍ମାଣ ଓ ତାହାକୁ ଚଳାଇ ରଖିବା ପାଇଁ ଅର୍ଥ ପ୍ରତିବନ୍ଧକ ହୋଇଛି। ଆଗାମୀ ଦିନରେ ଭାରତ ସରକାର ଦକ୍ଷ ଲୋକଶକ୍ତି ଅଭାବ ଜନିତ ସମସ୍ୟାର ସମ୍ମୁଖୀନ ହେବେ ବୋଲି କେତେକ ମହଲ ଆଶଙ୍କା ପ୍ରକାଶ କରୁଛନ୍ତି।

ନିଜର ପ୍ରମୁଖ ସହର ସମେତ ରାଜ୍ୟର ଦ୍ୱିତୀୟ ଶ୍ରେଣୀର ସହରଗୁଡ଼ିକରେ ଷ୍ଟାର୍ଟଅପ୍ ହବ୍ ପ୍ରତିଷ୍ଠା କରିବାକୁ ଯୋଜନା କରୁଛନ୍ତି। ଏଥିପାଇଁ ଦକ୍ଷତା ବିକାଶ ଓ ଉଦ୍‌ଯୋଗ ମନ୍ତ୍ରଣାଳୟ ଆବଶ୍ୟକ ପ୍ରୋତ୍ସାହନ ଓ ସହାୟତା ଯୋଗାଇଦେଉଛନ୍ତି।

ଆଇଏସ୍‌ଇଡି ଦ୍ୱାରା ହୋଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ମତାମତ ସଂଗ୍ରହ କରାଯାଇଥିବା ପିଲାଙ୍କ ମଧ୍ୟରୁ ୮୭ ଶତାଂଶ ନିଜର ଷ୍ଟାର୍ଟଅପ୍ ଖୋଲିବାକୁ ଆଗ୍ରହୀ। ସେମାନଙ୍କ ମଧ୍ୟରୁ ୯୦ ଶତାଂଶଙ୍କର ମତ ହେଲା ଭାରତରେ ଉଦ୍‌ଯୋଗ ବିକାଶର ପ୍ରଚୁର ସମ୍ଭାବନା ରହିଛି ଓ ସେମାନେ ତାହାର ସୁଯୋଗ ନେବାକୁ ଆଗ୍ରହୀ। ଅନୁଧ୍ୟାନରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ ଦୁର୍ବଳ ଶ୍ରେଣୀର ୪୯ ଶତାଂଶ ପିଲା ଉଦ୍ୟୋଗୀ ହେବାକୁ ଆଶାୟୀ।

ନୂଆ ଯୁଗର ବ୍ୟବସାୟ, ଉଦ୍ୟୋଗ ଆଶାୟୀ ଓ ନୂଆ କିଛି କରିବାକୁ ଆଗ୍ରହୀ ଯୁବକଯୁବତୀଙ୍କ ପାଇଁ ଉଦ୍‌ଯୋଗ ଏବଂ ଦକ୍ଷତା ହାସଲରେ ପ୍ରବୀଣତା ଲୋଡ଼ା। ଅର୍ଥନୀତି ମଧ୍ୟ କ୍ରମଶଃ ଜ୍ଞାନଭିତ୍ତିକ ହେଉଛି। ଆଧୁନିକ ନିଯୁକ୍ତି କ୍ଷେତ୍ରର ସଂସ୍କୃତି ନୂଆ ଦକ୍ଷତା ଓ ନୂତନ ପ୍ରବୃତ୍ତି ସମ୍ଭାବ୍ୟ କର୍ମଚାରୀଙ୍କଠାରୁ ଦାବି କରେ। ଭାରତର ଦକ୍ଷତା ବିକାଶ ଓ ନିଯୁକ୍ତି କାର୍ଯ୍ୟକ୍ରମରେ ଏହି ଉନ୍ନତ କୌଶଳଲକ୍ଷ୍ୟ ଓ ପ୍ରଗତିଶୀଳ କର୍ମ ମନୋଭାବ ସନ୍ନିବେଶିତ ହେବା ଆବଶ୍ୟକ। ଏହାଦ୍ୱାରା ଏକ ଦକ୍ଷ, ପ୍ରତିଯୋଗିତାମୂଳକ ମାନବ ପୁଞ୍ଜି ସୃଷ୍ଟି ହୋଇପାରିବ।

**ନିଯୁକ୍ତି ଯୋଗ୍ୟ ହେବାର ଦକ୍ଷତା:**

ଉଦ୍‌ଯୋଗୀ ବ୍ୟକ୍ତି ଜଣକ ସର୍ବଦା ସୁବିଧା ସୁଯୋଗ ସନ୍ଧାନରେ ଥାଏ ଏବଂ ବାଧାବିଘ୍ନକୁ ଅତିକ୍ରମ କରି ପୁଞ୍ଜି ଯୋଗାଡ଼ କରିବା ସହ ନୂଆ କିଛି କରି

> ଶିକ୍ଷାନୁଷ୍ଠାନମାନେ ଅର୍ଥାଭାବରୁ ଦକ୍ଷତା ଓ ଉଦ୍‌ଯୋଗ ବିକାଶ ପାଇଁ ଆବଶ୍ୟକ ଗବେଷଣା ଭିତ୍ତିଭୂମି ସୃଷ୍ଟି କରିପାରୁନାହାନ୍ତି। ତେଣୁ ଆବଶ୍ୟକ ଦକ୍ଷ ଓ ତାଲିମପ୍ରାପ୍ତ ଲୋକଶକ୍ତିର ଅଭାବ ପରିଲକ୍ଷିତ ହେଉଛି। ଏହି ସମସ୍ୟାର ମୁକାବିଲା ପାଇଁ ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିବ ଏବଂ ଅଧିକରୁ ଅଧିକ ଦକ୍ଷ ଶ୍ରମଶକ୍ତି ତିଆରି କରିବାକୁ ହେବ। ଏ କ୍ଷେତ୍ରରେ ଚାହିଦା ଓ ଯୋଗାଣ, ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ନିରନ୍ତରତା ରକ୍ଷା ପ୍ରତି ଉଚିତ ନଜର ନ'ଦେଲେ ଏହା ଭବିଷ୍ୟତରେ ବିଭ୍ରାଟ ସୃଷ୍ଟି କରିପାରେ। ଅର୍ଥନୀତି ପାଇଁ ଏକ ନିଯୁକ୍ତି ଯୋଗ୍ୟ ତାଲିମ ପ୍ରାପ୍ତ ଲୋକଶକ୍ତି ପ୍ରସ୍ତୁତ କରିବାରେ ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତା ବିକାଶ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଥିବାରୁ ଏଥିପାଇଁ ଏକ ସ୍ଥାୟୀ ବ୍ୟବସ୍ଥା ସପକ୍ଷରେ ବିଶେଷଜ୍ଞମାନେ ମତଦେଉଛନ୍ତି।


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

ପ୍ରଚଳିତ ବଜାର ବ୍ୟବସ୍ଥାରେ ନିଜ ପାଇଁ ଜାଗା ତିଆରି କରେ। ସେ ତାର ବୁଦ୍ଧି, ବିଦ୍ୟା, ଜ୍ଞାନକୌଶଳ ଓ ଉଦ୍ଭାବନା ଜରିଆରେ ନୂଆ ଜିନିଷ ଉତ୍ପାଦନ କରି ସମାଜରେ ନୂତନ ସମୀକରଣ ଆଣେ। ସେ ମଧ୍ୟ ନୂଆ ଜ୍ଞାନକୌଶଳର ଉପଯୋଗ କରିଥାଏ। ଉଦ୍‌ଯୋଗୀମାନେ ସାଧାରଣତଃ ସ୍ୱାଧୀନମନା ଓ ପରିଶ୍ରମୀ, ସେମାନେ ଆତ୍ମନିର୍ଭରଶୀଳ ପ୍ରିୟ। ନିଜର ରଚନାତ୍ମକ ଗୁଣକୁ ବିନିଯୋଗ କରି ସେମାନେ ନିଜ ପାଇଁ ନୂଆ ପରିବେଶ ଓ ସୁଯୋଗ ସୃଷ୍ଟି କରିଥାନ୍ତି। ସେମାନଙ୍କର ସମସ୍ୟା ସମାଧାନ ଦକ୍ଷତା ଅଧିକ। ଅଧିକ ଧୈର୍ଯ୍ୟଶୀଳ ଓ ଆତ୍ମବିଶ୍ୱାସୀ ଏହି ଲୋକମାନେ ନିଜର ଦଳ ତିଆରି କରିବାରେ ସିଦ୍ଧହସ୍ତ। ତୀବ୍ର ପ୍ରତିଯୋଗିତାମୂଳକ ତଥା ଅସ୍ଥିର ବଜାରରେ ନୂଆ ଉଦ୍‌ଯୋଗୀ ନିଜର ଧନ୍ଦା ବା ବ୍ୟବସାୟକୁ ଛିଡ଼ା କରି ତିଷ୍ଠିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର ହୋଇଥିଲେ ହେଁ ଅସମ୍ଭବ ନୁହେଁ।


ଅତଏବ ଉଦ୍‌ଯୋଗ ଦକ୍ଷତା ଏକ ସମନ୍ୱିତ ଦକ୍ଷତାର ମିଳିତ ପରିପ୍ରକାଶ। ଏଥିରେ ନେଟ୍‌ୱାର୍କିଂ, ଜନସମ୍ପର୍କ, ଲକ୍ଷ୍ୟ ଧାର୍ଯ୍ୟ, ବୃତ୍ତି ବାଛିବା, ବ୍ୟକ୍ତିତ୍ୱ ବିକାଶ, କଥାବାର୍ତ୍ତା ବା ଯୋଗାଯୋଗ ଦକ୍ଷତା ବୃଦ୍ଧି, ଉତ୍ତମ ବ୍ୟବହାର ଏବଂ ବିଶ୍ୱାସନୀୟତା ଭଳି କୋମଳ ଦକ୍ଷତା ଆଦି ଗୁରୁତ୍ୱପୂର୍ଣ୍ଣ। ଏସବୁର ବିକାଶରେ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷା ଦ୍ୱାରା ମଣିଷ ଜଟିଳ ସ୍ଥିତିର ସମ୍ମୁଖୀନ ହେବା ସହ ଧୈର୍ଯ୍ୟର ସହ



ତାହାର ମୁକାବିଲା କରିପାରିବ। ଅହମଦାବାଦରେ ପ୍ରତିଷ୍ଠିତ ଜାତୀୟ ଉଦ୍‌ଯୋଗ ବିକାଶ ପ୍ରତିଷ୍ଠାନ ଏ କ୍ଷେତ୍ରରେ କାର୍ଯ୍ୟକରୁଛି ଏବଂ ଉଦ୍‌ଯୋଗୀଙ୍କୁ ଆବଶ୍ୟକ ପାଠ୍ୟକ୍ରମ, ଶିକ୍ଷା, ତାଲିମ, କୁଶଳ ବିକାଶ ଯୋଗାଣରେ ସହାୟତା ଦେଉଛି। ସେହିଭଳି ପିଲାମାନଙ୍କୁ ଖୁବ୍ କମ ବୟସରେ ଉଦ୍‌ଯୋଗ ବିକାଶ ସମ୍ପର୍କରେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଦାନର ବ୍ୟବସ୍ଥା ଏହି ପ୍ରତିଷ୍ଠାନ କରୁଛି। ଏଥିରେ ୧.୫ ନିୟୁତ ସ୍କୁଲ ଓ ୩୧୫ ନିୟୁତ ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ ହୋଇଛନ୍ତି। ଭାରତର ସ୍କୁଲ ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସବୁଠୁ ବଡ଼। ତେଣୁ କମ୍ ବୟସରୁ ପିଲାମାନଙ୍କୁ ଉଦ୍‌ଯୋଗ ବିକାଶ ସଂକ୍ରାନ୍ତ ଜ୍ଞାନ ଓ ତାଲିମ ପ୍ରଦାନ କରାଗଲେ ସେମାନେ ଭବିଷ୍ୟତର ନିଯୁକ୍ତି ସୃଷ୍ଟିକାରୀ ହୋଇପାରିବେ।

**ଦକ୍ଷତା ବିକାଶ କାର୍ଯ୍ୟକ୍ରମ:**

ଉଦ୍‌ଯୋଗ ବିକାଶ ପାଇଁ କୋମଳ ଦକ୍ଷତାର ବିକାଶ ଅପରିହାର୍ଯ୍ୟ। ଏହି କୋମଳ ଦକ୍ଷତା ହେଲା ଗୋଟିଏ ଦଳ ବା ଗୋଷ୍ଠୀରେ ରହି କାମ କରିବା, ନେତୃତ୍ୱ ନେବାର କଳା, ଅଧିକ ଭାଷା ଶିଖିବାର ଦକ୍ଷତା, ବ୍ୟକ୍ତିଗତ ଆଚରଣ ଇତ୍ୟାଦି। ଏସବୁ ଦ୍ୱାରା ଜଣେ ବ୍ୟକ୍ତି ନିଜର ଦକ୍ଷତା ବିକାଶ କରିବାରେ ସମର୍ଥ ହୋଇଥାଏ। ଦକ୍ଷତା, ଯୋଗ୍ୟତା ଓ କାର୍ଯ୍ୟନିର୍ବାହ କ୍ଷମତା ଥିବା



ଉଦ୍‌ଯୋଗୀ ବା ବ୍ୟକ୍ତି ଶିଳ୍ପୋଦ୍ୟୋଗର ବିଭିନ୍ନ କ୍ଷେତ୍ରରେ ସଫଳତାର ସହ କାମ କରିପାରିଥାନ୍ତି। ଅତଏବ ନୂଆ ଉଦ୍ୟୋଗ ଆରମ୍ଭ କରିବାକୁ ପ୍ରୟାସୀ ପ୍ରତ୍ୟେକ ବ୍ୟକ୍ତି ଉଦ୍‌ଯୋଗ ବିକାଶର ସମସ୍ତ ତାଲିମ ଓ ଶିକ୍ଷା ଗ୍ରହଣ କରିବା ଉଚିତ। ଏହା ସେମାନଙ୍କୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ବିଭିନ୍ନ ଧନ୍ଦା ବା ବୃତ୍ତିକୁ ଆଖି ଆଗରେ ରଖି ଆଗ୍ରହୀ ଯୁବକଯୁବତୀମାନଙ୍କୁ କାର୍ଯ୍ୟ ଭିତ୍ତିକ ତାଲିମ ଓ ଦକ୍ଷତା ବିକାଶ ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଛି। ଏହା ସେମାନଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଛି। ବିଭିନ୍ନ ବ୍ୟାପାର ଓ ଧନ୍ଦା ପାଇଁ ଆଲୋଚନାଚକ୍ର, କର୍ମଶାଳା, ପ୍ରଶିକ୍ଷଣ ଓ ତାଲିମର ବ୍ୟବସ୍ଥା କରାଯାଉଛି।



ଏହା ଛଡ଼ା ଅଧିକ ଦକ୍ଷ ଲୋକଶକ୍ତି ସୃଷ୍ଟି କରିବା ପାଇଁ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ସେଗୁଡ଼ିକ ହେଲା ଲିଙ୍ଗଗତ ବୈଷମ୍ୟର ବିଲୋପ ଓ ମହିଳାଙ୍କୁ ସମାନ ସୁବିଧା, ବଞ୍ଚିତ ଓ ଦରିଦ୍ରବର୍ଗଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା କରି ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା, ବିଭିନ୍ନ ବିଷୟରେ ତାଲିମ ପ୍ରଦାନ ଓ ଏଥିରେ ବିବିଧତା, ବିଶେଷଜ୍ଞ ଓ ଅଭିଜ୍ଞ ଲୋକଙ୍କୁ ଅଧିକରୁ ଅଧିକ ତାଲିମ ତଥା ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ନିୟୋଜିତ କରିବା, ତାଲିକାକୁ ଆନ୍ତର୍ଜାତିକ ସ୍ତରର କରିବା ସହ ଏଥିପାଇଁ ସେହି ମାନର ଭିତ୍ତିଭୂମି ନିର୍ମାଣ, ତାଲିମର ଉପଯୁକ୍ତ ମୂଲ୍ୟାୟନ ଓ ସମୟାନ୍ତର ମୂଲ୍ୟାୟନ। ବିଭିନ୍ନ ବେସରକାରୀ ସଂସ୍ଥା ଏବଂ ସଂଗଠନକୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ ଏବଂ ତାଲିମ ଓ ଦକ୍ଷତା ବିକାଶ ପାଇଁ ଆବଶ୍ୟକ ପାଣ୍ଠିର ବ୍ୟବସ୍ଥା କରିବା। ଏହାଛଡ଼ା ହାଇଟେକ୍ ଜ୍ଞାନକୌଶଳ ଦ୍ୱାରା ତାଲିମ ପ୍ରଦାନ ତଥା ଇନ୍‌କ୍ୟୁବେସନ ସେଣ୍ଟରମାନ ପ୍ରତିଷ୍ଠା କରିବାକୁ ପଡ଼ିବ।



**ଉପସଂହାର:**

ନ୍ୟୁ ଇଣ୍ଡିଆ ନିର୍ମାଣ ପାଇଁ ଦକ୍ଷ, ତାଲିମପ୍ରାପ୍ତ ଓ ବିକଶିତ ଲୋକଶକ୍ତିର ଆବଶ୍ୟକତା ରହିଛି। ଏହି ଦକ୍ଷ ଲୋକଶକ୍ତି ବିନା ନୂଆ ପ୍ରଯୁକ୍ତି ଓ ଜ୍ଞାନ କୌଶଳ ଆପଣେଇବା ସହଜ ହେବ ନାହିଁ। ସେଥିପାଇଁ ହାଇସ୍କୁଲ ସ୍ତରରୁ ପିଲାଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ହେବ। ସେମାନଙ୍କୁ ନାନାବିଧ ତାଲିମ ଦେଇ ଦକ୍ଷ ଓ ସୁଯୋଗ୍ୟ କରିବାକୁ ପଡ଼ିବ। ଏ କ୍ଷେତ୍ରରେ ଆନ୍ତ୍ରେପ୍ରିନିୟରସିପ୍ ସ୍କୁଲ, ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ, ଇନ୍‌କ୍ୟୁବେସନ ସେଣ୍ଟର ସରକାରୀ ଓ ଅନ୍ୟାନ୍ୟ ସଂସ୍ଥାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଯାଇ ନ୍ୟୁ ଇଣ୍ଡିଆ ଗଠନ ପ୍ରୟାସ ପାଇଁ ଚାଲିଥିବା ପ୍ରସ୍ତୁତି ସଫଳ ହେବ।

ଲେଖକ ଡକ୍ଟର ଦ୍ୱିବେଦୀ ଅହମଦାବାଦସ୍ଥିତ ଉଦ୍‌ଯୋଗ ବିକାଶ ପ୍ରତିଷ୍ଠାନରେ ଅଧ୍ୟାପନାରତ।
ସହ ଲେଖକ ବେଲୁସାମୀ ସେହି ପ୍ରତିଷ୍ଠାନରେ ଗବେଷଣା ସହାୟକ ଭାବେ କାର୍ଯ୍ୟକରୁଛନ୍ତି।

# ଲୋକାର୍ପିତ ହେଲା ଓଏନଜିସି ଅଫିସ, ଦୀନ ଦୟାଲ ଉର୍ଜା ଭବନ ଏବଂ ସୌଭାଗ୍ୟ ଯୋଜନା




ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହର ଘର ଯୋଜନାକୁ ଲୋକାର୍ପିତ କରିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି । ନୂଆ ଦିଲ୍ଲୀ ଠାରେ ଓଏନଜିସି କର୍ପୋରେଟ ଅଫିସ ପଣ୍ଡିତ ଦୀନଦୟାଲ ଉର୍ଜା ଭବନ ଉଦଘାଟନ ଅବସରରେ ସବୁ ଘରକୁ ବିନା ଶୁଳ୍କରେ ବିଜୁଳି ସଂଯୋଗ ଯୋଜନା ସୌଭାଗ୍ୟକୁ ଲୋକାର୍ପିତ କରିଛନ୍ତି ।

ଗରୀବ କଲ୍ୟାଣ ହିଁ ତାଙ୍କ ସରକାରଙ୍କ ମୂଳ ପରିଚୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଜନ ଧନ ଯୋଜନା ଠାରୁ ଆରମ୍ଭ କରି ସ୍ୱଚ୍ଛ ଭାରତ ଅଭିଯାନ ପର୍ଯ୍ୟନ୍ତ, ଉଜ୍ୱଳା ଠାରୁ ଆରମ୍ଭ କରି ମୁଦ୍ରା ଯୋଜନା, ଷ୍ଟାର୍ଟ ଅପ୍ ଠାରୁ ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ଉଜାଲା ଠାରୁ ଉଡାନ ପର୍ଯ୍ୟନ୍ତ ତାଙ୍କ ସରକାର ଗରୀବ ମାନଙ୍କ ପାଇଁ ସମର୍ପିତ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି । ସୌଭାଗ୍ୟ ଯୋଜନାରେ ସରକାର ଦେଶର ଗାଁରେ ହେଉ ବା ସହରରେ ହେଉ ସମସ୍ତ ଘରକୁ ବିନା ଶୁଳ୍କରେ ବିଜୁଳି ସଂଯୋଗ ଯୋଗାଇ ଦେବେ ।

କୌଣସି ଗରୀବ ଠାରୁ ବିଜୁଳି ସଂଯୋଗ ପାଇଁ କୌଣସି ଶୁଳ୍କ ନିଆ ଯିବ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ସରକାର ଗରୀବଙ୍କ ଘରେ ପହଂଚି ବିଜୁଳି ସଂଯୋଗ ପ୍ରଦାନ କରିବେ । ଯେଉଁ ବିଜୁଳି ସଂଯୋଗ ପାଇଁ ଗରୀବ ଲୋକଙ୍କୁ ଗାଁ ମୁଖିଆଙ୍କ ଘର କିମ୍ବା ସରକାରୀ କାର୍ଯ୍ୟାଳୟକୁ ବାରମ୍ବାର ଦଉଡିବାକୁ ପଡୁଥିଲା, ସେହି ଗରୀବଙ୍କ ଘରକୁ ଯାଇ ସରକାର ନିଜେ ବିଜୁଳି ସଂଯୋଗ ପ୍ରଦାନ କରିବ । କୌଣସି ଟଙ୍କା ଶୁଳ୍କ ନ ଦେଇ ବିଜୁଳି ସଂଯୋଗ ମିଳିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଦେଶର ପ୍ରତ୍ୟେକ ଗରୀବର ଘରକୁ ବିଜୁଳି ସଂଯୋଗ ପହଂଚାଇବା ପାଇଁ ୧୬ ହଜାର କୋଟି ଟଙ୍କାରୁ ଉର୍ଦ୍ଧ ଖର୍ଚ୍ଚ ହେବ । ଏହାର ବୋଝ କୌଣସି ଗରୀବ ବ୍ୟକ୍ତି ଉପରେ ନ ପଡିବ ଏହା ଆମେ ସ୍ଥିର କରିଛୁ ବୋଲି ସେ କହିଛନ୍ତି ।

ଏହି ସରକାର ଗରୀବ ମାନଙ୍କୁ ସୌଭାଗ୍ୟ ଦେବାର ସଂକଳ୍ପ ନେଇଛି । ଗରୀବଙ୍କ ସୌଭାଗ୍ୟର ଏହି ସଂକଳ୍ପକୁ ଆମେ ସିଦ୍ଧ କରି ରହିବୁ ବୋଲି ସେ କହିଛନ୍ତି । ଆଜି ଆମ ଦେଶର ଚାରି କୋଟି ଘରେ ବଲ୍‌ବ ତ ଦୂରର କଥା ବିଜୁଳି ପହଂଚି ପାରି ନାହିଁ । ଆଜି ମଧ୍ୟ ଏହି ଘର ମାନଙ୍କରେ ଲଣ୍ଠନ ଓ ମହମବତୀ ଜଳୁଛି । ବିଜୁଳି ନ ଥିବା ଘର ମାନଙ୍କରେ ବିଜୁଳିର ସଂଯୋଗ ପହଂଚିଲେ ସେମାନଙ୍କର ଭାଗ୍ୟ ଚମକିବ, ସେମାନଙ୍କ ପାଇଁ ସୌଭାଗ୍ୟ ହେବ ବୋଲି ସେ କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତିନି ବର୍ଷ ଶାସନରେ ପୂର୍ବ ସରକାର ମାନଙ୍କ ପରି ଯୋଜନାକୁ ସ୍ଲୋଗାନ ବା ନାରାରେ ସୀମିତ କରି ନାହାନ୍ତି ବୋଲି କହିଛନ୍ତି । ସେ କହିଛନ୍ତି ଯେ ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ଲକ୍ଷ୍ୟ ହାସଲ କରିବା ମୋଦି ସରକାରର ପରିଚୟ ଦେଇଛି । ସେ କହିଛନ୍ତି ଯେ ୩୬ ମାସରେ ପାଂଚ କୋଟି ଉଜ୍ୱଳା ଗ୍ୟାସ ସଂଯୋଗ ଦେବାର ପ୍ରତିଶ୍ରୁତି ପ୍ରଧାନମନ୍ତ୍ରୀ ଦେଇଥିବା ବେଳେ ୧୭ ମାସରେ ତିନି କୋଟିରୁ ଉର୍ଦ୍ଧ୍ୱ ଗରୀବ ମହିଳା ମାନଙ୍କୁ ଏହି ଯୋଜନାରେ ସାମିଲ କରା ଯାଇ ଘରୋଇ ଧୂଆଁରୁ ମୁକ୍ତି ପ୍ରଦାନ କରାଯାଇଛି । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଯୋଜନା ଲାଗୁ କରି ୩୦ ହଜାର କୋଟି ଟଙ୍କା ବଂଚା ଯାଇ ପାରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଓଏନଜିସି ସ୍ୱଚ୍ଛ ଭାରତ ଯୋଜନାରେ ସ୍କୁଲ, ବିଶେଷ ଭାବରେ ଛାତ୍ରୀ ମାନଙ୍କ ପାଇଁ ୩ ଶହ କୋଟି ଟଙ୍କା ବ୍ୟୟରେ ଟଏଲେଟ ନିର୍ମାଣ କାର୍ଯ୍ୟ କରିଛନ୍ତି । ଯୁବ ଶକ୍ତିକୁ ରୋଜଗାର ସହ ଯୋଡିବା ପାଇଁ ୧୦୦ କୋଟିର ଷ୍ଟାର୍ଟ ଅପ୍ ଫଣ୍ଡ ଓଏନଜିସି ତିଆରି କରିଛି ବୋଲି ଶ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମରେ କହିଥିଲେ ।

# ସଂକଳ୍ପରୁ ସିଦ୍ଧି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ଭାରତ ଛାଡ ଆନ୍ଦୋଳନର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ 'କରିବୁ ଓ କରିକି ରହିବୁ' ଆହ୍ୱାନକୁ ଯୁବପିଢୀଙ୍କୁ ଶପଥ ପାଠ କରାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଠାରେ ରାଷ୍ଟ୍ରାୟତ ଉଦ୍ୟୋଗ ଏମ୍‌ସିଏଲ ଦ୍ୱାରା ସଂକଳ୍ପରୁ ସିଦ୍ଧି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଲମ୍ବା ସ୍ୱାଧୀନତା ସଂଗ୍ରାମ ପରେ ୧୯୪୨ ଅଗଷ୍ଟ ୯ ତାରିଖରେ ଗାନ୍ଧିଜୀଙ୍କ ନେତୃତ୍ୱରେ ନିର୍ଣ୍ଣାୟକ ଭାରତ ଛାଡର ଡାକରା ଦିଆଯାଇଥିଲା । ୧୯୪୭ ଅଗଷ୍ଟ ୧୫ରେ ଭାରତକୁ ରାଜନୈତିକ ସ୍ୱାଧୀନତା ମିଳିଛି । ସ୍ୱାଧୀନତା ପାଇଁ ବଳିଦାନ ଦେବାର ଆଉ ଆବଶ୍ୟକତା ନାହିଁ । ଦେଶ ନିର୍ମାଣରେ ଦେଶର ସବୁ ବର୍ଗର ଲୋକଙ୍କର ଭାଗିଦାରୀରେ ନୂଆ ଭାରତ ଓ ନୂଆ ଭାରତରେ ନୂଆ ଓଡିଶା ଗଢିବା ସମୟର ଆହ୍ୱାନ ବୋଲି ଶ୍ରୀ ପ୍ରଧାନ କହିଛନ୍ତ। ସ୍ୱାଧୀନତାର ୭୫ ବର୍ଷ ୨୦୨୨ ସୁଦ୍ଧା ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଓଡିଆ ଲୋକମାନେ ଆଗେଇ ଆସିବା ପାଇଁ ସେ ଆହ୍ୱାନ ଜଣାଇଛନ୍ତି । ୨୦୨୨ ସୁଦ୍ଧା ସ୍ୱଚ୍ଛ,ଗରିବୀ ମୁକ୍ତ ,ଭ୍ରଷ୍ଟାଚାର ମୁକ୍ତ,ଆତଙ୍କବାଦ ମୁକ୍ତ,ସମ୍ପ୍ରଦାୟବାଦ ମୁକ୍ତଭାରତ ଗଠନ ପାଇଁ ସଂକଳ୍ପ ପାଠ କରାଇବା ସହ କଠିନ ପରିଶ୍ରମ ଦ୍ୱାରା ସଂକଳ୍ପରୁ ସିଦ୍ଧି ସମ୍ଭବ ବୋଲି ସେ କହିଛନ୍ତି । ସେ କହିଛନ୍ତି କେନ୍ଦ୍ରରେ ମୋଦି ସରକାର ସ୍ୱାଧୀନତାର ୭୦ ବର୍ଷରେ ଅବହେଳିତ ସାଧାରଣ ଗରୀବ ଲୋକଙ୍କ ବିକାଶ ପାଇଁ ସମର୍ପିତ । ଦେଶର ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଗରୀବ ଘରେ ପାଇଖାନାର ଘୋଷଣା କରିଥିଲେ। ଗରୀବ ଘରେ ପାଇଖାନା ଲାଗିଲେ ମା ଭଉଣୀଙ୍କ ସମ୍ମାନ ସ୍ୱାଭିମାନ ବଢିବା ସହ ସେମାନେ ସଶକ୍ତ ହୁଅନ୍ତି । ଗରୀବ ମା' କାଠ ଚୁଲୀ , ଘଷି ଧୂଆଁରୁ ମୁକ୍ତ ହୋଇ ଏଲପିଜିରେ ରୋଷେଇ କଲେ ସେମାନଙ୍କର ସ୍ୱାସ୍ଥ୍ୟ ଓ ସମ୍ମାନ ସୁରକ୍ଷିତ ହୁଏ। ତେଣୁ ମୋଦି ସରକାର ଗରୀବଙ୍କୁ ଦୀର୍ଘ ଦିନରୁ ଅଣଦେଖାରୁ ମୁକ୍ତ କରିବାପାଇଁ ଗରୀବ କଲ୍ୟାଣକୁ ସରକାର ମନ୍ତ୍ର କରିଛନ୍ତି ବୋଲି ଶ୍ରୀ ପ୍ରଧାନ ତାଙ୍କ ଉଦବୋଧନରେ କହିଛନ୍ତି । ଏହି ଉତ୍ସବରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଜ୍ଞାପନ ଓ ଦୃଶ୍ୟପ୍ରଚାର ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ "ନୂତନ ଭାରତ ସଂକଳ୍ପରୁ ସିଦ୍ଧି" ଶୀର୍ଷକ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଗତ ୩ ବର୍ଷର କେନ୍ଦ୍ର ସରକାରଙ୍କ ସଫଳତା ଫଟୋ ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ପ୍ରଥମ ବୈଠକ


ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ପ୍ରଥମ ବୈଠକ ନୀତି ଆୟୋଗର ବରିଷ୍ଠ ସଦସ୍ୟ ଡ. ବିବେକ ଦେବରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୬ ମାସ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଶେଷ ସୋପାନ ପର୍ଯ୍ୟନ୍ତ ପହଂଚିବା ଲାଗି ବୃହତ ପ୍ରାଥମିକତା ପ୍ରତି ଏଥିରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବୈଠକରେ ପରିଷଦର ଅନ୍ୟ ସଦସ୍ୟ ଜଣାଶୁଣା ଅର୍ଥଶାସ୍ତ୍ରବିତ୍ ଡ. ସୁରଜିତ୍ ଭାଲ୍ଲା, ଡ. ରତିନ୍ ରାୟ, ଡ. ଅସୀମା ଗୋଏଲ୍‌ଙ୍କ ସମେତ ପରିଷଦର ସଦସ୍ୟ ସଚିବ ତଥା ନୀତି ଆୟୋଗର ପ୍ରମୁଖ ପରାମର୍ଶଦାତା ପୂର୍ବତନ ଅର୍ଥ ସଚିବ ରତନ ପି ୱଟାଲ୍ ଉପସ୍ଥିତ ଥିଲେ । ପରିଷଦର ସଦସ୍ୟମାନେ ବର୍ତ୍ତମାନର ଆର୍ଥିକ ସ୍ଥିତି, ବିତ୍ତୀୟ ଏବଂ ଆର୍ଥିକ ନୀତି ପରିବେଶର ସମୀକ୍ଷା କରିବା ସହିତ ଅଧିକ ଧ୍ୟାନ ଦିଆଯିବାକୁ ଥିବା ପ୍ରମୁଖ ପ୍ରସଙ୍ଗଗୁଡ଼ିକୁ ଚିହ୍ନଟ କରିଥିଲେ ।

ନିଜର ଉପସ୍ଥାପନାରେ ପ୍ରମୁଖ ଅର୍ଥ ପରାମର୍ଶଦାତା ଡ. ଅରବିନ୍ଦ ସୁବ୍ରମଣ୍ୟମ୍ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ସହିତ ବିଭିନ୍ନ ନୀତି ସଂଚାଳକଗୁଡ଼ିକର ବ୍ୟବହାର କରି ନିବେଶ ଏବଂ ରପ୍ତାନି ବୃଦ୍ଧି ଉପରେ ଆଲୋକପାତ କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ୧୦ଟି ବିଷୟବସ୍ତୁ ନିର୍ଦ୍ଧାରଣ କରିଥିଲେ । ଏହାର ଆଧାରରେ ଆସନ୍ତା ମାସଗୁଡ଼ିକରେ ପରିଷଦର ରିପୋର୍ଟ ପ୍ରସ୍ତୁତ କରାଯିବ ଏବଂ ସମ୍ପୃକ୍ତ ଗୋଷ୍ଠୀ ଦ୍ୱାରା ବିକଶିତ କରାଯିବ । ଯାହାର ନେତୃତ୍ୱ ସଦସ୍ୟମାନେ ନେବେ। ବିଭିନ୍ନ କ୍ଷେତ୍ରୀୟ ମନ୍ତ୍ରୀମଣ୍ଡଳ, ରାଜ୍ୟ, ବିଶେଷଜ୍ଞ, ଅନୁଷ୍ଠାନ, ଘରୋଇ କ୍ଷେତ୍ର ଏବଂ ଅନ୍ୟ ପ୍ରମୁଖ ଅଂଶୀଦାରଙ୍କ ସହ ପରାମର୍ଶ କ୍ରମେ ଏହାକୁ ବିକଶିତ କରାଯିବ । ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଯେଉଁ ୧୦ଟି ବିଷୟବସ୍ତୁ ନିର୍ଦ୍ଧାରଣ କରାଯାଇଛି ସେଗୁଡ଼ିକ ହେଲା – ନିଯୁକ୍ତି ଓ ଚାକିରି ସୃଷ୍ଟି, ଅସଂଗଠିତ କ୍ଷେତ୍ର ଓ ଏକୀକରଣ, ବୀତ୍ତିୟ ଫ୍ରେମ୍‌ୱାର୍କ, ମୁଦ୍ରା ନୀତି, ସାର୍ବଜନୀନ ବ୍ୟୟ, ଆର୍ଥିକ ପ୍ରଶାସନ ଓ ଅନୁଷ୍ଠାନଗୁଡିକର ସଶକ୍ତିକରଣ, କୃଷି ଓ ପଶୁପାଳନ, ଉପଯୋଗ ଓ ଉତ୍ପାଦନର ଧାରା ଏବଂ ସାମାଜିକ କ୍ଷେତ୍ର ।

ଏଥିରେ ଅନ୍ୟ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି ଗୁରୁତ୍ୱ ଦିଆଯାଇଥିଲା ତାହା ହେଉଛି ସାମ୍ଭାବ୍ୟ ମେକାନିଜମ୍ ଜରିଆରେ ଦକ୍ଷତାପୂର୍ଣ୍ଣ ଭାବେ ପ୍ରମୁଖ ଅର୍ଥନୈତିକ ପାରାମିଟରଗୁଡ଼ିକୁ ଠାବ କରିବା ଏବଂ ଏହା ମାଧ୍ୟମରେ ଏକ ଅର୍ଥନୈତିକ ଟ୍ରାକ୍ ମନିଟର ଗଠନ କରିବା । ଲିଡ୍ ଇଣ୍ଡିକେଟରଗୁଡ଼ିକୁ ବ୍ୟବହାର କରିବା ଏବଂ ସୂଚିତ ଆକଳନ ଏବଂ ସମୀକ୍ଷା ଦ୍ୱାରା ପଦକ୍ଷେପକୁ ତ୍ୱରାନ୍ୱିତ କରିବା। ପ୍ରମୁଖ ସମସ୍ୟାଗୁଡ଼ିକର ସମାଧାନ ଲାଗି ସଦସ୍ୟମାନଙ୍କ ଦ୍ୱାରା ସ୍ୱତନ୍ତ୍ର ପ୍ରସଙ୍ଗ ପେପର/ଚିଠା ପ୍ରସ୍ତୁତ କରାଯିବ ଏବଂ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଅନୁଷ୍ଠାନଗୁଡ଼ିକ ସହ ଯୋଗାଯୋଗ ପ୍ରତିଷ୍ଠା ଲାଗି ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା।




Mahatma Gandhi
His Life & Message
Satyagraha
THE COLLECTED WORKS OF MAHATMA GANDHI
MAHATMA GANDHI A Great Life in Brief
A Thought for the Day
ALL ARE EQUAL in the EYES of GOD
THE MESSAGE OF MAHATMA GANDHI
MAHATMA GANDHI AS STUDENT
GANDHI A PATRIOT IN SOUTH AFRICA
Publications Division
Ministry of Information and Broadcasting
Government of India
For your colpies and business queries, please contact :
011-24367260,24365609
e-mail: businesswng@gmail.com
website: publicationsdivision.nic.in
www.facebook.com/publicationsdivision
Also Available e-books on Gandhian Literature at play.google.com and kobo.com

YOJANA (Odia) : Monthly October 2017 RNI No. 57203/93
ISSN 0971-8346 Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash